ବର୍ଷ-୨୫, ସଂଖ୍ୟା-୧୨୪
ଭୁବନେଶ୍ୱର
୦୭, ମଇ, ୨୦୨୫ ବୁଧବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-25, Issue No. 124
Bhubaneswar
07,May, 2025, Wednesday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat



ପାକିସ୍ତାନୀ ଅଭିନେତାଙ୍କ ଫିଲ୍ମକୁ ସପୋର୍ଟ କଲେ ପ୍ରକାଶରାଜ

# ଆଜି ଦେଶର ୨୪୪ ଜିଲ୍ଲାରେ ମକ୍‌ଡ୍ରିଲ୍

**ନୂଆଦିଲ୍ଲୀ,୬।୪(ମହାଭାରତ):** ପହଲଗାମ ଆତଙ୍କବାଦୀ ଆକ୍ରମଣର ପ୍ରତିଶୋଧ ନେବାକୁ ଭାରତ ୧୯୭୧ ଭଳି ଯୁଦ୍ଧ ଲଢ଼ିବାର ଯୋଜନା କରିଥିବା କୁହାଯାଉଛି। ଏନଏସଏ ଅଜିତ ଡୋଭାଲଙ୍କ ନିର୍ଦ୍ଦେଶରେ ସମ୍ଭାବ୍ୟ ଭାରତ-ପାକିସ୍ତାନ ଯୁଦ୍ଧ ପୂର୍ବରୁ ଦେଶର ୨୪୪ ଜିଲ୍ଲାର ତିନି ଶହରୁ ଊର୍ଦ୍ଧ୍ୱ ଅଞ୍ଚଳରେ ଆସନ୍ତାକାଲି ମକ୍ ଡ୍ରିଲ୍ ଅନୁଷ୍ଠିତ ହେଉଛି। ବାଲୁଚସ୍ତାନକୁ ନେଇ ଭାରତ ରଣନୀତି ପ୍ରସ୍ତୁତ କରିଛି।

ଏ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲଙ୍କ ସହ ଏକ ବୈଠକରେ ମିଳିତ ହୋଇଥିଲେ, ଯେଉଁଥିରେ ଏହି ଆତଙ୍କବାଦୀ ଆକ୍ରମଣର ପ୍ରତିକ୍ରିୟା ସମ୍ପର୍କରେ ଆଲୋଚନା ହୋଇଥିବା ଜଣାପଡ଼ିଛି। ଏହା ସହିତ କେନ୍ଦ୍ର ଗୃହ ମନ୍ତ୍ରଣାଳୟ ପକ୍ଷରୁ ମେ ୭ ତାରିଖରେ ସମଗ୍ର ଦେଶରେ ୨୪୪ଟି ସିଭିଲ ଡିଫେନ୍ସ ଜିଲ୍ଲାରେ ସୁରକ୍ଷା ଆୟୋଜନ ପାଇଁ ନିର୍ଦ୍ଦେଶ ଜାରି କରାଯାଇଛି। ଏହି ମକଡ୍ରିଲରେ ନାଗରିକ ଓ ଛାତ୍ରଛାତ୍ରୀଙ୍କୁ ଶତ୍ରୁତାପୂର୍ଣ୍ଣ ଆକ୍ରମଣ ସମୟରେ ସୁରକ୍ଷା ପାଇଁ ତାଲିମ ଦିଆଯିବ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ମଙ୍ଗଳବାର ଭେଟିଛନ୍ତି ଜାତୀୟ ସୁରକ୍ଷା ପରାମର୍ଶଦାତା (ଏନଏସଏ) ଅଜିତ ଡୋଭାଲ। ବିଗତ ୪୮ ଘଣ୍ଟା ମଧ୍ୟରେ ଡୋଭାଲ ପ୍ରଧାନମନ୍ତ୍ରୀଙ୍କୁ ଦୁଇ ଥର ଭେଟି ଭାରତର ପ୍ରସ୍ତୁତି ସମ୍ପର୍କରେ ଅବଗତ କରାଇଛନ୍ତି। ବୁଧବାର ଦେଶବ୍ୟାପୀ ନାଗରିକ ସୁରକ୍ଷା ଅଭ୍ୟାସ ଅନୁଷ୍ଠିତ ହେବାକୁ ଥିବାବେଳେ ଏହା ପୂର୍ବରୁ ଡୋଭାଲ ମୋଦୀଙ୍କୁ ଭେଟି ସବିଶେଷ ତଥ୍ୟ ପ୍ରଦାନ କରିଛନ୍ତି।



ଏହି ବୈଠକ ପାକିସ୍ତାନର ଅଭିଯୋଗ ପରେ ହୋଇଛି, ଯେଉଁଥିରେ ପାକିସ୍ତାନ କହିଛି ଯେ ଭାରତ ଚେନାବ ନଦୀର ଜଳପ୍ରବାହକୁ ଅବରୋଧ କରି ଖରିଫ୍ ଫସଲ ଋତୁକୁ ବିପଦରେ ପକାଇଛି। ସୂତ୍ର ଅନୁଯାୟୀ, ଏହି ବୈଠକରେ ଜାତୀୟ ସୁରକ୍ଷା ଏବଂ ଆଞ୍ଚଳିକ ପରିସ୍ଥିତି ଉପରେ ଆଲୋଚନା ହୋଇଛି। ଡୋଭାଲ ଏବଂ ମୋଦୀଙ୍କ ମଧ୍ୟରେ ଏହି ଆଲୋଚନା ପ୍ରାୟ ଏକ ଘଣ୍ଟା ଧରି ଚାଲିଥିଲା। ବୈଠକରେ ସିନ୍ଧୁ ଜଳ ଚୁକ୍ତି ଏବଂ ପାକିସ୍ତାନର ଅଭିଯୋଗକୁ ନେଇ ଭାରତର ଆଗାମୀ ପଦକ୍ଷେପ ଉପରେ ବିଚାର କରାଯାଇଥିବା ଜଣାପଡ଼ିଛି।

ପାକିସ୍ତାନ ଦାବି କରିଛି, ଭାରତ ଜମ୍ମୁର ବାଗଲିହାର ଓ ସାଲାଲ ଡ୍ୟାମରେ ଜଳ ଅଟକାଇ ରଖିଛି, ଯାହା ତାଙ୍କ କୃଷି ଉପରେ ଗୁରୁତର ପ୍ରଭାବ ପକାଇପାରେ। ଏହା ବ୍ୟତୀତ, ବୈଠକରେ ସୀମାନ୍ତ ଉତ୍ତେଜନା ଏବଂ ଆତଙ୍କବାଦୀ ଘଟଣା ଉପରେ ମଧ୍ୟ ଆଲୋଚନା ହୋଇଥାଇପାରେ। ଡୋଭାଲ ପ୍ରଧାନମନ୍ତ୍ରୀଙ୍କୁ ସାମ୍ପ୍ରତିକ ସୁରକ୍ଷା ପରିସ୍ଥିତି ବିଷୟରେ ଅବଗତ କରାଇଥିବା ସୂଚନା ମିଳିଛି। ସରକାରୀ ସୂତ୍ରରୁ କୌଣସି ଆନୁଷ୍ଠାନିକ ବିବୃତି ଜାରି ହୋଇନାହିଁ, କିନ୍ତୁ ଏହି ବୈଠକ ଭାରତର ରାଷ୍ଟ୍ରୀୟ ସୁରକ୍ଷା ନୀତି ଏବଂ କୂଟନୈତିକ ପଦକ୍ଷେପ ପାଇଁ ଗୁରୁତ୍ୱପୂର୍ଣ୍ଣ ବୋଲି ବିବେଚନା କରାଯାଉଛି।

ଅନ୍ୟପଟେ ପ୍ରଧାନମନ୍ତ୍ରୀ ମୋଦୀ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ, ଏନଏସଏ ଡୋଭାଲ, ସିଡିଏସ ଅନିଲ ଚୌହାନ ଏବଂ ୩ ସେନାର ମୁଖ୍ୟଙ୍କ ସହିତ ଏକାଧିକ ଥର ଉଚ୍ଚ ସ୍ତରୀୟ ବୈଠକ କରି ପାକିସ୍ତାନ ଏବଂ ଲଶ୍କର-ଏ-ତଇବା ଆତଙ୍କବାଦୀ ସଂଗଠନ ବିରୋଧରେ ନିଆଯାଉଥିବା ପଦକ୍ଷେପ ସମ୍ପର୍କରେ ଆଲୋଚନା କରିଛନ୍ତି। ଗତ ସପ୍ତାହରେ ପ୍ରଧାନମନ୍ତ୍ରୀ ଡୋଭାଲ ଏବଂ ସିଡିଏସଙ୍କ ସହିତ ଆଲୋଚନା କରି ସାମରିକ କାର୍ଯ୍ୟାନୁଷ୍ଠାନ ଲାଗି ସେନାକୁ ସମସ୍ତ ପ୍ରକାର ସ୍ୱାଧୀନତା ଦେଇଥିଲେ।

## ଆଜି ବାୟୁସେନାର ସମରାଭ୍ୟାସ

**ନୂଆଦିଲ୍ଲୀ,୬।୫(ମହାଭାରତ):** ଭାରତୀୟ ବାୟୁସେନା ଆସନ୍ତାକାଲି ପାକିସ୍ତାନ ସହ ମୁହାଁମୁହିଁ ହେବାକୁ ଯାଉଛି। ଏହି ସମରଭ୍ୟାସ ମେ ୭ ଓ ୮ ତାରିଖରେ ଅନୁଷ୍ଠିତ ହେବ ବୋଲି ବାୟୁସେନା ପକ୍ଷରୁ ନୋଟାମ (ନୋଟିସ ଟୁ ଏୟାରମେନ) ଜାରି କରାଯାଇଛି। ଏହି ଅଞ୍ଚଳ ଉପରେ ସମସ୍ତ ବେସାମରିକ ଉଡ଼ାଣ ଉପରେ କଟକଣା ଜାରି କରାଯାଇଛି। ଏହି ଯୁଦ୍ଧାଭ୍ୟାସରେ ରାଫେଲ, ମିରାଜ ୨୦୦୦ ଏବଂ ସୁଖୋଇ-୩୦ ଭଳି ଅତ୍ୟାଧୁନିକ ଯୁଦ୍ଧବିମାନ ଅଂଶଗ୍ରହଣ କରିବେ ବୋଲି ବାୟୁସେନା ଅଧିକାରୀମାନେ ସୂଚନା ଦେଇଛନ୍ତି।

## ରାଜ୍ୟର ୧୨ ସ୍ଥାନରେ ପ୍ରସ୍ତୁତି

**ଭୁବନେଶ୍ୱର,୬।୫(ମହାଭାରତ):** ରାଜ୍ୟରେ ମକଡ୍ରିଲ୍ ନେଇ ଗୃହ ଅତିରିକ୍ତ ମୁଖ୍ୟ ସଚିବ ସତ୍ୟବ୍ରତ ସାହୁଙ୍କ ଅଧ୍ୟକ୍ଷତାରେ ଗୁରୁତ୍ୱପୂର୍ଣ୍ଣ ବୈଠକ ଶେଷ ହୋଇଛି। ବୈଠକ ସରିବା ପରେ ଯୁଦ୍ଧ ପ୍ରସ୍ତୁତି ନେଇ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି ଅଗ୍ନିଶମ ଡିଜି ସୁଧାଂଶୁ ଷଡ଼ଙ୍ଗୀ। ଡିଜିଙ୍କ କହିବାନୁସାରେ, ବୁଧବାର ଅପରାହ୍ନ ୪ଟାରେ ମକଡ୍ରିଲ ସାଇରନ୍ ବାଜିବ। ଆସନ୍ତାକାଲିଠାରୁ ପର୍ଯ୍ୟାୟକ୍ରମେ ସପ୍ତାହେ ଧରି ଏହି କାର୍ଯ୍ୟକ୍ରମ ଚାଲିବ।

ପ୍ରଥମ ପର୍ଯ୍ୟାୟ ବୁଧବାର ଉପକୂଳବର୍ତ୍ତୀ ଜିଲା ଓ ସହରାଞ୍ଚଳରେ ମକ୍‌ଡ୍ରିଲ୍ କରାଯିବ। ଶତ୍ରୁପକ୍ଷ ବିମାନ ଆକ୍ରମଣ କଲେ କ'ଣ କରାଯିବ ସେ ବିଷୟରେ ଲୋକଙ୍କୁ ସଚେତନ କରାଯିବ। ପ୍ରାୟ ୫ ମିନିଟ୍ ଧରି ସାଇରନ୍ ବାଜିବ ଏବଂ ମକ୍ ଡ୍ରିଲ୍ ଆରମ୍ଭ ହେବ। ପୁଣି ସାଇରନ୍ ବାଜିଲେ ମକଡ୍ରିଲ୍ ଶେଷ ହେଲା ବୋଲି ଜଣାପଡ଼ିବ। ଏଥିରେ ସାଧାରଣତଃ କଂକ୍ରିଟ୍ ଛାତ ତଳେ ରହିବାକୁ ପରାମର୍ଶ ଦିଆଯିବ। ଏଥିସହ ବସ୍ତି ଅଞ୍ଚଳର ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର ଯୋଜନା କରାଯିବ। ଦେଶର ୨୪୪ଟି ଜିଲ୍ଲାରେ ଆସନ୍ତାକାଲି ମକଡ୍ରିଲ କରାଯିବ, ଯେଉଁଥିରେ ଓଡ଼ିଶାର ୧୨ଟି ଜିଲ୍ଲା ସାମିଲ ରହିଛି।

ବୁଧବାର ଅପରାହ୍ନ ୪ଟାରେ ସାଇରନ୍ ବାଜିବ। ଏହା ପରେ ମକ୍ ଡ୍ରିଲ ଆରମ୍ଭ ହୋଇଯିବ। ମକ୍ ଡ୍ରିଲ୍ ସରିଲା ପରେ ପୁଣି ଥରେ ସାଇରନ ବାଜିବ। ଦ୍ୱିତୀୟ ଥର ସାଇରନ ବାଜିଲା ପରେ ଲୋକଙ୍କୁ ବୁଝିବାକୁ ପଡ଼ିବ ଯେ, ମକ୍ ଡ୍ରିଲ୍ ଶେଷ ହୋଇଛି। ଓଡ଼ିଶାର ବାଲେଶ୍ୱର, କୋରାପୁଟ, ଭୁବନେଶ୍ୱର, ଗୋପାଳପୁର, ହୀରାକୁଦ, ପାରାଦ୍ୱୀପ, ରାଉରକେଲା, ଭଦ୍ରକ, ଢେଙ୍କାନାଳ, ଜଗତସିଂହପୁର, କେନ୍ଦ୍ରାପଡ଼ା ଓ ତାଳଚେରରେ ମକଡ୍ରିଲ୍ ପାଇଁ ନେଇ ନିଷ୍ପତ୍ତି ନିଆଯାଇଛି।

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି, କେବଳ ସେନା ଓ ସରକାର ନୁହେଁ। ବରଂ ସାଧାରଣ ଜନତା ମଧ୍ୟ ପ୍ରସ୍ତୁତ ହେବା ଉଚିତ। ଏଭଳି ପରିସ୍ଥିତିରେ ଭୟଭୀତ ନ ହୋଇ ସଜାଗ ରହି ସାମ୍ନା କରିବାକୁ ପଡ଼ିବ। ଯୁଦ୍ଧ ପରିସ୍ଥିତି ସୃଷ୍ଟି ହେଲେ ମୁକାବିଲା ପାଇଁ ଆଡ୍ଭାଇଜରୀ ମଧ୍ୟ ଆସିବ। ଏଥି ସହିତ ଆଗକୁ ଗାଁରେ ବି ମକ୍ ଡ୍ରିଲ୍ କରାଯିବ। ଏହା ୭ ଦିନ ଧରି ଚାଲିବ। ମକଡ୍ରିଲ ସମୟରେ ୫ ମିନିଟ୍ ଧରି ବାଜିବ ସାଇରନ୍। ଏନେଇ ୧୨ ଜିଲ୍ଲାର ଜିଲ୍ଲାପାଳ ଓ ଅଧିକାରୀମାନଙ୍କ ସହିତ ଗୃହ ସଚିବ ସତ୍ୟବ୍ରତ ସାହୁ ଆଲୋଚନା କରିଛନ୍ତି।

## ଦୀଘା ମନ୍ଦିର ବିବାଦ
# ମମତାଙ୍କୁ ଚିଠି ଲେଖିଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୬।୫(ମହାଭାରତ):** ଦୀଘାକୁ ଜଗନ୍ନାଥ ଧାମ ନାମକରଣ ନେଇ ଓଡ଼ିଶା ଓ ପଶ୍ଚିମବଙ୍ଗରେ ରାଜନୀତି ଜୋର ଧରିଛି। ଏହି ପ୍ରସଙ୍ଗକୁ ନେଇ ପଶ୍ଚିମବଙ୍ଗର ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ ଓଡ଼ିଶାରେ ନେତାଙ୍କଠୁ ନେଇ ସାଧାରଣ ଜନତା ଖୁବ୍ ସମାଲୋଚନା କରିଛନ୍ତି। ଏପରିକି ମମତାଙ୍କୁ ପୁରୀରେ ପାଦ ରଖିବାକୁ ଦେବୁ ନାହିଁ ବୋଲି ମଧ୍ୟ ପୁରୀରୁ ଉଠିଛି ତୀବ୍ର ସ୍ୱର। ଏହା ମଧ୍ୟରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଆଜି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ ଚିଠି ଲେଖିଛନ୍ତି। ମମତାଙ୍କୁ ଚିଠି ଲେଖି ଦୀଘାରେ ନୂତନ ଭାବରେ ପ୍ରତିଷ୍ଠିତ ଜଗନ୍ନାଥ ମନ୍ଦିରକୁ ଜଗନ୍ନାଥ ଧାମ ନାମକରଣ କରାଯିବା ଉପରେ ଚିନ୍ତା ପ୍ରକାଶ କରିଛନ୍ତି।



ମୁଖ୍ୟମନ୍ତ୍ରୀ କହିଛନ୍ତି, ଚାରି ଧାମରୁ ଶ୍ରେଷ୍ଠ ଧାମ ହେଉଛି ପୁରୀ। ଦୀଘାକୁ ଜଗନ୍ନାଥ ଧାମ କୁହା ନ ଯାଉ। ପୁରୀ ଧାମ ସହ କୋଟି କୋଟି ଓଡ଼ିଆଙ୍କ ଭାବାବେଗ ସହ ଜଡ଼ିତ। ଧାର୍ମିକ, ଆଧ୍ୟାତ୍ମିକ ଓ ସାଂସ୍କୃତିକ କେନ୍ଦ୍ର ଅଟେ ପୁରୀ। ଦୀଘାକୁ ଜଗନ୍ନାଥ ଧାମ କହି ଶ୍ରଦ୍ଧାଳୁଙ୍କୁ ବିଭ୍ରାନ୍ତ କରାନଯାଉ। ଦୀଘାରେ ଧାମ ଶବ୍ଦର ବ୍ୟବହାର ନ ହେଉ। ଆନ୍ତଃରାଜ୍ୟ ସାଂସ୍କୃତିକ ସମ୍ବେଦନଶୀଳତାକୁ ବଜାୟ ରଖାଯାଉ।

ଶ୍ରୀ ଜଗନ୍ନାଥ ଧାମ ଶବ୍ଦଟି ଗଭୀର ସାଂସ୍କୃତିକ ଏବଂ ଆଧ୍ୟାତ୍ମିକ ଗୁରୁତ୍ୱ ବହନ କରେ, ଯାହା ହିନ୍ଦୁ ଧର୍ମର ଚାରିଧାମ ମଧ୍ୟରୁ ଗୋଟିଏ- ପୁରୀ, ଓଡିଶା ସହିତ ଅନନ୍ୟ ଭାବରେ ଜଡିତ। ପୁରୀର ସ୍ୱତନ୍ତ୍ର ଐତିହ୍ୟକୁ ସଂରକ୍ଷଣ କରିବା ଏବଂ ଲକ୍ଷ ଲକ୍ଷ ଭକ୍ତଙ୍କ ଭାବନାକୁ ଆଘାତ ନ ଦେବା ପାଇଁ ଦୀଘା ମନ୍ଦିର ପାଇଁ ଏହି ପବିତ୍ର ନାମ ବ୍ୟବହାର ଉପରେ ପୁନର୍ବିଚାର କରିବାକୁ ପଶ୍ଚିମବଙ୍ଗଙ୍କୁ ଅନୁରୋଧ କରୁଛି ବୋଲି ଏକ୍ସରେ ଲେଖିଛନ୍ତି। ସେପଟେ ଦୀଘାରେ ଜଗନ୍ନାଥ ଧାମ ଲେଖାକୁ ନେଇ ଉପୁଜୁଥିବା ବିବାଦରେ ଏଣ୍ଟ୍ରି ମାରିଛନ୍ତି ଉତ୍ତରାଖଣ୍ଡ ଜୋଶୀମଠସ୍ଥିତ ଜ୍ୟୋତିର୍ମଠର ଶଙ୍କରାଚାର୍ଯ୍ୟ ଅଭିମୁକ୍ତେଶ୍ୱରାନନ୍ଦ ସରସ୍ୱତୀ। ସେ ସ୍ପଷ୍ଟ କରିଛନ୍ତି ଧାମ ଶବ୍ଦ ନିର୍ଦ୍ଦିଷ୍ଟ ଭାବେ ବ୍ୟାଖ୍ୟା ହୋଇଛି କେବଳ ପୁରୀର ଶ୍ରୀଜଗନ୍ନାଥ ପୀଠକୁ ହିଁ ଜଗନ୍ନାଥ ଧାମ କୁହାଯାଇପାରିବ। ଅନ୍ୟ କୌଣସି ସ୍ଥାନକୁ ଜଗନ୍ନାଥ ଧାମ କୁହାଯାଇପାରିବ ନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି।

## ଆଣ୍ଡାମାନ ସାଗରରେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ

**ଭୁବନେଶ୍ୱର,୬।୫(ମହାଭାରତ):** ଚାଷୀଙ୍କ ପାଇଁ ଖୁସିର ଖବର। ସକ୍ରିୟ ହେଲା ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ। ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଦକ୍ଷିଣ



ଆଣ୍ଡାମାନ ସାଗର, ଦକ୍ଷିଣ-ପୂର୍ବ ବଙ୍ଗୋପସାଗର ଏବଂ ନିକୋବର ଦ୍ୱୀପପୁଞ୍ଜର କିଛି ଅଂଶକୁ ପ୍ରବେଶ କରିଛି। ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ୧୩ ମଇ ସୁଦ୍ଧା ଦକ୍ଷିଣ ଆଣ୍ଡାମାନ ସାଗର, ଦକ୍ଷିଣ-ପୂର୍ବ ବଙ୍ଗୋପସାଗର ଏବଂ ନିକୋବର ଦ୍ୱୀପପୁଞ୍ଜର କିଛି ଅଂଶକୁ ପ୍ରବେଶ କରିବାର ସମ୍ଭାବନା ବହୁତ ଅଧିକ ରହିଥିବା ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି।

## ଆତଙ୍କ ବିରୋଧୀ ଲଢ଼େଇକୁ ଆମେରିକାର ସମର୍ଥନ

**ନୂଆଦିଲ୍ଲୀ,୬।୫(ମହାଭାରତ):** ଆତଙ୍କବାଦ ବିରୋଧରେ କେବଳ ଭାରତ ନୁହେଁ ପୂରା ବିଶ୍ୱ ଛିଡ଼ା ହୋଇଛି। ଆମେରିକା ଠାରୁ ଆରମ୍ଭ କରି ପଶ୍ଚାତ୍ୟ ଦେଶ ପର୍ଯ୍ୟନ୍ତ ସମସ୍ତେ ବିରୋଧ କରିଛନ୍ତ। ଆତଙ୍କବାଦ ବିରୋଧ ଲଢ଼େଇରେ ଆମେରିକା ଭାରତକୁ ସମର୍ଥନ କରିବ। ଏନେଇ ଆମେରିକା ସଂସଦରେ ସ୍ପିକର ମାଇକ୍ ଜାନସନ ଘୋଷଣା କରିଛନ୍ତି। ସେ ଭାରତକୁ ଅନେକ କ୍ଷେତ୍ରରେ ନିଜର ଗୁରୁତ୍ୱପୂର୍ଣ୍ଣ ସାଥି ବୋଲି କହିଛନ୍ତି। ସୋମବାର ସଂସଦ କ୍ୟାପିଟାଲ୍ ହିଲରେ ଜାନସନ ଏକ ପ୍ରେସ୍ ମିଟରେ ଭାରତ ଓ ଆମେରିକା ମଧ୍ୟରେ ବ୍ୟବସାୟିକ ବୁଝାମଣା ଉପରେ ଆଲୋଚନା କରିଛନ୍ତି ଏବଂ ଦୁଇ ଦେଶ ମଧ୍ୟରେ ଏହି ସମ୍ପର୍କ ଆଗକୁ ମଜଭୁତ ହେବ ବୋଲି ଆଶା ରଖିଛନ୍ତି। ଏହାଛଡ଼ା ଆତଙ୍କବାଦକୁ ନେଇ ଦଶନ୍ଧି ଧରି ଚାଲୁଥିବା ଲଢ଼େଇରେ ଭାରତକୁ କ'ଣ ସନ୍ଦେଶ ଦେବେ ବୋଲି ପ୍ରଶ୍ନ କରାଯାଇଥିଲା।



ତେବେ ଏହି ପ୍ରଶ୍ନରେ ମାଇକ୍ ଜାନସନ କହିଛନ୍ତି, ଭାରତୀୟ ସୀମାରେ ଯାହା ସବୁ ଘଟିଛି ବା ଘଟିବାକୁଯାଉଛି, ସେଥିପାଇଁ ଆମେରିକା ସହାନୁଭୂତି ଜଣାଉଛି। ଆମେରିକା ସବୁବେଳେ ତା'ର ସହଯୋଗୀ ଦେଶ ସହିତ ଛିଡ଼ା ହେବାକୁ ଚାହିଁବ। ବ୍ୟବସାୟିକ, କୂଟନୈତିକ ଦୃଷ୍ଟିରୁ ଭାରତ ଆମର ଏକ ଭାଗିଦାରୀ ଦେଶ, ତେଣୁ ଆତଙ୍କବାଦ ବିରୋଧ ଲଢ଼େଇରେ ଆମେରିକା ଭାରତ ସହିତ ଛିଡ଼ା ହେବାକୁ ପସନ୍ଦ କରିବ।

ଆମେରିକା ବାଚସ୍ପତିଙ୍କ ପୂର୍ବରୁ ଆମେରିକୀୟ ଗୁଇନ୍ଦା ସଂସ୍ଥାର ଡିରେକ୍ଟର ତୁଳସୀ ଗାବାର୍ଡ, ଏଫବିଆଇ ନିର୍ଦ୍ଦେଶକ କାଶ ପଟେଲ ମଧ୍ୟ ଆତଙ୍କବାଦ ବିରୋଧରେ ଭାରତକୁ ସମର୍ଥନ ଦେବେ ବୋଲି ଘୋଷଣା କରିସାରିଛନ୍ତି। ଏପଟେ ସ୍ପିକର ମାଇକ୍ ଜାନସନ କହିଛନ୍ତି, ଏହି ଲଢ଼େଇରେ ଆମେରିକା ଯଥା ସମ୍ଭବ ଭାରତକୁ ସହଯୋଗ କରିବାକୁ ପ୍ରୟାସ କରିବ। କୌଣସି ବଡ଼ ବିପଦ ଆସିଲେ ଟ୍ରମ୍ପ ପ୍ରଶାସନ ଭାରତ ସହିତ ଛିଡ଼ା ହୋଇଥିବା ଦେଖିବାକୁ ପାଇବେ। ଆତଙ୍କବାଦ ମୂଳୋତ୍ପାଟନ ପାଇଁ ଅଧିକ ଉର୍ଜା, ସମ୍ବଳ ଓ ସମୟ ସହିତ ସହଯୋଗ କରିବ ବୋଲି ମାଇକ୍ ଜାନସନ କହିଛନ୍ତି।

ସୂଚନା ଅନୁଯାୟୀ, ଏପ୍ରିଲ୍ ୨୨ ତାରିଖରେ ଜାମ୍ମୁ-କାଶ୍ମୀରର ପହଲଗାମରେ ଆତଙ୍କବାଦୀ ଆକ୍ରମଣ ହୋଇଥିଲା। ଏଥିରେ ୨୬ଜଣ ନୀରିହ ପର୍ଯ୍ୟଟକ ପ୍ରାଣ ହରାଇଥିବା ବେଳେ ୧୭ଜଣ ଗୁରୁତର ଭାବେ ଆହତ ହୋଇଥିଲେ। ଏହାକୁ ନେଇ ଭାରତ ଓ ପାକିସ୍ତାନ ମଧ୍ୟରେ ତିକ୍ତତା ବଢ଼ିବାରେ ଲାଗିଛି। ପହଲଗାମ ପ୍ରତିଶୋଧ ନେବାକୁ ଯୋଜନା ପ୍ରସ୍ତୁତ କରୁଛନ୍ତି କେନ୍ଦ୍ର ସରକାର। ଅନ୍ୟପଟେ ଭାରତର ଯୁଦ୍ଧ ପ୍ରସ୍ତୁତି ଦେଖି ଭୟରେ ଛାନିଆ ହୋଇଛି ପାକିସ୍ତାନ।

## ବାଣ ଗୋଦାମରେ ବିସ୍ଫୋରଣ, ୨ ମୃତ

**ଭଦ୍ରକ,୬।୫(ମହାଭାରତ):** ବାଣ ଗୋଦାମରେ ବିସ୍ଫୋରଣ ଘଟି ଦୁଇ ଜଣଙ୍କର ମୃତ୍ୟୁ ଘଟିଛି। ଅନ୍ୟ ୫ ଜଣଙ୍କର ଚିକିତ୍ସା ଜାରି ରହିଛି। ଭଦ୍ରକ-ଚାନ୍ଦବାଲି ରାସ୍ତାର ହଳଦୀଡିହରେ ଆଜି ଏହି ଅଘଟଣ ଘଟିଛି। ଚିକିତ୍ସାଧୀନ ଅବସ୍ଥାରେ ୨ଜଣଙ୍କ ମୃତ୍ୟୁ ସୂଚନା। ଅନ୍ୟ ୫ ଜଣ ଆହତଙ୍କ ଚିକିତ୍ସା ଜାରି ରହିଛି। ମୃତକମାନେ ହେଲେ ଏସ୍‌କେ ମୁସାରଫ୍ (୧୨) ଓ ରାତୋ ବିବି(୪୦)।



ଏହି ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଦୁଃଖ ପ୍ରକାଶ କରିଛନ୍ତି। ମୁଖ୍ୟମନ୍ତ୍ରୀ ସେମାନଙ୍କ ପରିବାର ବର୍ଗଙ୍କ ପ୍ରତି ସମବେଦନା ପ୍ରକାଶ କରିଛନ୍ତି। ଏହା ସହିତ ପରିବାରର ନିକଟତମ ଆତ୍ମୀୟଙ୍କୁ ରାଜ୍ୟ ବିପର୍ଯ୍ୟୟ ମୁକାବିଲା ପାଣ୍ଠି ରୁ ୪ ଲକ୍ଷ ଟଙ୍କା ଲେଖାଏ ସହାୟତା ପ୍ରଦାନ କରିବାକୁ ଘୋଷଣା କରିଛନ୍ତି।

ସୂଚନା ଅନୁସାରେ ଭଦ୍ରକ-ଚାନ୍ଦବାଲି ରାସ୍ତାର ହଳଦୀଡିହରେ ଆଜି ଏକ ବାଣ ଗୋଦାମରେ କାମ ଚାଲିଥିଲା। ଏଠାରେ କାର୍ଯ୍ୟରତ ଲୋକେ ବାଣ ଭିଡୁଥିଲେ। କୌଣସି କାରଣରୁ ବାଣ ବିସ୍ଫୋରଣ ଘଟିଥିଲା। ଏଥିରେ ୭ ଜଣ ଲୋକ ଆହତ ହୋଇଥିଲେ। ଆହତମାନଙ୍କ ମଧ୍ୟରୁ ଏସ୍‌କେ ମୁସାରଫ୍ ଓ ରାତୋ ବିବିଙ୍କ ଅବସ୍ଥା ଗୁରୁତର ଥିଲା। ଉଭୟଙ୍କୁ ଚିକିତ୍ସା ପାଇଁ କଟକ ବଡ଼ଡାକ୍ତରଖାନା ପଠାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ୨ ଜଣଙ୍କର ମୃତ୍ୟୁ ଘଟିଛି। ଅନ୍ୟ ଆହତମାନଙ୍କର ଚିକିତ୍ସା ଜାରି ରହିଛି। ଅଗ୍ନିକାଣ୍ଡର ପ୍ରକୃତ କାରଣ ଜଣାପଡ଼ିନାହିଁ। ପୁଲିସ ଏକ ମାମଲା ରୁଜୁ କରି ସ୍ଥାନୀୟ ଅଞ୍ଚଳର ଲୋକଙ୍କୁ ପଚରାଉଚୁରା କରୁଛି। ବାଣ କାରଖାନାର ଲାଇସେନ୍ସ ଥିଲା କି ଏହା ବେଆଇନ୍ ଭାବେ ପରିଚାଳିତ ସେନେଇ ତଦନ୍ତ ଜାରି ରହିଛି।

# ୩ ପର୍ଯ୍ୟାୟରେ ହେବ ପୁରୀ ବିମାନବନ୍ଦର

**୧,୧୬୪ ଏକର ଜମିରେ, ୫,୬୩୧ କୋଟି ଟଙ୍କା ବିନିଯୋଗ**

**ବର୍ଷକୁ ୪୬ ଲକ୍ଷ ଯାତ୍ରୀଙ୍କ ବିମାନ ଯାତାୟତ ପାଇଁ ସୁବିଧା ପ୍ରଦାନ**

ଭୁବନେଶ୍ୱର,୬।୫(ମହାଭାରତ): ଓଡିଶାରେ ପର୍ଯ୍ୟଟନ କ୍ଷେତ୍ରରେ ବିକାଶକୁ ଆହୁରି ତ୍ୱରାନ୍ୱିତ କରିବା ପାଇଁ କେନ୍ଦ୍ର ସରକାର ପୁରୀଠାରେ ଏକ ନୂତନ ଗ୍ରୀନଫିଲ୍ଡ ବିମାନ ବନ୍ଦର ନିର୍ମାଣ ପାଇଁ କେନ୍ଦ୍ର ସରକାର ନୀତିଗତ ଅନୁମୋଦନ ପ୍ରଦାନ କରିଛନ୍ତି।

ସୂଚନାଯୋଗ୍ୟ ଯେ, ଶ୍ରୀଜଗନ୍ନାଥ ବିମାନ ବନ୍ଦର ନାମରେ ନାମିତ ଏହି ମହତ୍ତ୍ୱାକାଂକ୍ଷୀ ଭିତ୍ତିଭୂମି ପ୍ରକଳ୍ପଟି ୫,୬୩୧ କୋଟି ଟଙ୍କା ମୂଲ୍ୟରେ ୧,୧୬୪ ଏକର ଜମିରେ ବିକଶିତ ହେବ। ଏହି ନିର୍ମାଣ କାର୍ଯ୍ୟ ୩ଟି ପର୍ଯ୍ୟାୟରେ ହେବାକୁ ଯାଉଥିବା ବେଳେ ଏହା ସମ୍ପୂର୍ଣ୍ଣ ହେବା ପରେ ବାର୍ଷିକ ୪୬ ଲକ୍ଷ ଯାତ୍ରୀଙ୍କ ବିମାନ ଯାତାୟତ ପାଇଁ ସୁବିଧା ପ୍ରଦାନ କରିବ। ଏହି ବିମାନ ବନ୍ଦର ଦ୍ୱାରା ରାଜ୍ୟରେ ଆଞ୍ଚଳିକ ସଂଯୋଗୀକରଣ ବୃଦ୍ଧିହେବା ସହିତ ରାଜ୍ୟରେ ଆର୍ଥିକ ଅଭିବୃଦ୍ଧିକୁ ଏକ ନୂତନ ଗତି ମିଳିବ ଏବଂ ପବିତ୍ର ପୁରୀ ସହର ତୀର୍ଥ ଯାତ୍ରୀ ଓ ପର୍ଯ୍ୟଟକଙ୍କ ପାଇଁ ସୁଗମ ହୋଇପାରିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଶା ପ୍ରକାଶ କରିଛନ୍ତି। ଏଥିପାଇଁ ମୁଖ୍ୟମନ୍ତ୍ରୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ କେ. ରାମ ମୋହନ ନାଇଡୁଙ୍କୁ ଧନ୍ୟବାଦ ଅର୍ପଣ କରିଛନ୍ତି। ଭାରତର ଅନ୍ୟତମ ପବିତ୍ର ତୀର୍ଥସ୍ଥଳ ତଥା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଧାମ ପୁରୀ ଏକ ବିଶ୍ୱପ୍ରସିଦ୍ଧ ଧାର୍ମିକ ପର୍ଯ୍ୟଟନ କ୍ଷେତ୍ର ରୂପେ ଦେଶ ତଥା ଦୁନିଆର ଲକ୍ଷ ଲକ୍ଷ ଭକ୍ତ ଏବଂ ପର୍ଯ୍ୟଟକଙ୍କୁ ଆକର୍ଷିତ କରିଥାଏ। ପୁରୀଠାରେ ଏକ ବିମାନ ବନ୍ଦର ପ୍ରତିଷ୍ଠା କରିବାର ନିଷ୍ପତ୍ତି ଏହି ଅଞ୍ଚଳରେ ଧାର୍ମିକ ପର୍ଯ୍ୟଟନ, ଆଞ୍ଚଳିକ ବିକାଶ ଏବଂ ସାମଗ୍ରିକ ଯୋଗାଯୋଗକୁ ଗୁରୁତ୍ୱପୂର୍ଣ୍ଣ ପ୍ରୋତ୍ସାହନ ପ୍ରଦାନ କରିବ। ଏହି ବିମାନ ବନ୍ଦର ପୁରୀ ଏବଂ ଭାରତର ପ୍ରମୁଖ ମହାନଗରଗୁଡ଼ିକ ମଧ୍ୟରେ ସିଧାସଳଖ ବିମାନ ଯୋଗାଯୋଗକୁ ବୃଦ୍ଧି କରିବାରେ ସହାୟକ ହେବ। ଏହି ନିଷ୍ପତ୍ତି ପୁରୀ ଏବଂ ଓଡ଼ିଶା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ଏବଂ ଏହା ଶେଷ ମାଇଲ ବିମାନ ସଂଯୋଗକୁ ମଜବୁତ କରିବ। ବିମାନ ଯାତ୍ରାକୁ ସମସ୍ତଙ୍କ ପାଇଁ ସୁଲଭ କରିବା ପାଇଁ ସରକାରଙ୍କ ପ୍ରତିବଦ୍ଧତାର ଅନୁରୂପ ଏହି ପଦକ୍ଷେପ ଗ୍ରହଣ କରାଯାଇଛି।

# ୱାକଫ୍ ବିଲ୍ ବିଷୟରେ ଲୋକଙ୍କୁ ବୁଝାଇଲେ ମୁଖ୍ୟମନ୍ତ୍ରୀ

**କେନ୍ଦୁଝର,୬।୫(ମହାଭାରତ):** ୱାକଫ ବିଲ୍ ସଂଶୋଧନ ଦ୍ୱାରା ୱାକଫ ବୋର୍ଡରେ ସ୍ୱଚ୍ଛତା ରହିବା ସହିତ ମୁସଲିମ ସଂପ୍ରଦାୟର ମହିଳା ଏବଂ ଝିଅମାନଙ୍କୁ ସ୍ୱାବଲମ୍ବୀ ସହିତ ଆର୍ଥିକ ଦୁର୍ବଳ ଶ୍ରେଣୀର ବ୍ୟକ୍ତି ଉପକୃତ ହୋଇ ପାରିବେ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଙ୍ଗଳବାର କେନ୍ଦୁଝରରେ ଅନୁଷ୍ଠିତ ୱାକଫ ସଂଶୋଧନ ବିଲ୍ ଉପରେ ହୋଇଥିବା ଜନ ଜାଗରଣ କାର୍ଯ୍ୟକ୍ରମରେ ଯୋଗ ଦେଇ କହିଛନ୍ତି। ଭାରତୀୟ ଜନତା ପାର୍ଟି କେନ୍ଦୁଝର ଜିଲା ପକ୍ଷରୁ ସ୍ଥାନୀୟ ଅଡିଟୋରିୟମରେ ଏହି ଜନଜାଗରଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଥିଲେ, ବିଜେପି ସରକାରଙ୍କ ସ୍ଲୋଗାନ ହେଉଛି ସବକା ସାଥ, ସବକା ବିକାଶ। ହିନ୍ଦୁ ହୁଅନ୍ତୁ କି ମୁସଲମାନ ସମସ୍ତଙ୍କୁ ନେଇ ସରକାର ଚାଲୁଛି। କାହାକୁ କୌଣସି କ୍ଷେତ୍ରରେ ଅବହେଳା କରାଯାଉ ନାହିଁ। ସୁଭଦ୍ରା ଯୋଜନା ହେଉ କି ଧାନର ଇନପୁଟ ହେଉ, ସବୁଥିରେ ସମସ୍ତଙ୍କୁ ସାମିଲ କରାଯାଉଛି ଏବଂ ସମସ୍ତଙ୍କୁ ସରକାରଙ୍କ ସୁଫଳ ମିଳୁଛି। ବିଜେପିକୁ ନେଇ ସବୁବେଳେ ସାଂପ୍ରଦାୟିକ ଦଳ କହି ଆରୋପ କରାଯାଉଛି। ମାତ୍ର ଏହା ମିଥ୍ୟା। କେନ୍ଦୁଝର ଜିଲା ଯୋଡା, ବଡ଼ବିଲ, କେନ୍ଦୁଝର ଭଳି ସହରରେ ହନୁମାନ ଜୟନ୍ତୀ ଭଳି କାର୍ଯ୍ୟକ୍ରମରେ ବିଶୃଙ୍ଖଳା ହୋଇନାହିଁ। ବରଂ ମୁସଲିମ ସଂପ୍ରଦାୟର ଭାଇମାନେ ଏଥିରେ ସହଯୋଗ କରିଛନ୍ତି। ୱାକଫବୋର୍ଡ ବାବଦରେ ସେ କହିଥିଲେ, ଏହି ବିଲରେ ସଂଶୋଧନ କରାଯାଇଛି। ଏହା ଅଧିକ କିଭଳି ସ୍ୱଚ୍ଛ ଏବଂ ଫଳପ୍ରସୂ ହେବ, ତାହା କରାଯାଇଛି। ତୁର୍କୀ ଭଳି ଦେଶରେ ୱାକଫ ବୋର୍ଡର ବିଲ ସଂଶୋଧନ କରାଯାଇ ସେଠାରେ ଭୂମିହୀନ ଅଛନ୍ତି ବା ଯେଉଁମାନଙ୍କ ଜମିକୁ ଅନ୍ୟ ଦ୍ୱାରା ଜବର ଦଖଲ କରାଯାଇଛି, ତାହାକୁ ୱାକଫ ବୋର୍ଡ ସହଯୋଗ କରିବାକୁ ନିଶ୍ଚିତ କରାଯାଇଛି। କୋଟଲା ଫିରୋଜ ଶାହା ଷ୍ଟାଡିୟମ ଭିତରେ ଥିବା ମସଜିଦ୍‌କୁ ୱାକଫ ବୋର୍ଡ ନିଜର ଦାବି କରୁଛି। ଏଭଳି ଅନେକ ମସଜିଦ୍ ଭଳି କେରଳର ଏକାଧିକ ଖ୍ରୀଷ୍ଟିୟାନ ସଂପତ୍ତିକୁ ୱାକଫ ବୋର୍ଡ ମଧ୍ୟ ନିଜର ବୋଲି ଦାବି କରିଛି। ଯାହାକି ଅଗ୍ରହଣୀୟ। ପଶ୍ଚିମ ବଙ୍ଗର ବର୍ଦ୍ଧମାନ ଜିଲାର ସାନ୍ତାଳୀ ମାନଙ୍କ ଏକ ପୂଜାସ୍ଥଳୀକୁ ୱାକଫ ବୋର୍ଡ ନିଜର ବୋଲି ଦାବି କରୁଛି। ଏହା କେମିତି ସମ୍ଭବ। ତେଣୁ ଏସବୁ ର ଆଇନଗତ ସମାଧାନ ପାଇଁ ଏହି ବିଲ୍ ସଂଶୋଧନ କରାଯାଇଛି ଏବଂ ଏହାଦ୍ୱାରା ଖାଲି ଅନ୍ୟ ସଂପ୍ରଦାୟ ନୁହେଁ, ବରଂ ଗରିବ ମୁସଲମାନମାନେ ସମସ୍ୟାରେ ପଡୁଥିଲେ। ଯାହାର ସମାଧାନର ବାଟ ଫିଟିଛି। ସେ କହିଥିଲେ, ମୋଗଲ ସାମ୍ରାଜ୍ୟ ଠୁ ୨୦୧୩ ମସିହା ପର୍ଯ୍ୟନ୍ତ ୱାକଫ ବୋର୍ଡ ପାଖରେ ୧୮ ଲକ୍ଷ ୪୩୦ ହଜାର ଏକର ଜମି ଥିଲା। ମାତ୍ର ୨୦୧୩ରୁ ୨୦୨୫ ମସିହା ମଧ୍ୟରେ ୨୦ଲକ୍ଷ ୯୨ ହଜାର ଏକର ୱାକଫ ବୋର୍ଡ ସହିତ ଯୋଡି ହୋଇଗଲା। ଖାଲି ଏହା ଦ୍ୱାରା ହିନ୍ଦୁ ମାନେ କ୍ଷତିଗ୍ରସ୍ତ ହେଲେ, ତାହା ନୁହେଁ, ବରଂ ମୁସଲମାନମରାନେ ମଧ୍ୟ ଅସାମନତାର ଶିକାର ହେଉଥିଲେ ବୋଲି ସେ କହିଥିଲେ। ସେ କହିଥିଲେ, ୨୦୧୩ ମସିହା ମଧ୍ୟରେ ଏହତି ୱାକଫ ବୋର୍ଡରେ କେସ୍ ସଂଖ୍ୟା ୧୦୩୮୧ଟି ଥିବା ବେଳେ ୨୦୧୩ ମସିହାରୁ ଏଯାଏ ମୋଟ କେସ୍ ସଂଖ୍ୟା ୨୧୬୧୮ଟି କେସ୍ ହୋଇଛି। ଏମିତିକି ଇତିମଧ୍ୟରେ ମୋଟ ୫୭୯୩ଟି ସରକାରୀ ସଂପତ୍ତି ଏବେ ୱାକଫ ବୋର୍ଡର ବୋଲି ୱାକଫ ବୋର୍ଡ ଦାବି କରୁଛି। ତେଣୁ ଏବେ ଏହି ବିଲ ସଂଶୋଧନ ହେବା ଦ୍ୱାରା ଆଗାମୀ ଦିନରେ ସମସ୍ତେ ଉପକୃତ ହେବେ ଏବଂ ବିଶେଷ କରି ଆଇନରେ ସମାନତା ଆସିବ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି। କାର୍ଯ୍ୟକ୍ରମ ଶେଷରେ ଜିଲା ଉପସଭାପତି ଅଗନୁ ମହାନ୍ତ ସମବେତ ସମସ୍ତ ଅତିଥି ଏବଂ ବୁଦ୍ଧିଜୀବୀ ମାନଙ୍କୁ ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ ସାଂସଦ ଅନନ୍ତ ନାଏକ, ବିଧାୟକ ଡାକ୍ତର ଫକୀର ନାଏକ ପ୍ରମୁଖ ଯୋଗଦେଇଥିଲେ।



## ଭାରତ-ବ୍ରିଟେନ୍ ମୁକ୍ତ ବାଣିଜ୍ୟ ରାଜିନାମା

ନୂଆଦିଲ୍ଲୀ,୬।୫ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ୟୁକେ ପ୍ରଧାନମନ୍ତ୍ରୀ କୀର ଷ୍ଟାରମର୍ ଆଜି ଟେଲିଫୋନରେ କଥାବାର୍ତ୍ତା କରିଛନ୍ତି। ଦୁଇ ଦେଶ ମଧ୍ୟରେ ମହାକାଂକ୍ଷୀ ଏବଂ ପାରସ୍ପରିକ ଲାଭଦାୟକ ମୁକ୍ତ ବାଣିଜ୍ୟ ରାଜିନାମା ଏବଂ ଦ୍ୱୈତ ଯୋଗଦାନ ଚୁକ୍ତି ଚୂଡ଼ାନ୍ତ ହୋଇଥିବାରୁ ତାହାକୁ ଦୁଇ ନେତା ସ୍ୱାଗତ କରିଥିଲେ।

ଉଭୟ ନେତା ଏହାକୁ ଦ୍ୱିପାକ୍ଷିକ ବ୍ୟାପକ ରଣନୈତିକ ସହଭାଗୀତାରେ ଏକ ଐତିହାସିକ ସଫଳତା ଭାବରେ ବର୍ଣ୍ଣନା କରିଛନ୍ତି। ଏହା ଉଭୟ ଦେଶର ଅର୍ଥନୀତିରେ ବାଣିଜ୍ୟ, ନିବେଶ, ନବସୃଜନ ଏବଂ ନିଯୁକ୍ତି ସୃଷ୍ଟିକୁ ପ୍ରୋତ୍ସାହିତ କରିବ। ଦୁଇ ପ୍ରଧାନମନ୍ତ୍ରୀ ସହମତ ହୋଇଥିଲେ ଯେ ବିଶ୍ୱର ଦୁଇଟି ବୃହତ ଏବଂ ମୁକ୍ତ ବଜାର ଅର୍ଥନୀତି ମଧ୍ୟରେ ଏହି ଐତିହାସିକ ଚୁକ୍ତି ବ୍ୟବସାୟ ପାଇଁ ନୂତନ ସୁଯୋଗ ଖୋଲିବ, ଆର୍ଥିକ ସମ୍ପର୍କକୁ ସୁଦୃଢ଼ କରିବ ଏବଂ ଲୋକମାନଙ୍କ ମଧ୍ୟରେ ସମ୍ପର୍କକୁ ଆହୁରି ଘନିଷ୍ଠ କରିବ। ପ୍ରଧାନମନ୍ତ୍ରୀ ଷ୍ଟାରମର୍ କହିଛନ୍ତି ଯେ ସମଗ୍ର ବିଶ୍ୱର ଅର୍ଥନୀତି ସହିତ ମେଣ୍ଟକୁ ସୁଦୃଢ଼ କରିବା ଏବଂ ବାଣିଜ୍ୟ ପ୍ରତିବନ୍ଧକ ହ୍ରାସ କରି ଏକ ଶକ୍ତିଶାଳୀ ଏବଂ ଅଧିକ ସୁରକ୍ଷିତ ଅର୍ଥନୀତି ପ୍ରଦାନ କରିବା ପାଇଁ ସେମାନଙ୍କ ପରିବର୍ତ୍ତନ ଯୋଜନାର ଏକ ଅଂଶ ଅଟେ। ପ୍ରଧାନମନ୍ତ୍ରୀ ମୋଦୀ ପ୍ରଧାନମନ୍ତ୍ରୀ ଷ୍ଟାରମରଙ୍କୁ ଭାରତ ଗସ୍ତ ପାଇଁ ନିମନ୍ତ୍ରଣ କରିଥିଲେ। ଉଭୟ ପ୍ରଧାନମନ୍ତ୍ରୀ ପରସ୍ପର ସହ ଯୋଗାଯୋଗରେ ରହିବାକୁ ରାଜି ହୋଇଥିଲେ।

## 'ମଲାଇ ମଶରୁମ୍'

**ଆବଶ୍ୟକୀୟ ସାମଗ୍ରୀ :** ମଶରୁମ, କଟା ପିଆଜ, ଟମାଟୋ ପ୍ୟୁରି କାଜୁ ବଟା,ଅଦା-ରସୁଣ ବଟା, କସ୍ତୁରୀ ମେଥି, ଗରମ ମସଲା, ଫ୍ରେଶ୍ କ୍ରିମ,ଗୋଲମରିଚ ଗୁଣ୍ଡ, ଲୁଣ, ତେଲ

**ପ୍ରସ୍ତୁତ ପ୍ରଣାଳୀ :** ପ୍ରଥମେ କଡ଼େଇରେ ତେଲ ଗରମ କରି ସେଥିରେ କଟା ପିଆଜକୁ ବାଦାମୀ ରଙ୍ଗ ହେବା ପର୍ଯ୍ୟନ୍ତ ଭାଜନ୍ତୁ। ପରେ ଅଦା-ରସୁଣ ପେଷ୍ଟକୁ ଦେଇ କଷନ୍ତୁ। ଟିକେ କଷି ହୋଇଗଲେ ଏଥିରେ ଟମାଟୋ ପ୍ୟୁରି ପକାଇ ଆଉ ଟିକେ କଷନ୍ତୁ ଏବଂ କିଛି ସମୟ ପରେ କାଜୁ ବଟା ଓ ଛତୁ ପକାଇ କଷନ୍ତୁ। କିଛି ସମୟ ପରେ ଅଧା କପ୍ ପାଣି, ଲୁଣ, ଗୋଲମରିଚ ଗୁଣ୍ଡ ଓ ଅଳ୍ପ କସ୍ତୁରୀ ମେଥି ପକାଇ ୧୦ ମିନିଟ୍ ପର୍ଯ୍ୟନ୍ତ ଫୁଟାନ୍ତୁ । ଏବେ ଫ୍ରେଶ୍ କ୍ରିମ୍ ଏବଂ ୧ମିନିଟ୍ ପରେ ଗରମ ମସଲା ପକାଇ ସାମାନ୍ୟ ଫୁଟାଇ ତଳକୁ ଓହ୍ଲାଇ ଦିଅନ୍ତୁ। ବର୍ତ୍ତମାନ ପ୍ରସ୍ତୁତ ହୋଇଗଲା ସୁଆଦିଆ। 'ମଲାଇ ମଶରୁମ୍'। ଏହାକୁ ଆପଣ ରୁଟି, ପରଟା କିମ୍ବା ନାନ୍ ସହ ଖାଇପାରିବେ।



### ଖବର

## ମେଟ୍ ଗାଲାରେ ଡେବ୍ୟୁ କରି ମାତୃତ୍ୱ ମନାଇଲେ କିଆରା



ମେଟ୍ ଗାଲାରେ ଡେବ୍ୟୁ କରିଛନ୍ତି ଗର୍ଭବତୀ ଥିବା ଅଭିନେତ୍ରୀ କିଆରା ଆଡଭାନୀ। ସେ ତାଙ୍କ ସ୍ୱାମୀ ସିଦ୍ଧାର୍ଥ ମାଲହୋତ୍ରାଙ୍କ ସହ ତାଙ୍କର ପ୍ରଥମ ସନ୍ତାନକୁ ଜନ୍ମ ଦେବାକୁ ଯାଉଥିବା ବେଳେ ଡିଜାଇନର ଗୌରବ ଗୁପ୍ତାଙ୍କ ଦ୍ୱାରା ନିର୍ମିତ ଏକ ସ୍ୱତନ୍ତ୍ର ଗାଉନ ପିନ୍ଧି ମେଟ୍ ଗାଲାରେ ନଜର ଆସିଛନ୍ତି। ପୋଷାକରେ ସେ ତାଙ୍କର ମାତୁବ ମନାଉଥିବାର ସ୍ପଷ୍ଟ ଦେଖିବାକୁ ମିଳିଛି।ନ୍ୟୁୟର୍କର ପ୍ରତିଷ୍ଠିତ ମେଟ୍ରୋପଲିଟାନ୍ ମ୍ୟୁଜିୟମ୍ ଅଫ୍ ଆର୍ଟରେ ହେଉଥିବା ମେଟ୍ ଗାଲା ୨୦୨୫ରେ ପହଞ୍ଚିବା ସମୟରେ ମା' ହେବାକୁ ଥିବା କିଆରା ଏକ ମୋନୋକ୍ରୋମ୍ ଗାଉନରେ ବେଶ୍ ଆକର୍ଷଣୀୟ ଦିଶୁଥିଲେ। କିଆରା 'ବ୍ରେଭ୍ ହାର୍ଟସ' ଥିମରେ ସଜ ହୋଇ ଏକ ଉଦାହରଣ ପାଲଟିଛନ୍ତି। ତାଙ୍କର ଲୁକ୍ ଫ୍ୟାଶନ ଅପେକ୍ଷା ନାରୀତ୍ୱକୁ ଅଧିକ ପ୍ରତିପାଦନ କରୁଥିଲା। ଗାଉନରେ ଘୁଙ୍ଗୁରୁ ଏବଂ କ୍ରିଷ୍ଟାଲ୍ ଲାଗିବା ବେଳେ କଳା ରଂଗର କପଡ଼ାର ବକ୍ଷ ଅଞ୍ଚଳରେ ସୁନା ପ୍ଲେଟ୍ ଲାଗିଥିବା ଦେଖିବାକୁ ମିଳିଥିଲା। ଦୁଇଟି ପ୍ରତୀକାତ୍ମକ ମାଆ ଓ ଛୁଆ ହୃଦୟ (ହାର୍ଟ) ବି ଦେଖିବାକୁ ମିଳିଥିଲା କିଆରାଙ୍କ ପୋଷାକରେ। କିଆରା ଲାଲ କାର୍ପେଟରେ ଶକ୍ତି ଏବଂ ମାତୃତ୍ୱର ଏକ ସ୍ପଷ୍ଟ ଚିତ୍ର ଆଙ୍କିବାରେ ସଫଳ ହୋଇଥିଲେ। ତାଙ୍କର ପୋଷାକ ଚୟନ ଚିନ୍ତାଶୀଳ ଥିଲା ଏବଂ ତାଙ୍କର ମେକଅପ୍ ଓ ଷ୍ଟାଇଲିଂ ଆହୁରି ଉଚ୍ଚ କୋଟୀର ଥିଲା। ନ୍ୟୁଡ୍ ଲିପଷ୍ଟିକ୍ ଓ ହାଲୁକା ଆଇ-ସ୍ୟାଡୋ ଲଗାଇ ସେ ନିଜର ଲୁକ୍କୁ ପୂରା କରିଥିଲେ।

## ଆଲମାରୀରେ ରଖନ୍ତୁ ଗୋଟିଏ କପ୍ ଚାଉଳ

ବର୍ଷାଦିନେ କପଡ଼ା ନଶୁଖିବାରୁ ଆଲମାରୀରେ ଥିବା ପୋଷାକ ଗନ୍ଧାଇବା ଆରମ୍ଭ କରିଥାଏ। ଏହି ପୋଷାକ ଶୀରର ସମ୍ପର୍କରେ ଆସିଲେ ଫଙ୍ଗଲ୍ ଇନଫେକସନ୍ ହେବାର ଆଶଙ୍କା ରହିଥାଏ। ଯାହାଦ୍ୱାରା ତ୍ୱଚରେ ବିଭିନ୍ନ ପ୍ରକାର ରୋଗ ଦେଖାଦେଇଥାଏ। ଏସବୁରୁ ରକ୍ଷା ପାଇବା ପାଇଁ ଆପଣ ଔଷଧ ଉପରେ ନିର୍ଭର କରିଥା'ନ୍ତି। ତେବେ ଏଥିପାଇଁ ଚିନ୍ତା କରନ୍ତୁ ନାହିଁ, ପୋଷାକକୁ ଭଲ ରଖିବା ପାଇଁ ଆପଣ କିଛି ଘରକରଣା ଉପାୟ ଅବଲମ୍ବନ କରିପାରିବେ। ଏଥିପାଇଁ ଆଲମାରୀରେ ଗୋଟିଏ କପ୍ ଚାଉଳ ରଖନ୍ତୁ। ଆସନ୍ତୁ ଜାଣିବା ଆଲମାରୀରେ ଚାଉଳ ରଖିଲେ କେଉଁସବୁ ଲାଭ ମିଳିଥାଏ।



- ବର୍ଷା ଦିନେ ଆଲମାରୀରେ ଚାଉଳ ରଖିଲେ ପୋଷାକରେ ହେଉଥିବା ବ୍ୟାକ୍ଟେରିଆ ନଷ୍ଟ ହୋଇଥା'ନ୍ତି ତେଣୁ ଆପଣଙ୍କ କପଡ଼ା ସୁରକ୍ଷିତ ରହିଥାଏ।
- ଚାଉଳ ଆଲମାରୀରୁ ଦୁର୍ଗନ୍ଧ ଦୂର କରିଥାଏ। ଆପଣ ଚାହିଁଲେ ଗୋଟିଏ କପ୍ ଚାଉଳରେ କିଛି ବୁନ୍ଦା ଏସେନ୍ସିଆଲ୍ ଅଏଲ୍ କିମ୍ବା ପରଫ୍ୟୁମ୍ ପକାଇ ମୁହଁରେ କପଡ଼ା ଗୁଡ଼ାଇ ରଖିପାରିବେ। ଏହି କପକୁ ଆଲମାରୀର ଖାଲି ଥିବା ସ୍ଥାନରେ ରଖନ୍ତୁ। ଚାଉଳରେ ପରଫ୍ୟୁମ୍ ପଡ଼ିଥିବାରୁ ଆଲମାରୀ ସହିତ ପୋଷାକ ମଧ୍ୟ ବାସ୍ନା ହେବ।
- ଚାଉଳକୁ ଆଲମାରୀରେ ଗୋଟିଏ ମାସରୁ ଅଧିକ ଦିନ ଯାଏଁ ରଖନ୍ତୁ ନାହିଁ। ଗୋଟିଏ ମାସ ପରେ କପରୁ କପଡ଼ା ବାହାର କରି ଚାଉଳକୁ ବଦଳାଇ ଏଥିରେ ପରଫ୍ୟୁମ୍ ଓ ଏସେନସିଆଲ୍ ଅଏଲ୍ ପକାନ୍ତୁ। କାରଣ ଚାଉଳ ଅଧିକ ଦିନ ରହିଲେ, ଖରାପ ହୋଇଯାଇଥାଏ। ତେଣୁ ପୋଷାକ ଏହା ସମ୍ପର୍କରେ ଆସିଲେ ଶୀଘ୍ର ଖରାପ ହେବାର ସମ୍ଭାବନା ରହିଥାଏ।

## ଭଗବାନ ଶିବଙ୍କ ପ୍ରମୁଖ ଅବତାର

ଶିବ ପୁରାଣରେ ମହାଦେବଙ୍କ ପ୍ରମୁଖ ଅବତାର ବିଷୟରେ ବର୍ଣ୍ଣନା ରହିଛି । ତାଙ୍କର ଭିନ୍ନ ଭିନ୍ନ ଅବତାର ଏବଂ ତା'ପଛରେ ରହିଥିବା କାରଣ ବିଷୟରେ ମଧ୍ୟ ଉଲ୍ଲେଖ ରହିଥିବା ଦେଖିବାକୁ ମିଳିଥାଏ । ଶିବଙ୍କ ଦଶ ଅବତାର ସମ୍ପର୍କରେ ପୁରାଣରେ ଉଲ୍ଲେଖ ରହିଛି, ସେମାନେ ହେଲେ ମହାକାଳ, ତାରକ, ଭୁବନେଶ, ଷୋଡ଼ଶ, ଭୈରବ, ଛିନ୍ନମସ୍ତକ ଗିରିଜା, ଧୂମବାନ, ବଗଳାମୁଖ, ମାତଙ୍ଗ ଓ କମଳ ଅବତାର । ଏହି ଦଶଅବତାର ତନ୍ତ୍ରଶାସ୍ତ୍ର ସମ୍ବନ୍ଧୀୟ ବୋଲି କୁହାଯାଇଛି । ଏହାବ୍ୟତୀତ ଶିବଙ୍କ ୧୧ ଅବତାର- କପାଳୀ, ପିଙ୍ଗଳ, ଭୀମ, ବିରୂପାକ୍ଷ, ବିଲୋହିତ, ଶାସ୍ତା, ଅଜପାଦ, ଅହିର୍ବୁଧ୍ୟ, ଶମ୍ଭୁ, ଚଣ୍ଡ ଏବଂ ଭବ ଅବତାର ସମ୍ପର୍କରେ ମଧ ଶିବପୁରାଣରେ ବର୍ଣ୍ଣନା ରହିଛି । ଏହି ଅବତାର ବ୍ୟତୀତ ମହର୍ଷି ଦୁର୍ବାସା, ମହେଶ, ବୃଷଭ, ପିପ୍ପଳାଦ, ବୈଶ୍ୟନାଥ, ଦ୍ୱିଜେଶ୍ୱର, ହଂସରୂପ, ଅବଧୂତେଶ୍ୱର, ଭିକ୍ଷୁଭର୍ଯ୍ୟ, ସୁରେଶ୍ୱର, ବ୍ରହ୍ମଚାରୀ, ସୁନଟତର୍କ, ଦ୍ୱିଜ,



ଅଶ୍ୱତଥାମା, କିରାତ ଏବଂ ନତେଶ୍ୱର ଆଦି ଅବତାର ସମ୍ପର୍କରେ ଶିବ ପୁରାଣରେ ଉଲ୍ଲେଖ ରହିଛି । ତେବେ ଏମାନଙ୍କୁ ଶିବଙ୍କ ଅଂଶାବତାର ବୋଲି କୁହାଯାଇଛି । ବୀର ହନୁମାନ ଏବଂ ଭୈରବ ହେଉଛନ୍ତି ଶିବଙ୍କର ସବୁଠୁ ଚର୍ଚ୍ଚିତ ଅବତାର ।



## କେମିତି ଜନ୍ମନେଲେ ରାବଣ ଓ ତା'ର ଭାଇ-ଭଉଣୀ ?

ସୃଷ୍ଟି ଆରମ୍ଭ ସମୟରେ ଭଗବାନ ବ୍ରହ୍ମା ଅନେକ ଜଳ-ଜନ୍ତୁଙ୍କୁ ସୃଷ୍ଟି କଲେ । ସେମାନଙ୍କୁ ସମୁଦ୍ର ଜଳର ସୁରକ୍ଷା ଦାୟିତ୍ୱ ଦେଲେ । ସେହି ଜନ୍ତୁମାନଙ୍କ ମଧ୍ୟରୁ କେତେକ କହିଲେ, ଆମେ ସମୁଦ୍ର ଜଳର ରକ୍ଷା କରିବକୁ ଏବଂ କିଛି କହିଲେ ଆମେ ଏହାକୁ ଯକ୍ଷଣ(ପୂଜା) କରିବୁ । ଏହାପରେ ବ୍ରହ୍ମା କହିଲେ, ଯେଉଁମାନେ ରକ୍ଷଣ କରିବେ ସେମାନେ 'ରାକ୍ଷସ' ନାମରେ ପରିଚିତ ହେବେ ଏବଂ ଅନ୍ୟ ଯେଉଁମାନେ ଯକ୍ଷଣ କରିବେ ସେମାନେ 'ଯକ୍ଷ' ନାମରେ ପରିଚିତ ହେବେ।

ପୁରାଣ କାଳରେ ହେତି ଏବଂ ପ୍ରହେତି ନାମରେ ଦୁଇ ରାକ୍ଷସ ଭ୍ରାତା ଥିଲେ । ପ୍ରହେତି ତପସ୍ୟା କରିବାକୁ ଚାଲିଗଲା, କିନ୍ତୁ ହେତି ଜଣେ ରାକ୍ଷସୀ ଭୟାକୁ ବିବାହ କଲା । ସେମାନଙ୍କ ଠାରୁ ବିଦ୍ୟୁତ୍‌କେଶ ନାମକ ପୁତ୍ର ଉତ୍ପନ୍ନ ହେଲା । ବିଦ୍ୟୁତ୍‌କେଶର ସୁକେଶ ନାମରେ ଏକ ପରାକ୍ରମୀ ପୁତ୍ର ଥିଲା । ସୁକେଶର ୩ ଜଣ ପୁତ୍ର ଥିଲେ- ମାଲ୍ୟବାନ, ସୁମାଳୀ ଏବଂ ମାଳୀ । ଏହି ତିନି ଜଣ ବ୍ରହ୍ମାଙ୍କୁ ତପସ୍ୟା କରି ବରଦାନ ଲାଭ କଲେ ଯେ ସେମାନଙ୍କ ମଧ୍ୟରେ ସର୍ବଦା ସ୍ନେହପୂର୍ଣ୍ଣ ସମ୍ପର୍କ ରହିବ । କେବେ ସେମାନେ ଅଲଗା ହେବ ନାହିଁ ଏବଂ କେହି ସେମାନଙ୍କୁ ପରାଜିତ କରିପାରିବେ ନାହିଁ । ବରଦାନ ଲାଭ କରି ୩ରାକ୍ଷସ ନିର୍ଭୟ ହୋଇଗଲେ । ଏହାପରେ ସେମାନେ ଜଗତବାସୀଙ୍କୁ ହଇରାଣ କରିବାକୁ ଲାଗିଲେ । ସେମାନେ ବିଶ୍ୱକର୍ମାଙ୍କୁ ଅତ୍ୟନ୍ତ ସୁନ୍ଦର ନଗର ନିର୍ମାଣ କରିବାକୁ କହିଲେ । ବିଶ୍ୱକର୍ମା ସେମାନଙ୍କୁ ଲଙ୍କାପୁରୀର ଠିକଣା କହିଲେ ଏବଂ ସେମାନେ ଅତି ଆନନ୍ଦରେ ସେଠାରେ ରହିବାକୁ ଲାଗିଲେ । ସମୟ ବିତିବା ପରେ ମାଲ୍ୟବାନ ରାକ୍ଷସର ୭ଜଣ ପୁତ୍ର ଜନ୍ମ ନେଲେ- ବଜ୍ରମୁଷ୍ଟି, ବିରୂପାକ୍ଷ, ଦୁର୍ମୁଖ, ସୁପ୍ତଘ୍ନ, ଯଜ୍ଞକୋପ, ମତ୍ତ ଏବଂ ଉନ୍ମତ୍ତ । ସୁମାଳୀର ଦଶ ଜଣ ପୁତ୍ର ଥିଲେ- ପ୍ରହସ୍ତ, ଅକମ୍ପନ, ବିକଟ, କାଳିକାମୁଖ, ଧମ୍ରାକ୍ଷ, ଦଣ୍ଡ, ସୁପାର୍ଶ୍ୱ, ସହ୍ରଦି, ପ୍ରଧସ ଏବଂ ଭାରକର୍ଣ୍ଣ । ମାଳୀ ଠାରୁ ଅନଳ, ଅନୀଳ, ହର ଏବଂ ସମ୍ପାତି ନାମରେ ୪ଜଣ ପୁତ୍ର ଜନ୍ମ ନେଲେ । ଏମାନେ ସମସ୍ତେ ଶକ୍ତିଶଳୀ ଏବଂ ଦୁଷ୍ଟ ପ୍ରକୃତିର ହୋଇଥିବା କାରଣରୁ ଋଷି-ମୁନିଙ୍କୁ କଷ୍ଟ ଦେଲେ । ସେମାନଙ୍କ ପ୍ରତାଡ଼ନା ସହିନପାରି ଋଷିଗଣ ଭଗବାନ ବିଷ୍ଣୁଙ୍କ ଶରଣାପନ୍ନ ହେଲେ । ବିଷ୍ଣୁ ସେମାନଙ୍କୁ ଆଶ୍ୱାସନା ଦେଲେ ଯେ ମୁଁ ଦିନେ ନିଶ୍ଚେ ଏହି ଦୁଷ୍ଟ ରାକ୍ଷସମାନଙ୍କୁ ସଂହାର କରିବି । ଭଗବାନ ବିଷ୍ଣୁଙ୍କ ଆଶ୍ୱାସନାର ଖବର ପାଇବା ପରେ ରାକ୍ଷସଗଣ ମନ୍ତ୍ରଣା କରି ସଂଗଠିତ ହେଲେ । ମାଳିର ସେନାପତିତ୍ୱରେ ଇନ୍ଦ୍ରଲୋକ ଉପରେ ଆକ୍ରମଣ କଲେ । ଏହି ସୂଚନା ପାଇଁ ଭଗବାନ ବିଷ୍ଣୁ ନିଜ ଅସ୍ତ୍ର-ଶସ୍ତ୍ର ସହ ରାକ୍ଷସଙ୍କୁ ସଂହାର କରିବାକୁ ଲାଗିଲେ । ସେନାପତି ମାଳି ସହିତ ବହୁତ ରାକ୍ଷସ ପ୍ରାଣ ହରାଇଲେ । ଆଉ କିଛି ପଳାୟନ କଲେ । ପଳାୟନ କରୁଥିବା ଅବସ୍ଥାରେ ମଧ୍ୟ ନାରାୟଣ ସେମାନଙ୍କୁ ସଂହାର କରିଚାଲିଲେ । ମାଲ୍ୟବାନ କ୍ରୋଧିତ ହୋଇ ପୁଣିଥରେ ଯୁଦ୍ଧ ଭୂମିକୁ ଫେରିଲା । ହେଲେ ଭଗବାନ ବିଷ୍ଣୁ ସେହି ରାକ୍ଷସକୁ ବଧ କରିଦେଲେ । ଶେଷରେ ଯୁଦ୍ଧରୁ ବଞ୍ଚିଯାଇଥିବା ସୁମାଳି ନିଜ ସୈନ୍ୟସାମନ୍ତଙ୍କୁ ଧରି ପାତାଳ ଲୋକରେ ଲୁଚିଗଲା । ଏହାପରେ ଧନପତି କୁବେର ଲଙ୍କାରେ ନିଜ ରାଜ୍ୟ ପ୍ରତିଷ୍ଠା କଲେ ।

ରାକ୍ଷସଙ୍କ ବିନାଶ ଦ୍ୱାରା ଦୁଃଖିତ ହୋଇ ସୁମାଳି ନିଜ କନ୍ୟା କୈକେସୀକୁ କହିଲା ଯେ ହେ ପୁତ୍ରୀ ! ତୁମେ ରାକ୍ଷସ ବଂଶର କଲ୍ୟାଣ ଚାହୁଁଥିଲେ ପରମତପସ୍ୱୀ ମହର୍ଷି ବିଶ୍ରବାଙ୍କ ପାଖକୁ ଯାଇ ପୁତ୍ର ପ୍ରାପ୍ତି କର । ସେହି ପୁତ୍ର ହିଁ ହି ଦେବତାମାନଙ୍କର ବିନାଶ କରି ପୁଣିଥରେ ରାକ୍ଷସ କୁଳର ଉଦ୍ଧାର କରିବ । ପିତାଙ୍କ ଆଜ୍ଞା ପ୍ରାପ୍ତ କରି କୈକେସୀ ବିଶ୍ରବାଙ୍କ ନିକଟକୁ ଗଲା । ସେ ସମୟରେ ଭୟଙ୍କର ବର୍ଷାଝଡ଼ ହେଉଥିଲା । ଆକାଶରେ ମେଘ ଗର୍ଜୁଥିଲା । କେକେସୀର ଅଭିପ୍ରାୟ ଜାଣିବ ପରେ ବିଶ୍ରବା କହିଲେ, ମୁଁ ତୁମକୁ ପୁତ୍ର ଦେଇପାରେ, କିନ୍ତୁ ତୁମ ସନ୍ତାନ ଦୁଷ୍ଟ ସ୍ୱଭାବ ତଥ କ୍ରୂର ହେବେ । ମୁନିଙ୍କ କଥ ଶୁଣି କୈକେସୀ ତାଙ୍କ ପାଦ ତଳେ ପଡ଼ିଗଲା ଏବଂ କହିଲା, ଆପଣ ବ୍ରହ୍ମଜ୍ଞାନୀ ମହାତ୍ମା । ଆପଣଙ୍କ ଠାରୁ ଦୂରାଚାରୀ ପୁତ୍ର ପାଇବା ଲାଗି ମୁଁ ଆଶା କରୁନାହିଁ । ଏଣୁ ଆପଣ ମୋ ଉପରେ କୃପା କରନ୍ତୁ । କୈକେସୀଙ୍କ ବଚନ ଶୁଣି ମୁନି ବିଶ୍ରବ କହିଲେ, ଠିକ୍ ଅଛି ତୁମର କନିଷ୍ଠ ପୁତ୍ର ସଦାଚାରୀ ଏବଂ ଧର୍ମାତ୍ମା ହେବ । ଏହାପରେ କୈକେସୀଙ୍କ ପ୍ରଥମ ପୁତ୍ର ରୂପରେ ରାବଣ, ଦ୍ୱିତୀୟ ପୁତ୍ର ରୂପେ କୁମ୍ଭକର୍ଣ୍ଣ, କନ୍ୟା ସୂର୍ପଣଖା ଏବଂ ବିଭୀଷଣ ଜନ୍ମ ନେଲେ । ରାବଣ ଏବଂ କୁମ୍ଭକର୍ଣ୍ଣ ଅତ୍ୟନ୍ତ ଦୁଷ୍ଟ ପ୍ରକୃତିର ଥିଲେ, କିନ୍ତୁ ବିଭୀଷଣ ଧର୍ମାତ୍ମା ପ୍ରକୃତିର ଥିଲା ।

## ଚକ୍ଷୁ ସମସ୍ୟାରୁ ମୁକ୍ତି ଦିଏ ପେସ୍ତା

ନିଜକୁ ସୁସ୍ଥ ସବଳ ରଖିବା ପାଇଁ ଆମେ ପ୍ରତିଦିନ ବିଭିନ୍ନ ପ୍ରକାର ପୋଷଣ ଯୁକ୍ତ ଖାଦ୍ୟ ଖାଇଥାଉ । ଭୁରି ଭୋଜନ ବ୍ୟତୀତ ଆମେ ଏମିତି କିଛି ଖାଦ୍ୟ ବି ଖାଇଥାଉ ଯାହା ସ୍ୱାଦିଷ୍ଟ ହେବା ସହ



ଶରୀରରକୁ ବିଭିନ୍ନ ଜରୁରୀ ଉପାଦାନ ଯୋଗାଇଥାଏ। ଆଜିକା ସମୟରେ ଅଧିକାଂଶ ଲୋକେ ପ୍ରତିଦିନ କିଛି କିଛି ଡ୍ରାଏ ଫ୍ରୁଟସ ଖାଇବା ଅଭ୍ୟାସ କଲେଣି । ଏହି ଡ୍ରାଏ ଫ୍ରୁଟସ ମଧ୍ୟରୁ ପେସ୍ତା ହେଉଛି ଅନ୍ୟତମ । ଆଉ ମଧ୍ୟ ଏଥିରେ ଥିବା ଭରପୁର ଆଣ୍ଟି ଅକ୍ସିଡେଣ୍ଟ ହୃଦରୋଗ, କ୍ୟାନ୍ସର ପରି ରୋଗ ସହ ଲଢ଼ିବାରେ ସାହାଯ୍ୟ କରେ । ତେବେ ଆସନ୍ତୁ ଆଜି ପେସ୍ତାର ଆଉ କିଛି କିଛି ଉପାଦେୟ ଗୁଣ ବିଷୟରେ ଜାଣିବା ।

ଅତ୍ୟଧିକ ପ୍ରଦୂଷଣ, ଅନିୟମିତ ଦିନଚର୍ଯ୍ୟା କାରଣରୁ ଖୁବ କମ ବୟସରୁ ଅଧିକାଂଶ ଲୋକେ ଚକ୍ଷୁ ଜନିତ ସମସ୍ୟାରେ ପୀଡ଼ିତ ହେଉଛନ୍ତି । ଏଥିରେ ଥିବା ଆଣ୍ଟିଅକ୍ସିଡେଣ୍ଟ ଲ୍ୟୁଟିନ, ଜ୍ୱାଥିନ ମୋତିୟାବିନ୍ଦୁ ଓ ବୟସ ଜନିତ ଚକ୍ଷୁ ସମସ୍ୟାରୁ ମୁକ୍ତି ଦେଇଥାଏ । ଏହାବ୍ୟତୀତ ପେସ୍ତା କାର୍ବୋହାଇଡ୍ରେଟ, ଫାଇବର , ଫ୍ୟାଟ, ଆମିନା ଏସିଡ ମୁହଁ ଦୁର୍ଗନ୍ଧ, ମୁଣ୍ଡ ବିନ୍ଧା, କୋଷ୍ଠକାଠିନ୍ୟ, କୁଣ୍ଡେଇ ହେବା ଆଦି ସମସ୍ୟାରୁ ମୁକ୍ତି ଦେଇଥାଏ । ଖାଲି ସେତିକି ନୁହେଁ ପାଚନ ସମସ୍ୟାକୁ ବି ଏହା ସୁଧାରି ଥାଏ । ଶରୀରରେ ସୁସ୍ଥ ବ୍ୟାକ୍ଟେରିଆ ସଂଖ୍ୟାକୁ ମଧ ବଢ଼ାଇ ଥାଏ । ପିସ୍ତା ତେଲରେ ମୁଣ୍ଡ ମାଲିସ କଲେ ମଧ ଦୀର୍ଘଦିନର ମୁଣ୍ଡ ଯନ୍ତ୍ରଣା ଦୂର ହୁଏ । ନିର୍ଦ୍ଦିଷ୍ଟ ମାତ୍ରାରେ ନିୟମିତ ସେବନ କରିବା ଦ୍ୱାରା ଥକ୍କା ପଣ ମେଣ୍ଟିବା ସହ ରକ୍ତରେ ଶର୍କରା ମାତ୍ରା ସନ୍ତୁଳିତ ରହିଥାଏ ।

# ଲୋକଙ୍କୁ ପୋଲିସ ଉତ୍ତମ ବ୍ୟବହାର କରିବା ଉଚିତ

**ଭୁବନେଶ୍ୱର, ୬।୫ (ମହାଭାରତ):** ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କେନ୍ଦୁଝର ଟାଉନରେ ନବ ନିର୍ମିତ ଥାନାଗୃହ ଏବଂ ରିଜର୍ଭ ପୋଲିସ ଅଫିସ ଉଦଘାଟନ କରିଛନ୍ତି। ଏହି ଅବସରରେ ନବନିର୍ମିତ ଟାଉନ ଥାନାରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ସମୁଦାୟ ୩ କୋଟି ୩୪ ଲକ୍ଷ ୧୪ ହଜାର ଟଙ୍କା ବ୍ୟୟରେ ନିର୍ମିତ ଏହି ଥାନା ଓ ୨ କୋଟି ୭୬ ଲକ୍ଷ ୬୮ ହଜାର ଟଙ୍କା ବ୍ୟୟରେ ନିର୍ମିତ ରିଜର୍ଭ ପୋଲିସ ଅଫିସର ଅଧିକାରୀ ଓ କର୍ମଚାରୀମାନେ ସାଧାରଣ ଜନତାଙ୍କୁ ଉତ୍ସର୍ଗୀକୃତ ସେବା ପ୍ରଦାନ କରିବେ। ଏହି ଥାନାଗୁଡ଼ିକ ଦ୍ୱାରା ଲୋକମାନେ ଉନ୍ନତ ମାନର ସେବା ପାଇବେ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକାଶ କରିଥିଲେ। ଏହି ଅବସରରେ ପୋଲିସ କର୍ମଚାରୀଙ୍କ ପାଇଁ ୧୭ ଟି ଏସ୍‌ୟୁଭି ଗାଡି ଏବଂ ୮୦ ଟି ମୋଟର ସାଇକେଲକୁ ସବୁଜ ପତାକା ଦେଖାଇ ମୁଖ୍ୟମନ୍ତ୍ରୀ ଶୁଭାରମ୍ଭ କରିଥିଲେ।

ଏହି ନବନିର୍ମିତ ଥାନାରେ ଭିନ୍ନକ୍ଷମଙ୍କ ପାଇଁ ରାମ୍ପ ବ୍ୟବସ୍ଥା, ବିଲ୍ଡିଂ ଏବଂ ବାରାକ୍, ସମ୍ମିଳନୀ କୋଠରୀ, ସନ୍ଦିଗ୍ଧ ଓ ସାକ୍ଷୀ ପରୀକ୍ଷା କୋଠରୀ, ଓ୍ୱେୟାରଲେସ୍ ଏବଂ ଯୋଗାଯୋଗ କୋଠରୀ, ଆଧୁନିକ ମାଲଖାନା, ରିସେପସନ ସେଣ୍ଟର ଏବଂ ମହିଳା ଓ ଶିଶୁ ହେଲ୍ପ ଡେସ୍କ ପ୍ରସ୍ତୁତ କରାଯାଇଛି। ଏହାବ୍ୟତୀତ ଶିଶୁସଦନ, ଯାନ ବାହନ ପାର୍କିଂ ବ୍ୟବସ୍ଥା, ତଥ୍ୟ ସଂରକ୍ଷଣ ସହିତ ୨୪ ଘଣ୍ଟିଆ। ସିସିଟିଭି କ୍ୟାମେରା ବ୍ୟବସ୍ଥା, ଅଗ୍ନି ନିର୍ବାପକ ଯନ୍ତ୍ର ଏବଂ ଅଗ୍ନି ସତର୍କ ସୂଚନା ଘଣ୍ଟି ବ୍ୟବସ୍ଥା ଭଳି ଅତ୍ୟାଧୁନିକ ବ୍ୟବସ୍ଥା ମଧ୍ୟ କରାଯାଇଛି। ନିଜ ଅଭିଭାଷଣରେ



ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଆଇନ ଶୃଙ୍ଖଳା ରକ୍ଷା ଦିଗରେ ଥାନାର ପ୍ରମୁଖ ଭୂମିକା ରହିଛି। ସେଥିପାଇଁ ଆମ ସରକାର ଆସିବା ପରେ ଥାନାଗୁଡ଼ିକୁ ଆଧୁନିକୀକରଣ ଓ ସୁବ୍ୟବସ୍ଥିତ କରିବା ପାଇଁ ସମସ୍ତ ପଦକ୍ଷେପ ନେଉଛନ୍ତି। ଥାନାରେ କର୍ତ୍ତବ୍ୟରତ ସମସ୍ତ ଅଧିକାରୀ ଓ କର୍ମଚାରୀମାନଙ୍କୁ ମୋର ପରାମର୍ଶ, ଥାନାକୁ ବିଭିନ୍ନ ସମସ୍ୟା ନେଇ ଆସୁଥିବା ଜନସାଧାରଣମାନଙ୍କୁ ଉତ୍ତମ ବ୍ୟବହାର କରନ୍ତୁ। କାରଣ ସେମାନେ ଅସୁବିଧାରେ ପଡି ମନଦୁଃଖରେ ଆପଣଙ୍କ ପାଖକୁ ଆସୁଛନ୍ତି। ସେମାନଙ୍କ ସହ ବନ୍ଧୁତ୍ୱପୂର୍ଣ୍ଣ ବ୍ୟବହାର କରନ୍ତୁ। ସେ କହିଥିଲେ ଯେ, ରାଜ୍ୟରେ ଅପରାଧ ନିୟନ୍ତ୍ରଣ ଓ ନିରାକରଣ ପାଇଁ ଆମ ସରକାର ବିଭିନ୍ନ ଯୋଜନା ହାତକୁ ନେଇଛନ୍ତି। ଆଗାମୀ ଦିନରେ ସମସ୍ତ ଥାନାମାନଙ୍କରେ ଅତିରିକ୍ତ ଯାନ ଉପଲବ୍ଧ କରିବା ନିମନ୍ତେ ଉଚ୍ଚମାନର ଦ୍ରୁତଗାମୀ ଏସ୍‌ୟୁଭି ଗାଡି ଯୋଗାଇ ଦେବାର ବ୍ୟବସ୍ଥା କରା ଯାଇଛି। ଏହି ଯାନବାହନର ସଠିକ ଉପଯୋଗ ଦ୍ୱାରା ଅପରାଧ ନିୟନ୍ତ୍ରଣ ତଥା ଆଇନ ଶୃଙ୍ଖଳା ରକ୍ଷା ଭଳି କାର୍ଯ୍ୟ ସୁରୁଖୁରୁରେ ସମ୍ପାଦିତ ହୋଇପାରିବ ବୋଲି ମୁଁ ଆଶା ପ୍ରକଟ କରୁଛି। ପୋଲିସ କର୍ମଚାରୀଙ୍କ କାର୍ଯ୍ୟଦକ୍ଷତାକୁ ଆହୁରି ପ୍ରଭାବଶାଳୀ କରିବା ପାଇଁ ଆବଶ୍ୟକ ସମ୍ବଳ, ତାଲିମ ଏବଂ ଭିତ୍ତିଭୂମି ଯୋଗାଇ ଦେବାକୁ ଆମ ସରକାର ପ୍ରତିଶ୍ରୁତିବଦ୍ଧ। ରାଜ୍ୟରେ ସମୁଦାୟ ୩୨ ହଜାର ନୂଆ ପଦବୀ ସୃଷ୍ଟି କରାଯାଇଥିବା ବେଳେ ୧୬ ହଜାର ଖାଲି ପଦବୀ, ନୂତନ ଭାବେ ସୃଷ୍ଟି ହୋଇଥିବା ୧୬ ହଜାର ପଦବୀ ପୂରଣ ପ୍ରକ୍ରିୟା ଆରମ୍ଭ ହୋଇଯାଇଛି। ଆପଣମାନେ ଭାବନ୍ତୁ, ଆଗାମୀ କିଛି ବର୍ଷ ମଧ୍ୟରେ ରାଜ୍ୟ ପୋଲିସର କର୍ମଚାରୀ ଓ ଅଧିକାରୀ ସଂଖ୍ୟା ୩୨ ହଜାର ବଢ଼ିବ। ଏହାଦ୍ୱାରା ପୋଲିସର ସାମର୍ଥ୍ୟ ବୃଦ୍ଧି ପାଇବ଼। ସରକାର ପୋଲିସ ବାହିନୀର ସାମର୍ଥ୍ୟ ଓ ମନୋବଳ ବୃଦ୍ଧି କରିବା ପାଇଁ ସମ୍ପୂର୍ଣ୍ଣ ଭାବରେ ପ୍ରତିବଦ୍ଧ ହୋଇ କାମ କରୁଛନ୍ତି। ତେଣୁ ଆପଣମାନେ ମଧ୍ୟ ରାଜ୍ୟର ଆଇନଶୃଙ୍ଖଳା ପରିସ୍ଥିତିରେ ଉନ୍ନତି ଆଣିବା ପାଇଁ ସେହିପରି ପ୍ରତିବଦ୍ଧ ହୋଇ କାମ କରନ୍ତୁ ବୋଲି କହିଥିଲେ।

# ଜୁନ୍ ୬ରେ ଷ୍ଟାଫ ସିଲେକ୍ସନ ପରୀକ୍ଷା

**ଭୁବନେଶ୍ୱର, ୬।୫ (ମହାଭାରତ):** ଓଡ଼ିଶା ଷ୍ଟାଫ୍ ସିଲେକ୍ସନ୍ କମିସନ (ଓଏସ୍‌ଏସସି) ସୋମବାର ୨୭ ଏପ୍ରିଲ୍ ୨୦୨୫ରେ ଅନୁଷ୍ଠିତ ହୋଇଥିବା ଶାରୀରିକ ମାପ ଏବଂ ଶାରୀରିକ ଦକ୍ଷତା ପରୀକ୍ଷା ୨୦୨୪ ସହିତ ବିଭିନ୍ନ ପଦବୀର ମିଳିତ ନିଯୁକ୍ତି ପଦବୀ ପାଇଁ ପରୀକ୍ଷାକୁ ବାତିଲ କରିଛନ୍ତି। ପ୍ରଶ୍ନପତ୍ରରେ ଅନିୟମିତତା ଯୋଗୁ ଓଏସ୍‌ଏସସି ମିଳିତ ନିଯୁକ୍ତି ପରୀକ୍ଷାକୁ ବାତିଲ କରିଦେଇଛି ଏବଂ ଏଥିପାଇଁ ଏକ ନୂତନ ତାରିଖ ଘୋଷଣା କରିଛି। କମିସନଙ୍କ ଦ୍ୱାରା ଜାରି କରାଯାଇଥିବା ବିଜ୍ଞପ୍ତି ଅନୁଯାୟୀ, ଓଏସ୍‌ଏସ୍‌ସି ମିଳିତ ନିଯୁକ୍ତି ପରୀକ୍ଷା ଏବେ ଜୁଲାଇ ୬ ରେ ଅନୁଷ୍ଠିତ ହେବ। କମିସନଙ୍କର ୨୭.୦୪.୨୦୨୫ ତାରିଖର ନୋଟିସ୍ ନମ୍ବର ୨୧୮୬/ ଓଏସ୍‌ଏସସି ଅନୁଯାୟୀ, ୨୭.୦୪.୨୦୨୫ ତାରିଖରେ ଅନୁଷ୍ଠିତ ହୋଇଥିବା ଶାରୀରିକ ମାପ ଏବଂ ଶାରୀରିକ ଦକ୍ଷତା ପରୀକ୍ଷା, ୨୦୨୪ ସହିତ ବିଭିନ୍ନ ପଦବୀର ମିଳିତ ନିଯୁକ୍ତି ପରୀକ୍ଷା ଏବଂ ଏଥିପାଇଁ ଗ୍ରହଣ କରାଯିବାକୁ ଥିବା ପ୍ରତିକାରାତ୍ମକ ପଦକ୍ଷେପ ବିଷୟରେ ବହୁ ସଂଖ୍ୟକ ପ୍ରାର୍ଥୀଙ୍କଠାରୁ ମତାମତ ଏବଂ ପରାମର୍ଶ ମିଳିଛି ବୋଲି ଓଏସ୍‌ଏସସି ଏକ ବିଜ୍ଞପ୍ତିରେ କହିଛି। ସମସ୍ତ ପରାମର୍ଶକୁ ବିଚାର କରିବା ପରେ ଏବଂ ସଚେତନ ହେବା ପରେ ଯେ, ଯେକୌଣସି ସମାଧାନ ଭୌତିକ ମାପ ଏବଂ ଶାରୀରିକ ଦକ୍ଷତା ପରୀକ୍ଷା ନିୟମ, ୨୦୨୨ ସହିତ ବିଭିନ୍ନ ପଦବୀର ମିଳିତ ନିଯୁକ୍ତି ପରୀକ୍ଷା ପରିସର ମଧ୍ୟରେ ହେବା ଆବଶ୍ୟକ। କମିସନ ୨୭.୪.୨୦୨୫ ରେ ଅନୁଷ୍ଠିତ ପରୀକ୍ଷାକୁ ବାତିଲ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏବେ ୬.୭.୨୦୨୫ ରେ ନୂତନ ପରୀକ୍ଷା କରାଯିବ ବୋଲି ଓଏସ୍‌ଏସସି ପକ୍ଷରୁ କୁହାଯାଇଛି।

### ଛାତ୍ରାବାସରେ ନାବାଳିକାକୁ ଦୁଷ୍କର୍ମ

# ପୀଡିତାଙ୍କୁ ନ୍ୟାୟ ଦେବାକୁ ବିଜେଡିର ଦାବି

**ଭୁବନେଶ୍ୱର, ୬।୫ (ମହାଭାରତ):** ରାଜ୍ୟରେ ଜଣେ ଆଦିବାସୀ ସଂପ୍ରଦାୟର ବ୍ୟକ୍ତି ମୁଖ୍ୟମନ୍ତ୍ରୀ ଥିଲେ ମଧ୍ୟ ପ୍ରତ୍ୟେକ ଦିନ



ଆଦିବାସୀ ମହିଳା ମାନେ ଧର୍ଷଣ ଓ ନିର୍ଯାତନାର ଶୀକାର ହେଉଛନ୍ତି। ବାରମ୍ବାର ଏ ଖବର ଆସୁଥିଲେ ମଧ୍ୟ ଏହାର ପ୍ରତିକାର କିମ୍ବା କଡା କାର୍ଯ୍ୟାନୁଷ୍ଠାନ ନେବା ପରିବର୍ତ୍ତେ ଦୋଷୀମାନେ କିଭଳି ଖସିଯିବେ ସେଦିଗରେ ସରକାର କାର୍ଯ୍ୟ କଲା ଭଳି ଲାଗୁଛି। ରାଜ୍ୟର ବିଜେପି ସରକାରଙ୍କ ଏଭଳି ସ୍ଥାଣୁ ଓ ଦାୟିତ୍ୱହୀନକୁ ବିଜେଡି କଡା ସମାଲୋଚନା କରୁଛି।

କୋରାପୁଟ ଜିଲ୍ଲା ଲମତାପୁଟର ଗୁନେଇପଦା ଏସଟିଏସସି ବାଳିକା ଛାତ୍ରୀନିବାସରେ ୮ ବର୍ଷ ବାଳିକା ଧର୍ଷଣର ଶୀକାର ହୋଇଥିବା ଖବର ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ଘଟଣାର ଗୁରୁତ୍ୱକୁ ଉପଲବ୍ଧ କରି ବିଜୁ ଜନତା ଦଳର ଏକ ପ୍ରତିନିଧି ଦଳ ଗତ ମେ' ୩ ତାରିଖ ଦିନ ଘଟଣା ସ୍ଥଳକୁ ଯାଇ ପୀଡିତା ଓ ତାଙ୍କ ପରିବାରକୁ ଭେଟି ସମବେଦନା ଜଣାଇବା ସହ ପୀଡିତା କିଭଳି ନ୍ୟାୟ ପାଇବେ ସେଥିପାଇଁ ପ୍ରତିଶ୍ରୁତି ଦେଇଥିଲେ। ବିଜୁ ଜନତା ଦଳ ପକ୍ଷରୁ ଏକ ଉଚ୍ଚସ୍ତରୀୟ ନେତୃମଣ୍ଡଳୀ ଭୁବନେଶ୍ୱର ସ୍ଥିତ ଅନୁସୂଚିତ ଜନଜାତି କମିଶନ ଅଫିସକୁ ଯାଇ କୋରାପୁଟ ଜିଲ୍ଲାର ମାଛକୁଣ୍ଡ ପିଏସ୍ ଅନ୍ତର୍ଗତ ଲମତାପୁଟ ବ୍ଲକର ଗୁନେଇପଦା ଏସଟିଏସ୍‌ସି ବାଳିକା ଛାତ୍ରାବାସରେ ଘଟିଥିବା ନୃଶଂସ ବଳାତ୍କାରର ଶୀକାର ହୋଇଥିବା ପୀଡିତା କିଭଳି ନ୍ୟାୟ ପାଇବା ସହିତ ଦୋଷୀ ଯେଭଳି ଉପଯୁକ୍ତ ଦଣ୍ଡ ପାଇବ ସେଥିପାଇଁ ଦାବି ଉପସ୍ଥାପନ କରାଯାଇଥିଲା। ଏହି ପ୍ରତିନିଧି ମଣ୍ଡଳୀରେ ପୂର୍ବତନ ମନ୍ତ୍ରୀ ଟୁକୁନୀ ସାହୁ, ପୂର୍ବତନ ଲୋକସଭା ସଦସ୍ୟା ଶ୍ରୀମତୀ ଶର୍ମିଷ୍ଠା ସେଠୀ, ରାଜଶ୍ରୀ ମଲ୍ଲିକ, ପୂର୍ବତନ ମହିଳା କମିଶନର ଅଧକ୍ଷା ଲୋପାମୁଦ୍ରା ବକ୍ସିପାତ୍ର, ମିଡିଆ। ସଂଯୋଜକ ଡ. ଲେନିନ୍ ମହାନ୍ତି ଓ ଡ. ପ୍ରିୟବ୍ରତ ମାଝୀ, ନାରାୟଣ ଜେନା, ମାନସୀ ସୁନ୍ଦରରାୟ, ବାସନ୍ତୀ ସିଂ, ଶ୍ରୀମତୀ ଟୁନିବାଳା ଦେଇ ଓ ଅନ୍ୟ ନେତୃମଣ୍ଡଳୀ ଉପସ୍ଥିତ ଥିଲେ।

# ଉନ୍ନୟନ କମିଶନରଙ୍କ ଆନନ୍ଦପୁର ବ୍ୟାରେଜର ସମୀକ୍ଷା

**ଭୁବନେଶ୍ୱର, ୬।୫ (ମହାଭାରତ):** ଉନ୍ନୟନ କମିଶନର ତଥା ଜଳସମ୍ପଦ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ତାଙ୍କର ଦୁଇଦିନିଆ କେନ୍ଦୁଝର ଜିଲ୍ଲାଗସ୍ତ କାର୍ଯ୍ୟକ୍ରମର ଦ୍ୱିତୀୟ ଦିନରେ ଆଜି ଆନନ୍ଦପୁର ବ୍ୟାରେଜ ପ୍ରକଳ୍ପର ଚାଲିଥିବା ଦୁଇଟି ମୁଖ୍ୟକେନାଲ ବ୍ୟବସ୍ଥା କାର୍ଯ୍ୟର ସମୀକ୍ଷା କରିଛନ୍ତି। ଜଳ ସମ୍ପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ, ପ୍ରକଳ୍ପର ମୁଖ୍ୟ ନିର୍ମାଣ ଯନ୍ତ୍ରୀ, କେନ୍ଦୁଝର ଅତିରିକ୍ତ ଜିଲ୍ଲାପାଳ ଓ ଆନନ୍ଦପୁର ଉପଜିଲ୍ଲାପାଳଙ୍କ ସହ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟଶାସନ ସଚିବ କ୍ଷେତ୍ର ସ୍ତରରେ କାର୍ଯ୍ୟ ଅଗ୍ରଗତିର ବାସ୍ତବ ସ୍ଥିତିଅନୁଧ୍ୟାନ ଓ ସମୀକ୍ଷା କରିବା ସହ ପ୍ରକଳ୍ପ ଶେଷ ହେବା ସମୟ ସୂଚୀ ଆକଳନ କରିଥିଲେ।



ଆନନ୍ଦପୁର ବ୍ୟାରେଜ ପ୍ରକଳ୍ପ କେନ୍ଦୁଝର ଜିଲ୍ଲାର ହାଟ ଡିହି, ଆନନ୍ଦପୁର ଓ ଘସିପୁରା ବ୍ଲକ ଏବଂ ବାଲେଶ୍ୱର ଜିଲ୍ଲାର ଓଉପଡ଼ା, ନୀଳଗିରି, ବାହାନଗା, ବାଲେଶ୍ୱର ସଦର, ରେମୁଣା ଓ ସୋରୋର ୬୦ହଜାର ହେକ୍ଟର ଚାଷ ଜମିକୁ ଜଳସେଚନ କରିବା ଉଦ୍ଦେଶ୍ୟରେ ଆନ୍ତଃ-ବେସିନ୍ ଜଳ ପ୍ରବାହ ନିମନ୍ତେ ଏକ ପ୍ରମୁଖ ଜଳସେଚନ ପଦକ୍ଷେପ। ଏହି ପ୍ରକଳ୍ପରେ ସମସ୍ତ ୧୭ଟି ମୁଖ୍ୟ କେନାଲର ବିଭିନ୍ନ ପ୍ୟାକେଜ୍ ରେ କାମ ଚାଲିଥିବା ବେଳେ୫୬.୯୨୩ କିଲୋମିଟର ଦୀର୍ଘ ସାଳନ୍ଦୀ ବାମ ମୁଖ୍ୟ କେନାଲ କାର୍ଯ୍ୟରେ ଉଲ୍ଲେଖନୀୟ ଅଗ୍ରଗତି ହୋଇଛି। ବୈତରଣୀ ଦକ୍ଷିଣ ତଟ କେନାଲର ୩ଟି ପ୍ୟାକେଜରେ କାମ ଏବେ ଚାଲିଛି। ସାଳନ୍ଦୀ ବାମ ମୁଖ୍ୟ କେନାଲ ଜରିଆରେ ୧୨୮୦୩ ହେକ୍ଟର ଚାଷ ଜମିକୁ ଜଳସେଚନ ଯୋଗାଇ ଦିଆଯାଉଛି। ୩୪୫୦ ହେକ୍ଟର ଜମିକୁ ଅଣ୍ଡର ଗ୍ରାଉଣ୍ଡ ପାଇପ ଲାଇନ୍ (ୟୁଜିପିଏଲ) ଜରିଆରେ ଜଳସେଚନ ଯୋଗାଇ ଦେବାକୁ ବିଏଲବିସି ଓବିଆରବିସି ଅଧୀନରେ ଖୁବ୍‌ଶୀଘ୍ର ଚୁକ୍ତି ହେବାକୁ ଯାଉଛି।

ସମୀକ୍ଷା ସମୟରେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଓଡ଼ିଶା ଭିଜନ୨୦୩୬ ଲକ୍ଷ୍ୟ ରଖି ଆଗାମୀ ୨୦୨୭ ଜୁନ ସୁଦ୍ଧା ଚାଷୀଙ୍କ ପାଖରେ ଉଦ୍ଦିଷ୍ଟ ସୁବିଧା ପହଞ୍ଚାଇବା ପାଇଁ ଅବଶିଷ୍ଟ ମୁଖ୍ୟ କେନାଲ ଏବଂ ଭୂତଳ ପାଇପ ଲାଇନ୍ (ୟୁଜିପିଏଲ) ବିତରଣ ବ୍ୟବସ୍ଥା କାର୍ଯ୍ୟ ପ୍ୟାକେଜ ସମୟରେ ଶେଷ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଆଗକୁ ଯେପରି ପ୍ରକଳ୍ପ କାର୍ଯ୍ୟରେ ବିଳମ୍ବନ ହୁଏ, ସେଥିପାଇଁ ଜମି ଅଧିଗ୍ରହଣ ସମସ୍ୟାର ସମାଧାନ ତ୍ୱରାନ୍ୱିତ କରିବା ଓ ପ୍ରକଳ୍ପ ପାଇଁ ଲଘୁଖଣିଜ ପଦାର୍ଥ ଯୋଗାଣ ବ୍ୟବସ୍ଥା କରିବାକୁ ସେ ଜିଲ୍ଲା ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଉଚ୍ଚସ୍ତରୀୟ ଗସ୍ତ ଓ ଡ଼ିଶାର କୃଷି ସଂପ୍ରଦାୟ ପାଇଁ ଜଳସେଚନ ଭିତ୍ତିଭୂମିକୁ ସୁଦୃଢ଼ କରିବା ଏବଂ ଜଳ ନିରାପତ୍ତା ସୁନିଶ୍ଚିତ କରିବା ନିମନ୍ତେ ରାଜ୍ୟ ସରକାରଙ୍କ ନିରନ୍ତର ପ୍ରତିବଦ୍ଧତାକୁ ଦର୍ଶାଉଛି।

# ବିପ୍ଳବୀ ଧରଣୀଧରଙ୍କ ମାଟି ଓ ଜାତିପ୍ରୀତିର ପଟାନ୍ତର ନାହିଁ

**ଭୁବନେଶ୍ୱର, ୬।୫ (ମହାଭାରତ):** ମହାନ ବିପ୍ଳବୀ ଧରଣୀଧର ନାଏକ (ଭୂୟାଁ)ଙ୍କର ମାଟି ଓ ଜାତିପ୍ରୀତିର ପଟାନ୍ତର ନାହିଁ। ଇଂରେଜ ବିରୋଧୀ ସଂଗ୍ରାମର ଅନ୍ୟତମ ଶ୍ରେଷ୍ଠ ନାୟକ ଥିଲେ କେନ୍ଦୁଝର ଭୂୟାଁ ସମ୍ପ୍ରଦାୟର ଧରଣୀଧର ନାଏକ। ପାହାଡ଼ ଜଙ୍ଗଲଭରା କେନ୍ଦୁଝରର ମୁକ୍ତିକାମୀ ଭୂୟାଁମାନଙ୍କୁ ସ୍ୱାଧୀନତାର ମନ୍ତ୍ର ପଢ଼େଇ ଧରଣୀଧର ସେମାନଙ୍କୁ ଯେପରି ଶକ୍ତିଶାଳୀ ବ୍ରିଟିଶ ଶକ୍ତି ବିରୁଦ୍ଧରେ ଲଢ଼ିବାକୁ ମାନସିକ ଓ ଶାରୀରିକ ଭାବେ ସକ୍ଷମ କରାଇ ପାରିଥିଲେ, ତାହା ଭାରତୀୟ ମୁକ୍ତି ସଂଗ୍ରାମର ଏକ ଯୁଗାନ୍ତକାରୀ ଅଧ୍ୟାୟ। ଏଭଳି ଜଣେ ଦୂରଦ୍ରଷ୍ଟା ପ୍ରଜ୍ଞାପୁରୁଷ ଓଡ଼ିଶା ଇତିହାସରେ ଦୁର୍ଲ୍ଲଭ ବୋଲି ଅତିଥିମାନେ ମତପ୍ରକାଶ କରିଛନ୍ତି।

ସୂଚନା ଓ ଲୋକସଂପର୍କ ବିଭାଗ, ଭୁବନେଶ୍ୱରସ୍ଥିତ କେନ୍ଦୁଝର ନାଗରିକ ପରିଷଦ ଓ ନିଖିଳ ଭାରତ ଭୂୟାଁ ସାଂସ୍କୃତିକ ସମିତିର ମିଳିତ ଆନୁକୂଲ୍ୟରେ କେନ୍ଦୁଝର ଭୂୟାଁ ମେଳିର କର୍ଣ୍ଣଧାର ବିପ୍ଳବୀ ଧରଣୀଧରଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ପାଳନ ଅବସରରେ ସ୍ଥାନୀୟ ଜୟଦେବ ଭବନଠାରେ ଅନୁଷ୍ଠିତ ସଭାରେ ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାଏକ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଲେ ଯେ ଜଙ୍ଗଲ ପାହାଡ଼ ଭରା କେନ୍ଦୁଝରର ମୁକ୍ତିକାମୀ ଭୂୟାଁମାନଙ୍କୁ ସ୍ୱାଧୀନତାର ମନ୍ତ୍ର ପଢ଼େଇ ବିପ୍ଳବୀ ଧରଣୀଧର ସେମାନଙ୍କୁ ଯେପରି ଶକ୍ତିଶାଳୀ ବ୍ରିଟିଶ ଶକ୍ତି ବିରୁଦ୍ଧରେ ଲଢ଼ିବାକୁ ମାନସିକ ଓ ଶାରୀରିକ ଭାବେ ସକ୍ଷମ କରାଇ ପାରିଥିଲେ, ତାହା ଭାରତୀୟ ମୁକ୍ତି ସଂଗ୍ରାମର ଏକ ଯୁଗାନ୍ତକାରୀ ଅଧ୍ୟାୟ। ଏହି ମହାନ୍ ନାଏକଙ୍କ ନେତୃତ୍ୱର ସବୁଠାରୁ ବଡ଼ଗୁଣ ଥିଲା ଅଦମ୍ୟ



ସାହସ, ଅସୀମ ଧୈର୍ଯ୍ୟ ଓ ମାନବୀୟ ସହାନୁଭୂତି। ଗଡ଼ଜାତ ଅଞ୍ଚଳରେ ରାଜାମାନଙ୍କର ବେଠି ବିରୁଦ୍ଧରେ ପ୍ରଚଣ୍ଡ ସ୍ୱର ଉତ୍ତୋଳନ କରିଥିବା ବିପ୍ଳବୀ ଧରଣୀଧର ନାୟକ ଥିଲେ ଅଦମ୍ୟ ସାହସ ଓ ଅସରନ୍ତି ଉର୍ଜାର ମୂର୍ତ୍ତିମନ୍ତ ପ୍ରତୀକ। ଏଭଳି ଜଣେ ଦୂରଦ୍ରଷ୍ଟା ପ୍ରଜ୍ଞାପୁରୁଷ ଓଡ଼ିଶା ଇତିହାସରେ ଦୁର୍ଲ୍ଲଭ। ଇତିହାସରେ ତାଙ୍କ ଭୂମିକା ଓ ମାନ୍ୟତା ପର୍ଯ୍ୟାପ୍ତ ନୁହେଁ। ତାଙ୍କ ସଂପର୍କରେ ଐତିହାସିକ ଓ ଗବେଷକମାନେ ଅଧିକ ଉଚ୍ଚତର ଗବେଷଣା କରିବା ଉଚିତ। ପୂର୍ବ ସମୟରେ ଏହି ପୁଣ୍ୟଭୂମିରେ ଯେଉଁଠି ବି ଅତ୍ୟାଚାର ହୋଇଛି ସେଠାରେ ପ୍ରତିରୋଧର ବହ୍ନି ପ୍ରଜ୍ୱଳିତ ହୋଇଛି। ଧରଣୀଧର ଥିଲେ ଏପରି ଜଣେ ଯୁଗଜନ୍ମା ଓଡ଼ିଆ। ଯାହାଙ୍କ ବୀରତ୍ୱର ଗାଥା ବାବଦରେ ଉତ୍ତରପିଢ଼ିଙ୍କୁ ଅବଗତ କରାଇବାର ଯଥେଷ୍ଟ ଆବଶ୍ୟକତା ରହିଛି ବୋଲି ସେ ମତପୋଷଣ କରିଥିଲେ। ତେଣୁ ଆଜି ରାଜ୍ୟ କେବଳ ବିପ୍ଳବୀ ଧରଣୀଧରଙ୍କ ସାହସିକତାକୁ ମନେ ପକାଇ ନୁହେଁ ବରଂ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ମାଧ୍ୟମରେ ଆଦିବାସୀ ସମ୍ପ୍ରଦାୟକୁ ଅଧିକ ସଶକ୍ତ ଓ ସୁରକ୍ଷିତ କରିବା ଲାଗି ନିରନ୍ତର ପ୍ରଚେଷ୍ଟା ଚାଲିଛି। ସର୍ବୋପରି ଏହି ମହାନ୍ ବିପ୍ଳବୀ ଧରଣୀଧରଙ୍କ ପ୍ରତିଭା ଯୁଗେ ଯୁଗେ ଏ ଜାତିର ଚିରନମସ୍ୟ ହୋଇ ରହିବ ବୋଲି ମନ୍ତ୍ରୀ ଶ୍ରୀ ନାଏକ ପ୍ରକାଶ କରିଥିଲେ।

ସମ୍ମାନନୀୟ ଅତିଥି ଭାବେ ଓଡ଼ିଶା ବିଧାନସଭାର ସରକାରୀ ମୁଖ୍ୟ ସଚେତକ ସରୋଜ ପ୍ରଧାନ ଯୋଗଦେଇ ତାଙ୍କ ବକ୍ତବ୍ୟରେ କହିଲେ ଯେ ଧରଣୀଧର ଜଣେ କ୍ରାନ୍ତିକାରୀ ଯୋଦ୍ଧା ପ୍ରଚଣ୍ଡ ପ୍ରତିଭାର ଅଧିକାରୀ ଥିଲେ। ତାଙ୍କ ବ୍ୟକ୍ତିତ୍ୱ ଥିଲା ସଂଗ୍ରାମ ଓ ସନ୍ନ୍ୟାସର ସମନ୍ୱୟ, ବିପ୍ଳବ ଓ ଭକ୍ତିର ମିଳନ। ଜନଜାତିଙ୍କ ଅସ୍ମିତା ଓ ସ୍ୱାଭିମାନର ସୁରକ୍ଷା ନିମନ୍ତେ ଇଂରେଜ ଶାସନ ବିରୁଦ୍ଧରେ ଲଢ଼ି ନିଜ ଜୀବନ ଉତ୍ସର୍ଗ କରିଥିଲେ। ଆଜି ଓଡିଶା ସରକାର ଜନଜାତିଙ୍କ ପାଇଁ ଅନେକ ଜନକଲ୍ୟାଣକାରୀ ଯୋଜନା ପ୍ରଣୟନ କରିଛନ୍ତି। ସମୃଦ୍ଧ ଓଡ଼ିଶା ଓ ବିକଶିତ ଭାରତ ଗଠନକୁ ଆମର ରାଷ୍ଟ୍ରୀୟ କର୍ତ୍ତବ୍ୟ ରୂପେ ଗ୍ରହଣ କରି ସମସ୍ତେ ନିଜ ନିଜ କ୍ଷେତ୍ରରେ ଶ୍ରେଷ୍ଠ ପ୍ରଦର୍ଶନ କରନ୍ତୁ ବୋଲି ସେ କହିଥିଲେ।

ମୁଖ୍ୟବକ୍ତା ଭାବେ ଯୋଗଦେଇ ବିଶିଷ୍ଟ ଜନଜାତି ସଂସ୍କୃତି ଗବେଷକ

# କୋକ୍ ଷ୍ଟୁଡ଼ିଓ ସୂକ୍ଷ୍ମ ଏବଂ ସୌନ୍ଦର୍ଯ୍ୟର ପ୍ରଦେଶରୁ ଆସିଅଛି

**ଭୁବନେଶ୍ୱର, ୬।୫ (ମହାଭାରତ):** କୋକ୍ ଷ୍ଟୁଡ଼ିଓ ଭାରତ, ଆଇକନିକ୍ ଷ୍ଟେଜ ବିବିଧ ସଙ୍ଗୀତ କୌଶଳର ଯାଦୁକରି, ଏଥି ସହିତ ଏହାର ତୃତୀୟ ସଂସ୍କରଣ ତୃତୀୟ ଟ୍ରାକ୍‌ରୁ ପଞ୍ଜାବ ଭେଖ କେର ମିଳନ ଉତ୍ସବ ପାଳନ କରୁଛି। ଏଥିରେ ସ୍ୱର ପ୍ରଦାନ କରିଛନ୍ତି ଶକ୍ତିଶାଳୀ ୪ଜଣିଆ ଗାୟକ ବୃନ୍ଦ ଯଥା-ଗୁଲାବ ସିଧୁ, ଜସା ଧିଲନ ରାଗିନ୍ଦର ଏବଂ ଥିଆରାଜ ଏକ୍ସଟି ଯାହାକି ପଞ୍ଜାବର ଜୀବନ୍ତ ପ୍ରାଣକୁ ଅତ୍ୟନ୍ତ ନିମଗ୍ନତାର ସହିତ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରୁଛି ଯାହାକି ଏକ ପ୍ରଦେଶ ଯେଉଁଠାରେ ଅନାବଶ୍ୟକ ଗର୍ଜନର ଆତ୍ମା ସହିତ ରହିଛି। ଏହାର ପ୍ରତ୍ୟେକ ବିଟ୍ ମିଟି ଦି ଖୁସ୍‌ବୁରେ ବୁଡ଼ି ରହିଛି, ଏହାର ଟ୍ରାକ ପଞ୍ଜାବର ଅଗ୍ରଗାମୀ ଜଜବାକୁ ପାଳନ କରୁଛି ଯାହାକି ଅତ୍ୟନ୍ତ ଦୃଢ଼ ଅଟେ ଏହାର ଗର୍ବ ମହତ୍ୱପୂର୍ଣ୍ଣ ବିଶ୍ୱସନୀୟତା ତଥା ସମୟହୀନ ନିରବତାକୁ ନେଇ।

ପଞ୍ଜାବ ଭେଖ କେ ଏକ ହୃଦୟସ୍ପର୍ଶୀ ଶ୍ରଦ୍ଧାଞ୍ଜଳୀ ଅଟେ ଲୋକଙ୍କ ପାଇଁ - ପ୍ରତ୍ୟେକ ବ୍ୟକ୍ତିବିଶେଷଙ୍କ ପାଇଁ ଯେଉଁମାନଙ୍କର ଜୀବନ ଧାରା ସେହି ଆତ୍ମାକୁ ପ୍ରତିଫଳିତ କରୁଛି ପଞ୍ଜାବର ଗର୍ବ ତଥା ସମୟହୀନ ପରମ୍ପରାକୁ। ଏହା ଏକ ସଙ୍ଗୀତମୟ ଯାତ୍ରା ଅଟେ ଯାହାକି ସୂକ୍ଷ୍ମ ସୌନ୍ଦର୍ଯ୍ୟତାର ପରିଚୟ ସହିତ ସାଂସ୍କୃତିକ, ସମ୍ପ୍ରଦାୟକୁ ପାଳନ କରିଥାଏ। ଐତିହ୍ୟ ଏବଂ ଅଭିବ୍ୟକ୍ତିର ଚାରିଛକରେ ଏହି ପଞ୍ଜାବ ଭେଖ କେ ଛିଡ଼ା ହୋଇ, କବିତାର ଗର୍ବିତ ସୁବାସ ତଥା ଏକ ଶକ୍ତିଶାଳୀ ନିଜର ଅର୍ଥକୁ ଏହା ଜାଗ୍ରତ କରିଛି। ପଞ୍ଜାବର ସମୟହୀନ ସମତଳକୁ ନେଇ ଏହା ବ୍ୟବସ୍ଥିତ ହୋଇଛି ଯେଉଁଠାରେ ବାୟୁମଣ୍ଡଳ ଏକ ବିଶାଳ ଏକତାକୁ ନେଇ ପ୍ରେମର ଶୁଭ୍ର ଚଟାଣ ତଳେ। ଏହି ସଙ୍ଗୀତଟି ଅତ୍ୟନ୍ତ ମେଲୋଡ଼ିଅସ ହେବା ସହିତ ଏଥିରେ ଭରି ରହିଛି ଲୋକକଳା ଏବଂ ସମସାମୟିକ ତାଳ, ଭାବାବେଗର ହୃଦସ୍ପନ୍ଦନ, ଦୁଃସାହସିକତା ତଥା ନମ୍ରତା।

# ଭୁବନ ରିଭୁ ଶିଶୁ ଅଧିକାର କାର୍ଯ୍ୟର ନେତୃତ୍ୱ ନେଉଛନ୍ତି

**ଭୁବନେଶ୍ୱର, ୬।୫ (ମହାଭାରତ):** ବିଶ୍ୱ ଆଇନ କ୍ଷେତ୍ରରେ ଭାରତ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଂଟ ସ୍ଥାପନ କରି ବିଶିଷ୍ଟ ଶିଶୁ ଅଧିକାର ଆଇନଜୀବୀ ଭୁବନ ରିଭୁ ପ୍ରଥମ ଭାରତୀୟ ଆଇନଜୀବୀ ଭାବେ ବିଶ୍ୱ ଆଇନ କଂଗ୍ରେସରେ ବିଶ୍ୱ ଜୁରିଷ୍ଟ ଆସୋସିଏସନ ଦ୍ୱାରା 'ମେଡାଲ୍ ଅଫ୍ ଅନର୍' ସମ୍ମାନରେ ସମ୍ମାନିତ ହୋଇଛନ୍ତି। ଡୋମିନିକାନ ରିପବ୍ଲିକରେ ମେ ୪ ରୁ ମେ ୬ ପର୍ଯ୍ୟନ୍ତ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ୭୦ରୁ ଅଧିକ ଦେଶର୧୫୦୦ ରୁ ଅଧିକ ଆଇନଜୀବୀ ଓ ୩୦୦ ବକ୍ତା ଏକାଠି ହୋଇଥିଲେ। ଶିଶୁ ସୁରକ୍ଷା ଓ ଶିଶୁ ଅଧିକାରକୁ ଆଗକୁ ନେବା ପାଇଁ ଆଇନଗତ ହସ୍ତକ୍ଷେପ ଓ ତୃଣମୂଳ ସ୍ତରରୁ ସଙ୍ଗଠିତ ବ୍ୟବହାର କରି ଦୁଇ ଦଶନ୍ଧିରୁ ଅଧିକ ସମୟ ଧରି ଅଗ୍ରଣୀ କାର୍ଯ୍ୟ କରିଥିବା ଭୁବନ ରିଭୁଙ୍କୁ ବିଶ୍ୱର ସର୍ବପୁରାତନ ଆଇନଜ୍ଞ ସଂଘ ପକ୍ଷରୁ ସମ୍ମାନିତ କରାଯାଇଥିଲା। ୧୯୬୩ ମସିହାରେ ପ୍ରତିଷ୍ଠା ପରଠାରୁ ବିଶ୍ୱ ଆଇନଜୀବୀ ସଂଘ ସାର୍ଓ୍ୱିନଷ୍ଟନ ଚର୍ଚ୍ଚିଲ, ନେଲସନ ମଣ୍ଡେଲା, ରୁଥ୍ ବେଡର ଗିନ୍ସବର୍ଗ, ସ୍ପେନର ରାଜା ଷଷ୍ଠ ଫିଲିପ୍, ରେନେ କାସିନ୍ ଏବଂ କେରି କେନେଡିଙ୍କ ଭଳି ପ୍ରତିଷ୍ଠିତ ବ୍ୟକ୍ତିତ୍ୱଙ୍କୁ ନ୍ୟାୟ ଓ ଆଇନର ଶାସନ କ୍ଷେତ୍ରରେ ଅବଦାନ ପାଇଁ ସମ୍ମାନିତ କରିଛି। ଭୁବନ ରିଭୁ ଗତ ୨୦ ବର୍ଷ ମଧ୍ୟରେ ଶିଶୁ ସୁରକ୍ଷା ଓ ଶିଶୁ ଅଧିକାର ପାଇଁ ୬୦ ପିଆଇଏଲ ନାମାଙ୍କନ ପତ୍ର ଦାଖଲ କରି ନେତୃତ୍ୱ ନେଇଛନ୍ତି ଯାହା ଫଳରେ ଭାରତର ସର୍ବୋଚ୍ଚ ନ୍ୟାୟାଳୟ ଏବଂ ବିଭିନ୍ନ ହାଇକୋର୍ଟରେ ଯୁଗାନ୍ତକାରୀ ରାୟ ପ୍ରକାଶ ପାଇଥିଲା।

# ଋଷ ବିଜୟ ଉତ୍ସବରେ ଯୋଗ ଦେବାକୁ ନବୀନଙ୍କୁ ନିମନ୍ତ୍ରଣ

**ଭୁବନେଶ୍ୱର, ୬।୫ (ମହାଭାରତ):** ନୂଆଦିଲ୍ଲୀ ଠାରେ ଥିବା ରୁଷିଆର ୮୦ତମ ବିଜୟ ଦିବସ ସମାରୋହରେ ଯୋଗ ଦେବା ପାଇଁ ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଋଷ ଦୂତାବାସରୁ ନିମନ୍ତ୍ରଣ ଆସିଥିବା ଜଣାପଡ଼ିଛି। ଦୂତାବାସ ପକ୍ଷରୁ ଡେନିସ ଆଲିପୋଭ୍ ଶ୍ରୀ ପଟ୍ଟନାୟକଙ୍କ ନିକଟକୁ ଏକ ପତ୍ର ଲେଖି ଆସନ୍ତା ୯ ତାରିଖ ଦିନ ନୂଆଦିଲ୍ଲୀସ୍ଥିତ ଋଷିଆନ ଦୂତାବାସରେ ଅନୁଷ୍ଠିତ ହେଉଥିବା ଏହି ବିଜୟ ଉତ୍ସବରେ ଯୋଗ ଦେବାକୁ ଅନୁରୋଧ କରାଯାଇଛି।

ଏ ସମ୍ପର୍କରେ ଶ୍ରୀ ଭିକେ ପାଣ୍ଡିଆନ ସୋସିଆଲ ମିଡ଼ିଆରେ ଆଜି ଏହି ସୂଚନା ଦେଇଛନ୍ତି। ଋଷିଆନ ଦୂତାବାସରୁ ନବୀନଙ୍କ ନିକଟକୁ ଡେନିସ୍ ଆଲିପୋଭ୍ ପଠାଇଥିବା ଏହି ପତ୍ରରେ ଉଲ୍ଲେଖ କରିଛନ୍ତି ଯେ, ଏହି ଗୌରବ, ଦୁଃଖ ଓ ଅବିଚଳିତ ସ୍ମୃତିର ଏକ ଗମ୍ଭୀର ମୁହୂର୍ତ୍ତରେ, ଆମେ ନାଜିବାଦ ବିରୁଦ୍ଧରେ ଆଣ୍ଟି-ହିଟଲର ମେଣ୍ଟରେ ଏକଜୁଟ ହୋଇ ଲଢ଼ିଥିବା ବ୍ୟକ୍ତିମାନଙ୍କୁ ସମ୍ମାନ ଜଣାଉଛୁ ଏବଂ ପୂର୍ବତନ ସୋଭିଏତ୍ ସଂଘ ଓ ତା'ର ମିତ୍ରମାନଙ୍କର ବୀରତ୍ୱପୂର୍ଣ୍ଣ କାର୍ଯ୍ୟକୁ ସ୍ମରଣ କରୁଛୁ, ଯେଉଁମାନେ ମାନବ ଇତିହାସର ସବୁଠାରୁ ନିଷ୍ଠୁର ସଂଘର୍ଷର ଭାର ବହନ କରିଥିଲେ। ଆମେ ଯେଉଁ ବୀରମାନଙ୍କୁ ଶ୍ରଦ୍ଧାଞ୍ଜଳି ଦେଉଛୁ। ସେମାନଙ୍କ ମଧ୍ୟରେ ଆପଣଙ୍କ ସ୍ୱର୍ଗତ ପିତା, ବିଜୁ ପଟ୍ଟନାୟକ, ଜଣେ ମହାନ ବ୍ୟକ୍ତିତ୍ୱ ଓ ଭାରତୀୟ ଜାତୀୟ ଏୟାରଓ୍ୱେଜର ସାହସୀ ପାଇଲଟ ଥିଲେ। ଯିଏ କି ଷ୍ଟାଲିନଗ୍ରାଡ ଅପରେସନରେ ଅଂଶଗ୍ରହଣ କରି ଅବରୁଦ୍ଧ ରେଡ ଆର୍ମୀକୁ ଅସ୍ତ୍ରଶସ୍ତ୍ର ଯୋଗାଇ ଦେଇଥିଲେ।୧୯୯୫ ମସିହାରେ, ରୁଷିଆ। ବିଜୁ ପଟ୍ଟନାୟକଙ୍କୁ ତାଙ୍କ ସାହସ ଓ ବୀରତ୍ୱ ପାଇଁ ୧୯୪୧-୧୯୪୫ ମହାନ ଦେଶପ୍ରେମୀ ଯୁଦ୍ଧରେ ବିଜୟର ୫୦ ତମ ବାର୍ଷିକୀ ଜୁବୁଲୀ ପଦକ ପ୍ରଦାନ କରିଥିଲା। ସେହି ଅବସରରେ ଆଗାମୀ ସମ୍ବର୍ଦ୍ଧନା ସମାରୋହରେ ଆପଣଙ୍କୁ ସମ୍ମାନିତ ଅତିଥି ଭାବେ ପାଇବା ଆମ ପାଇଁ ଅତ୍ୟନ୍ତ ଗୌରବର ବିଷୟ ହେବ। ଏହି ଉତ୍ସବରେ ଭାରତର ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ. ଜୟଶଙ୍କର, ଏହି ଉଚ୍ଚସ୍ତରୀୟ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଉପସ୍ଥିତ ହେବାକୁ ସହୃଦୟତାର ସହ ସମ୍ମତି ଦେଇଛନ୍ତି।

# 'ଜିନେ କେ ଲିୟେ ଦୋସ୍ତ, ଜରୁରୀ ହୈ ଫାଣ୍ଟାସି'ରେ ଶାହରୁଖ

**ଭୁବନେଶ୍ୱର, ୬।୫ (ମହାଭାରତ):** ସନଫିଷ୍ଟ ଡାର୍କ ଫାଣ୍ଟାସି ତାହାର ସଦ୍ୟତମ ବ୍ରାଣ୍ଡ୍ ପ୍ରୟାସ 'ଫାଣ୍ଟାସି ଜରୁରୀ ହୈ' ଶୁଭାରମ୍ଭ କରିଛି, ଯାହାର କେନ୍ଦ୍ରସ୍ଥଳରେ ରହିଛି ଏକ ଉତ୍ସାହଜନକ ହିନ୍ଦୀ କବିତା, ଏବଂ ଏହା ଏକ ଚଳଚ୍ଚିତ୍ର ଆକାରରେ ଉପସ୍ଥାପନ କରାଯାଇଛି, ଯାହା କାଳ୍ପନିକ ଜଗତର ଅନେକ ଦିଗକୁ ଅନୁଧ୍ୟାନ କରୁଛି- ଏହା କଣ, ଏହା କେଉଁଠାରେ ରହିପାରିବ, ଏହା କିଭଳି ପ୍ରକାଶିତ ହୁଏ ଏବଂ ଆମ ଜୀବନ ପାଇଁ ଏହା କାହିଁକି ଅତ୍ୟାବଶ୍ୟକ।

ଜାତୀୟ ପୁରସ୍କାର-ବିଜେତା ଗୀତିକାର ଏବଂ କଣ୍ଠଶିଳ୍ପୀ ସ୍ୱାନନ୍ଦ କିରକିରେଙ୍କ ଦ୍ୱାରା ଲିଖିତ ଏବଂ ବଲିଉଡ ବାଦଶାହ ଶାହରୁଖ ଖାଁଙ୍କ ଦ୍ୱାରା ଗାନ କରାଯାଇଥିବା ଏହି କବିତା ଶ୍ରୋତାମାନଙ୍କୁ ଦୈନନ୍ଦିନ ଗତାନୁଗତିକ ଜୀବନରୁ ଏକ ଅଦ୍ଭୁତ ଏବଂ ଚିନ୍ତନଶୀଳ ଯାତ୍ରାରେ ଫାଣ୍ଟାସିର ସୀମାହୀନ ସମ୍ଭାବନା ଆଡକୁ ନେଇଯାଉଛି।

ନିଜର ବ୍ରାଣ୍ଡ ପ୍ରସ୍ତାବନା 'ହର୍ ଦିଲ କି ଫାଣ୍ଟାସି' ପ୍ରତି ସତ୍ୟନିଷ୍ଠ ହୋଇ ସନଫିଷ୍ଟ ଡାର୍କ ଫାଣ୍ଟାସି ଅନନ୍ତ ଉପାୟଗୁଡିକ ପାଳନ ଜାରି ରଖିଛି ଯେଉଁଥିରେ ଜନସାଧାରଣ କଳ୍ପନା କରନ୍ତି, ପଳାୟନ କରନ୍ତି ଏବଂ ଅଭିବ୍ୟକ୍ତ କରନ୍ତି- ସେହି ମୁହୂର୍ତ୍ତଗୁଡିକରେ ଉଭୟ ବୃହତ ଏବଂ କ୍ଷୁଦ୍ର ଆକାରରେ। ଟ୍ରାଫିକ ଭିଡ ଠାରୁ ନେଇ ଅଦେଖା ସଂଗ୍ରାମ ପର୍ଯ୍ୟନ୍ତ, ଅଫିସ ରୁଟିନରୁ ନେଇ ପରୀ ରାଇଜ-କାହାଣୀ ରୂପାନ୍ତରଣ ପର୍ଯ୍ୟନ୍ତ, ଏହି ଚଳଚ୍ଚିତ୍ର ଫାଣ୍ଟାସିର ଅଗଣିତ ଅବତାରକୁ ଧରି ରଖୁଛି- ପ୍ରତ୍ୟେକ ଏକ ବ୍ୟକ୍ତିଗତ ଅଥଚ ସାର୍ବଜନୀନ ଭାବରେ ପଳାୟନ ରୂପରେ। ଏହା ମେଘରେ ଦୁର୍ଗ ଆଙ୍କିବା ହେଉ ଅଥବା କଫି ବିରତି ମଧ୍ୟରେ ବିକଳ୍ପ ବାସ୍ତବତା ମଧ୍ୟକୁ ପ୍ରବେଶ କରିବା ହେଉ, ଫାଣ୍ଟାସି ପୋଏମ୍ ମୃଦୁ ଭାବରେ ଆମକୁ ସ୍ମରଣ କରାଇ ଦେଉଛି ଯେ ଫାଣ୍ଟାସି ଆମ ସମସ୍ତଙ୍କ ମଧ୍ୟରେ ନିରବରେ ରହିଛି- ଯାହା ଜାଗ୍ରତ ହେବାକୁ ଅପେକ୍ଷା କରୁଛି।

ଅଲି ହାରିସ୍ ଶେରେ, ଚିଫ ଅପରେଟିଂ ଅଫିସର, ବିସ୍କୁଟସ୍ ଆଣ୍ଡ କେକସ୍ କ୍ଲଷ୍ଟର, ଫୁଡସ୍ ଡିଭିଜନ, ଆଇଟିସି ଲିମିଟେଡ କହିଥିଲେ, "ଫାଣ୍ଟାସି ଅତ୍ୟନ୍ତ ବ୍ୟକ୍ତିଗତ, ତଥାପି ସାର୍ବଜନୀନ ଭାବରେ ପ୍ରାସଙ୍ଗିକ।

## ଜଳ ସଙ୍କଟ

ଗତ ୧୫ ବର୍ଷ ହେବ ଏହି ପ୍ରସଙ୍ଗରେ କାଦୁଅ ଫିଙ୍ଗା ଚାଲିଛି। ମାମଲା କୋର୍ଟକୁ ଯାଇଛି। ମହାନଦୀ ମାମଲା ବାବଦରେ ରାଜ୍ୟ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କଲେଣି। କିନ୍ତୁ କିଛି ଲାଭ ହୋଇନି। ବାସ୍ତବରେ ଛତିଶଗଡ଼ ସରକାର ନିଜ କ୍ଷମତା ପରିସର ମଧ୍ୟରେ ମହାନଦୀରେ ବ୍ୟାରେଜ ନିର୍ମାଣ କରିଛନ୍ତି। ଏଥିରେ ଓଡ଼ିଶାର ଆପତ୍ତି ଉଠାଇବାର ବିଶେଷ ସୁଯୋଗ ନାହିଁ, ଆବଶ୍ୟକତା ବି ନାହିଁ। ଏ କଥା ସ୍ୱୀକାର କରିବାକୁ ପଡ଼ିବ ଯେ, ଛତିଶଗଡ଼ ସରକାର ମହାନଦୀର ଉପରମୁଣ୍ଡରେ ଯେପରି ଅବିଚାରିତ ଭାବେ ବ୍ୟାରେଜ ନିର୍ମାଣ କରିଛନ୍ତି ତାହା ସ୍ୱାର୍ଥପରତା। ଏ ସମ୍ପର୍କରେ ଓଡ଼ିଶା ସରକାରଙ୍କ ସହ ଯୋଗାଯୋଗ କରିବାର ଥିଲା। କିନ୍ତୁ ଓଡ଼ିଶା ସରକାର ମଧ୍ୟ ନିଜ ପରିସର ମଧ୍ୟରେ ମହାନଦୀରେ ବ୍ୟାରେଜ ନିର୍ମାଣ କରି ଜଳ ସଞ୍ଚୟ କରିପାରନ୍ତେ। ନିଜ ବାଡ଼ରେ ବାଡ଼ ନପକାଇ ଅନ୍ୟକୁ ଦୋଷ ଦେଇ କିଛି ଲାଭ ନାହିଁ। ବର୍ଷା ଦିନେ ମହାନଦୀରେ ପ୍ରତି ବର୍ଷ ବନ୍ୟା ଆସୁଛି। ହୀରାକୁଦ ଜଳ ଭଣ୍ଡାରରୁ ଉଦବୃତ୍ତ ଜଳକୁ ସ୍ଲୁଇସ ଗେଟ ଦେଇ ଛଡ଼ାଯାଉଛି। ଏହାର ୯୫ ପ୍ରତିଶତ ସମୁଦ୍ରକୁ ଚାଲିଯାଉଛି। ଏହି ଜଳକୁ ଯଦି ମହାନଦୀ ଏବଂ ଏହାର ଶାଖା ନଦୀ ଗୁଡ଼ିକରେ ବ୍ୟାରେଜ ନିର୍ମାଣ କରି ସଂଚିତ କରାଯାଇପାରନ୍ତା ତେବେ ଛତିଶଗଡ଼ ବିରୋଧରେ ଅଭିଯୋଗ କରିବାର ଆବଶ୍ୟକତା ପଡ଼ନ୍ତା ନାହିଁ। ମହାନଦୀ ଏବଂ ଏହାର ଶାଖା ନଦୀ ଗୁଡ଼ିକରେ ଛୋଟ ବଡ଼ ବ୍ୟାରେଜ ନିର୍ମାଣ କରାଯାଇପାରିଲେ କେବଳ ପାନୀୟ ଜଳ ଯୋଗାଣ ସହଜ ହୋଇପାରିବ , ସେ କଥା ନୁହେଁ। କୃଷି ଏବଂ ଶିଳ୍ପ ପାଇଁ ଜଳର ଅଭାବ ରହିବ ନାହିଁ। ଯଦି ଓଡ଼ିଶାର କୃଷି କ୍ଷେତ୍ରକୁ ପର୍ଯ୍ୟାପ୍ତ ଜଳଯୋଗାଣ ହୋଇପାରିବ, ତେବେ ଓଡ଼ିଶାର ଅର୍ଥନୀତି ସମୃଦ୍ଧ ହୋଇପାରିବ, ଖାଦ୍ୟ ଉତ୍ପାଦନ ବୃଦ୍ଧି ହୋଇପାରିବ। ସମଗ୍ର ଦେଶ ପାଇଁ ଏହା ଆଶୀର୍ବାଦ ଭଳି ହେବ। କିଛି ବର୍ଷ ତଳେ ଓଡ଼ିଶା ସରକାର ଏଥିଲାଗି ନିଷ୍ପତ୍ତି ନେଇଥିଲେ। କିନ୍ତୁ ଏହାକୁ କାର୍ଯ୍ୟକାରୀ କରିବାକୁ ନିଷ୍ଠା ଏବଂ ଆନ୍ତରିକତା ନଥିଲା। ଫଳରେ ମହାନଦୀରେ ବ୍ୟାରେଜ ନିର୍ମାଣ ପରିକଳ୍ପନା କେବଳ କାଗଜପତ୍ରରେ ରହିଗଲା। ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ବିଜେଡି ସରକାର ଶସ୍ତା କାର୍ଯ୍ୟକ୍ରମରେ ରାଜକୋଷରୁ ପାଣି ଭଳି ଟଙ୍କା ଖର୍ଚ୍ଚ କରିଛନ୍ତି। ଏହି ଅର୍ଥକୁ ଯଦି ଜଳସେଚନ ବା ମହାନଦୀରେ ବ୍ୟାରେଜ ନିର୍ମାଣରେ ବ୍ୟୟ କରିଥାଆନ୍ତେ ତେବେ ଆଜି ଓଡ଼ିଶାର ଭାଗ୍ୟ ବଦଳି ସାରନ୍ତାଣି। ଏବେ ମୋହନ ମାଝୀଙ୍କ ନେତୃତ୍ୱରେ ବିଜେପି ସରକାର ମହାନଦୀରେ ୭ଟି ବ୍ୟାରେଜ ନିର୍ମାଣ ଲାଗି ଘୋଷଣା କରିଛନ୍ତି। ଏହା ସ୍ୱାଗତଯୋଗ୍ୟ। ବାସ୍ତବରେ ମହାନଦୀ ଓ ଏହାର ଶାଖା ନଦୀ ଗୁଡ଼ିକରେ ୭ ନୁହେଁ, ୭୦ଟି ଛୋଟ ବଡ଼ ବ୍ୟାରେଜ ନିର୍ମାଣର ଆବଶ୍ୟକତା ରହିଛି। ଯାହା ବି ହେଉ ରାଜ୍ୟ ସରକାର ୭ଟି ବ୍ୟାରେଜ ନିର୍ମାଣ ଲାଗି ନିଷ୍ପତ୍ତି ନେଇଛନ୍ତି ତାହା ସ୍ୱାଗତଯୋଗ୍ୟ। କିନ୍ତୁ ଏହାକୁ କେତେ ଶୀଘ୍ର କାର୍ଯ୍ୟକାରୀ କରାଯିବ  ତାହା ହେଉଛି ବଡ଼ ପ୍ରଶ୍ନ। ପୂର୍ବ ସରକାରଙ୍କ ଏଭଳି ଅନେକ ଘୋଷଣା କେବଳ କାଗଜପତ୍ରରେ ସୀମିତ ଥିଲା। ଏହାର ପୁନରାବୃତ୍ତି ନହେବା ଉଚିତ। ମୋହନ ମାଝୀ ସରକାର ଏଥିପ୍ରତି ଦୃଷ୍ଟି ଦେବା ଉଚିତ। ଏବେ ଉଭୟ କେନ୍ଦ୍ର ଏବଂ ରାଜ୍ୟରେ ବିଜେପି ସରକାର ଚାଲିଛି। ଉଭୟ ସରକାର ସ୍ଥିର ଏବଂ ସୁଦୃଢ଼। ଡବଲ ଇଞ୍ଜିନ ସରକାର ବେଳେ ଏଭଳି କାର୍ଯ୍ୟକ୍ରମ ପାଇଁ ଟଙ୍କାର ଅଭାବ ରହିବ ନାହିଁ। ଆବଶ୍ୟକତା କେବଳ  ରାଜନୈତିକ ଇଚ୍ଛା ଶକ୍ତିର। ଅତୀତରେ ଛତିଶଗଡ଼ର ତତ୍କାଳୀନ ମୁଖ୍ୟମନ୍ତ୍ରୀ ଡକ୍ଟର ରମଣ ସିଂହ ଏଭଳି ଦୃଢ଼ ରାଜନୈତିକ ଇଚ୍ଛାଶକ୍ତି ବଳରେ ମହାନଦୀ ଉପର ମୁଣ୍ଡରେ ଏକାଧିକ ବ୍ୟାରେଜ ନିର୍ମାଣ କରି ରାଜ୍ୟର ବିକାଶ ସାଧନ କରିଥିଲେ।

# ୧୦୮ର ମହାତ୍ମ୍ୟ

॥ ରଜତ କୁମାର ବୋଷ ॥

*ବିଜ୍ଞାନ ଅନୁଯାୟୀ : ହାସିୟମର ଆଣବିକ ସଂଖ୍ୟା ୧୦୮। ମନୁଷ୍ୟର ଆଭ୍ୟନ୍ତରୀଣ ତାପ ୧୦୮ ଫାରେନ୍‌ହିଟରେ ପହଞ୍ଚିଲେ ଶରୀରର ମୁଖ୍ୟ ଅଂଶଗୁଡ଼ିକ ଅଚଳ ହେବା ଆରମ୍ଭ ହୋଇଯାଏ। ଯୋଗରେ ୧୦୮ ଜପମାଳାକୁ ଗୁରୁତ୍ୱ ଦିଆଯାଏ। କିନ୍ତୁ ଅଧିକାଂଶ ସମୟରେ ବିଦେଶୀ ଛାତ୍ରମାନେ ପଚାରନ୍ତି ୧୦୦ ସଂଖ୍ୟା ଗଣିବା ପାଇଁ ସହଜ। ତେଣୁ ୧୦୮ ବଦଳରେ ଜପମାଳି ୧୦୦ ହେଲେ ସୁବିଧା ହୁଅନ୍ତା। ଲୁସିଆନା ରାଜ୍ୟ ବିଶ୍ୱବିଦ୍ୟାଳୟର ପ୍ରଫେସର ସୁଭାଷ କାକଙ୍କ ଅନୁଯାୟୀ ଆକାଶରେ ସୂର୍ଯ୍ୟ ଓ ଚନ୍ଦ୍ରଙ୍କ ଗତିପଥକୁ ୨୭ଟି ସମାନ ଭାଗରେ ବିଭକ୍ତ କରାଯାଏ।*

ଗୌଡ଼ିୟ ବୈଷ୍ଣବ ମତରେ ବୃନ୍ଦାବନରେ ୧୦୮ଜଣ ଗୋପୀ ଥିଲେ। ତେଣୁ ଜପମାଳାର ମାଳି ସଂଖ୍ୟା ୧୦୮ ହେବା ଉଚିତ। ବୈଷ୍ଣବ ପରମ୍ପରା ଅନୁଯାୟୀ ଭଗବାନ ବିଷ୍ଣୁଙ୍କର ୧୦୮ଟି ନିବାସ ରହିଛି। ବିଶ୍ୱର ବୃହତ୍ତମ ହିନ୍ଦୁ ମନ୍ଦିର ଭାବରେ ଖ୍ୟାତ କାମ୍ବୋଡ଼ିଆର ଆଙ୍ଗକୋର ୱାଟ ମନ୍ଦିରରେ ୫୪ଜଣ ଦେବତା ଓ ୫୪ ଜଣ ଅସୁର ସର୍ପକୁ ଦୁଇ ପାର୍ଶ୍ୱରୁ ଧରି ସମୁଦ୍ର ମନ୍ଥନ କରୁଥିବାର ମୂର୍ତ୍ତି ରହିଛି। ଆଙ୍ଗକୋର ଥୋମ୍‌ର ଦୁର୍ଗିକୃତ ମନ୍ଦିରର ୫ଟି ପ୍ରବେଶ ପଥରେ ଫାଟକର ବାମ ପାର୍ଶ୍ୱରେ୫୪ ଜଣ ଦେବତା ଓ ଡାହାଣ ପାର୍ଶ୍ୱରେ ୫୪ଜଣ ଅସୁରଙ୍କର ମୂର୍ତ୍ତି ରହିଛି। ତିବ୍ବତିୟ ବୌଦ୍ଧମାନେ ଜପମାଳିରେ ୧୦୮ଟି ମାଳି ବ୍ୟବହାର କରନ୍ତି। ତିବ୍ବତୀୟ ଭାଷାରେ ବୁଦ୍ଧଙ୍କ ୧୦୮ ବାଣୀର ପ୍ରତୀକ ଭାବରେ ବିବେଚନା କରାଯାଏ ଏହାକୁ। ଜେନ୍ ବୌଦ୍ଧ ସନ୍ନ୍ୟାସୀମାନେ ସେମାନଙ୍କ କଟିରେ ପିନ୍ଧୁଥିବା ଜପମାଳି ଜୁଜୁରେ ୧୦୮ଟି ମାଳି ଥାଏ। ବୌଦ୍ଧ ଧର୍ମର ଲଙ୍କାବତାର ସୂତ୍ରରେ ବୋଧିସତ୍ତ୍ୱ ମହାମତି ବୁଦ୍ଧଙ୍କୁ ୧୦୮ଟି ପ୍ରଶ୍ନ ପଚାରିଥିବା ଉଲ୍ଲେଖ ଅଛି। ଅନେକ ବୌଦ୍ଧ ମନ୍ଦିରରେ ୧୦୮ଟି ପାହାଚ ରହିଛି। କେତେକ ବୌଦ୍ଧ ଗୋଷ୍ଠିର ମତ ଅନୁଯାୟୀ ମନୁଷ୍ୟର ୧୦୮ଟି ଭାବନା ଅଛି।  ଜାପାନରେ ବର୍ଷ ଶେଷରେ ବୌଦ୍ଧ ମନ୍ଦିରରେ ଗୋଟିଏ ଘଣ୍ଟି ୧୦୮ ଥର ବଜାଯାଇ ପୁରାତନ ବର୍ଷକୁ ବିଦାୟ ଦେଇ ନବବର୍ଷକୁ ସ୍ୱାଗତ କରାଯାଏ। ପ୍ରତ୍ୟେକଟି ଘଣ୍ଟିର ଶବ୍ଦ ମନୁଷ୍ୟର ୧୦୮ଟି ବାସନାର ନିବାରଣ ପାଇଁ। ଏସବୁ ବାସନା ନିବାରଣ ଦ୍ୱାରା ମନୁଷ୍ୟ ନିର୍ବାଣ ପ୍ରାପ୍ତ ହୋଇପାରେ। ଇହୁଦିମାନେ ଉପହାର ଓ ଦାନ ଅର୍ଥ ୧୦୮ରୁ ଗୁଣକ ଭାବରେ ଦିଅନ୍ତୁ। ୧୦୮କୁ ହବ୍ରୁ ଭାଷାରେ କୁହାଯାଏ ଚାଲ। ଏହାର ଅର୍ଥ ଜୀବନ।

ଆଦ୍ୟ ପ୍ରାଚୀନ ଖ୍ରୀଷ୍ଟିୟାନ ମତବାଦ ଅନୁଯାୟୀ ପ୍ରତ୍ୟେକ ବ୍ୟକ୍ତିଙ୍କୁ ନିଜ ଅହଙ୍କାର ତ୍ୟାଗ କରିବା ପାଇଁ ପ୍ରକୃତି ୧୦୮ଥର ସୁଯୋଗ ଦିଏ। ଏହା ନହୋଇପାରିଲେ ସେ ଏହି ପ୍ରାର୍ଥିବ ଜଗତ ଛାଡ଼ିବା ପୂର୍ବରୁ ଏହି ଅହଂ ପ୍ରକୃତିର ଜୋର ରକି ଛଡ଼ାଇ ନିଏ। ପୂର୍ବ ଏସିଆର ଅଧିକାଂଶ ସମର କଳା ବୌଦ୍ଧ ଧର୍ମ ବିଶେଷ କରି ଶାଓଲିନ୍ ବୌଦ୍ଧ ମଠ ସହ ସମ୍ପର୍କିତ। ବୌଦ୍ଧଧର୍ମ ସହ ସଂଯୁକ୍ତ ଥିବାରୁ ଅଧିକାଂଶ ସାମରିକ କ୍ରୀଡ଼ା ବା ସମର କଳାଗୁଡ଼ିକରେ ୧୦୮ଟି ଭିନ୍ନ ଭିନ୍ନ ଶୈଳୀ ଥାଏ। ମର୍ମ ଆଦି ଓ ଆୟୁର୍ବେଦ ଅନୁଯାୟୀ ପ୍ରତ୍ୟେକ ଶରୀରରେ ୧୦୮ଟି ପ୍ରେସର ପଏଣ୍ଟ ଅଛି। ଏହି ପଏଣ୍ଟ ସବୁରେ ଚେତନା ଓ ରକ୍ତ-ମାଂସର ମିଳନ ଘଟି ମନୁଷ୍ୟକୁ ଜୀବନ୍ତ ଦେଇଛି। ଚୀନା ଓ ଦକ୍ଷିଣ ଭାରତୀୟ ସମର କଳା ଅନୁଯାୟୀ ଶରୀରରେ ୧୦୮ଟି ପ୍ରେସର ପଏଣ୍ଟ ଅଛି। ଜାପାନୀ ସମର କଳା ଗୋଜୁ-ର୍ୟୁ କରାଟେରେ ୧୦୮ଟି ଗୁରୁତ୍ୱପୂର୍ଣ୍ଣ ଆକ୍ରମଣ ଶୈଳୀ ଅଛି। ସେହିପରି ୟାଙ୍ଗ ତେଜିକ୍ୱାନ ସମର କଳାରେ ୧୦୮ଟି ଚାଲ ଅଛି। ଇଗଲ କ୍ଲ କୁଙ୍ଗ ଫୁ ସମର କଳାରେ ପଞ୍ଚ ଲଢ଼େଇର ୧୦୮ଟି କୌଶଳ ଅଛି। ଏହି କୌଶଳଗୁଡ଼ିକ ଉପରୋକ୍ତ ପଞ୍ଚା ଲଢ଼େଇର ବିଶେଷତ୍ୱ।

ବିଜ୍ଞାନ ଅନୁଯାୟୀ : ହାସିୟମର ଆଣବିକ ସଂଖ୍ୟା ୧୦୮। ମନୁଷ୍ୟର ଆଭ୍ୟନ୍ତରୀଣ ତାପ ୧୦୮ ଫାରେନ୍‌ହିଟରେ ପହଞ୍ଚିଲେ ଶରୀରର ମୁଖ୍ୟ ଅଂଶଗୁଡ଼ିକ ଅଚଳ ହେବା ଆରମ୍ଭ ହୋଇଯାଏ। ଯୋଗରେ ୧୦୮ ଜପମାଳାକୁ ଗୁରୁତ୍ୱ ଦିଆଯାଏ। କିନ୍ତୁ ଅଧିକାଂଶ ସମୟରେ ବିଦେଶୀ ଛାତ୍ରମାନେ ପଚାରନ୍ତି ୧୦୦ ସଂଖ୍ୟା ଗଣିବା ପାଇଁ ସହଜ। ତେଣୁ ୧୦୮ ବଦଳରେ ଜପମାଳି ୧୦୦ ହେଲେ ସୁବିଧା ହୁଅନ୍ତା। ଲୁସିଆନା ରାଜ୍ୟ ବିଶ୍ୱବିଦ୍ୟାଳୟର ପ୍ରଫେସର ସୁଭାଷ କାକଙ୍କ ଅନୁଯାୟୀ ଆକାଶରେ ସୂର୍ଯ୍ୟ ଓ ଚନ୍ଦ୍ରଙ୍କ ଗତିପଥକୁ ୨୭ଟି ସମାନ ଭାଗରେ ବିଭକ୍ତ କରାଯାଏ। ଏହାକୁ ନକ୍ଷତ୍ର କୁହାଯାଏ। ପ୍ରତି ନକ୍ଷତ୍ରକୁ ଚାରୋଟି ଭାଗ ବା ଚାରୋଟି ପଦରେ ବିଭକ୍ତ କରାଯାଏ। ଏହି ୨୭ ଢ ୪ = ୧୦୮ ଆକାଶରେ ସୂର୍ଯ୍ୟ ଓ ଚନ୍ଦ୍ରଙ୍କ ୧୦୮ଟି ପଦ ସହ ସମାନ। ପ୍ରତ୍ୟେକ ପଦ ଗୋଟିଏ ଗୋଟିଏ ଆଶୀର୍ବାଦ ସହ ଜଡ଼ିତ। ଜପମାଳାର ଆରମ୍ଭ ବା ମୁଖ୍ୟ ମାଳିକୁ କୁହାଯାଏ କୃଷ୍ଣ। ବିଶ୍ୱାସ କରାଯାଏ କୃଷ୍ଣଙ୍କର ୧୦୮ଜଣ ଶ୍ରେଷ୍ଠ ଅନୁଚର ଅଛନ୍ତି। ସେମାନେ ସର୍ବଦା କୃଷ୍ଣ ନାମ କରୁଥାନ୍ତି। ତେଣୁ ଜପମାଳାର କୃଷ୍ଣମାଳିରେ ଜପ କରାଯାଏ ନାହିଁ। ପୃଥିବୀଠାରୁ ସୂର୍ଯ୍ୟର ଦୂରତା ପ୍ରାୟ ୧୦୮ (୧୦୭.୫୧)ଗୁଣ। ପୃଥିବୀ ଠାରୁ ଚନ୍ଦ୍ରଙ୍କ ଦୂରତା ଚନ୍ଦ୍ରଙ୍କ ବ୍ୟାସର ୧୦୮ଗୁଣ। ଏଥିସହ ସୂର୍ଯ୍ୟଙ୍କ ବ୍ୟାସ ପୃଥିବୀ ବ୍ୟାସର ପ୍ରାୟ ୧୦୮ଗୁଣ। ବୋଧହୁଏ ଏହି କାରଣରୁ ପୁରାତନ ମୁନିଋଷିମାନେ ୧୦୮ ସଂଖ୍ୟାକୁ ଏତେ ଗୁରୁତ୍ୱ ଦେଇଛନ୍ତି। ଯେମିତି ଆମ ସୌରଜଗତରେ ସୂର୍ଯ୍ୟ ଚନ୍ଦ୍ରଙ୍କ ୧୦୮ଟି ପାଦ ଗତି ଅଛି ସେମିତି ଆମ ଅନ୍ତର ଭିତରେ ଥିବା ସୂର୍ଯ୍ୟଙ୍କୁ ପରିକ୍ରମା କରିବା ପାଇଁ ୧୦୮ ସଂଖ୍ୟାର ଗୁରୁତ୍ୱ ରହିଛି। ୟୁରୋପୀୟ ଓ ମଧ୍ୟପ୍ରାଚ୍ୟର ଧାର୍ମିକ ବିଶ୍ୱାସ ଅନୁଯାୟୀ ବିଶ୍ୱ ବ୍ରହ୍ମାଣ୍ଡର ସୃଷ୍ଟି ମାତ୍ର ୬୦୦୦ ବର୍ଷ ତଳର କଥା। କିନ୍ତୁ ଭାରତୀୟ ବେଦ ଉପନିଷଦ ଅନୁଯାୟୀ ଆମର ବର୍ତ୍ତମାନର ବ୍ରହ୍ମାଣ୍ଡ କୋଟି କୋଟି ପୁରାତନ। ଏମିତି କେତେ ବିଶ୍ୱ ସୃଷ୍ଟି ହୋଇଛି ଓ ସମୟ କ୍ରମେ ଧ୍ୱଂସ ହୋଇ ମହାଆକାଶ ମଧ୍ୟରେ ଲୀନ ହୋଇଯାଇଛି। ପୁରାତନ ଅନୁଯାୟୀ ଆମର ବର୍ତ୍ତମାନର ସୌରଜଗତ କ୍ଷୀରସାଗରରୁ ଉଦ୍ଭବ ହୋଇଛି। ପୁରାଣର ବର୍ଣ୍ଣନା ଅନୁଯାୟୀ ଆମ ସୌରଜଗତ କ୍ଷୀର ସାଗର ମଧ୍ୟରୁ ଉଦ୍ଭବ। ସ୍ରଷ୍ଟାଙ୍କ ଇଚ୍ଛାନୁସାରେ ଅନନ୍ତ ଅସୀମ ବିଷ୍ଣୁ ଭଗବାନଙ୍କ ନାଭିରୁ ଏକ କମଳ ପୁଷ୍ପ ବାହାରି ମହାଶୂନ୍ୟ ଆଡ଼କୁ ଗଲା। ଏହାକୁ ହିରଣ୍ୟଗର୍ଭ ବୋଲି କୁହାଯାଏ। ଏଥିରୁ କ୍ରମଶ ଆମ ପୃଥିବୀ ସୃଷ୍ଟି ହେଲା। ଶାସ୍ତ୍ରମତ ଅନୁଯାୟୀ ସୃଷ୍ଟି ହେବାର ନିୟୁତ ନିୟୁତ ବର୍ଷ ପରେ ଯେତେବେଳେ ସୂର୍ଯ୍ୟର ଆକାର ଆହୁରି ବଡ଼ ହୋଇଯିବ ସେତେବେଳେ ଏହା ସମଗ୍ର ପୃଥିବୀର ଜୀବସତ୍ତାକୁ ଗ୍ରାସ କରିବ। ମହାଜାଗତିକ ବାୟୁ ଭସ୍ମୀଭୂତ ଭୂ-ଲୋକର ଭସ୍ମକୁ ମହାକାଶକୁ ଉଡାଇ ନେବ। ବର୍ତ୍ତମାନ ବିଜ୍ଞାନ ମଧ୍ୟ ଠିକ୍ ସେୟା କହୁଛି।

ଭାରତୀୟ ପରମ୍ପରାରେ ସୂର୍ଯ୍ୟ ସିଦ୍ଧାନ୍ତ ସର୍ବପୁରାତନ ଜ୍ୟୋତିଷ ଶାସ୍ତ୍ର। ଏହା ପଞ୍ଚମ-ଷଷ୍ଠ ଶତାବ୍ଦୀର ସୃଷ୍ଟି ବୋଲି ପାଶ୍ଚାତ୍ୟ ବୈଜ୍ଞାନିକମାନଙ୍କ ମତ। ସୂର୍ଯ୍ୟ ସିଦ୍ଧାନ୍ତରେ ଉଲ୍ଲେଖ ଅଛି ପୃଥିବୀ ଗୋଲକରେ ଭାରତ ଯେଉଁ ସ୍ଥାନରେ ଅଛି ତାର ଠିକ୍ ବିପରୀତରେ ଏକ ମହାନ ସହର ଅଛି। ଭାରତରେ ଯେତେବେଳେ ସୂର୍ଯ୍ୟ ଅସ୍ତ ହୁଅନ୍ତି, ସେଠାରେ ଠିକ୍ ସେତିକିବେଳେ ସୂର୍ଯ୍ୟ ଅସ୍ତ ଯାଆନ୍ତି। ଏହି ସହରରେ ଜ୍ଞାନୀଗୁଣୀମାନେ ବାସ କରନ୍ତି। ଗ୍ଲୋବରେ ଭାରତ ଯେଉଁଠି ଅଛି ତାର ଠିକ ବିପରୀତରେ ରହିଛି ମେକ୍ସିକୋ। ମେକ୍ସିକୋର ମାୟା ସଭ୍ୟତାର ବାସିନ୍ଦାମାନେ ମହାନ ଜ୍ୟୋତିଷ ଥିଲେ ବୋଲି ପ୍ରମାଣ ମିଳିଛି। ଅର୍ଥାତ୍ କଲମ୍ବସ ଆମେରିକା ଆବିଷ୍କାର କରିବାର ବହୁ ଶତାବ୍ଦୀ ପୂର୍ବରୁ ଭାରତୀୟ ମୁନିଋଷିମାନେ କେନ୍ଦ୍ର ଆମେରିକାର ଏହି ମହାନ ସଭ୍ୟତା ସମ୍ପର୍କରେ ଅବଗତ ଥିଲେ। ଏଥିରୁ ସ୍ପଷ୍ଟ ଜଣାପଡୁଛି ପ୍ରାଚୀନ ଭାରତୀୟ ଋଷିମୁନିମାନଙ୍କ ପାଇଁ ଆଧୁନିକ ଜ୍ୟୋତିଷୀୟ ଉପକରଣର ଆବଶ୍ୟକତା ନଥିଲା। ସେମାନେ ଯୋଗ ଦ୍ୱାରା ସମସ୍ତ ଜ୍ଞାନ ଲାଭ କରିପାରୁଥିଲେ। ତେଣୁ ପ୍ରାଚୀନ ଭାରତୀୟ ଶାସ୍ତ୍ରରେ ୧୦୮ ସଂଖ୍ୟାକୁ ଗୁରୁତ୍ୱ ଦିଆଯାଉଥିବାରୁ ଓ ବର୍ତ୍ତମାନ ବିଜ୍ଞାନ ଦ୍ୱାରା ଏହା ପ୍ରମାଣିତ ହେଉଥିବାରୁ ଆମେ ଏହାର ମହତ୍ୱ ବିଷୟରେ ଜାଣିବା ଉଚିତ। (କ୍ରମଶଃ)

# ସହରରେ ମିଳିବ ଗ୍ରାମ୍ୟ ସଂସ୍କୃତିର ମହକ

॥ ବିପିନ ବିହାରୀ ରାଉତ ॥

ସମୟ ବଦଳିବା ସହିତ ଲୋକଙ୍କ ଚାଲିଚଳନ ଜୀବନଶୈଳୀ, ଖାଦ୍ୟପେୟ ରୁଚିରେ ଅନେକ ପରିବର୍ତ୍ତନ ଘଟିଛି। ଏ ସବୁ ସତ୍ତ୍ୱେ ଓଡ଼ିଆଙ୍କ ପ୍ରିୟ ଖାଦ୍ୟ ପଖାଳର ଆଦୃତି କମିନାହିଁ। ଆଜି ମଧ୍ୟ ଗାଁ ଠାରୁ ଆରମ୍ଭ କରି ସହରର ଲୋକମାନେ ପଖାଳର ମହତ୍ତ୍ୱକୁ ଭୁଲିଯାଇନାହାନ୍ତି। ପୂର୍ବରୁ କେବଳ ଚାଷୀ ଘରର ପ୍ରମୁଖ ଖାଦ୍ୟ ଥିଲା ପଖାଳ। ଗାଁ ଗହଳିର ନିତିଦିନିଆ ଖାଦ୍ୟ ଏହି ପଖାଳ କିନ୍ତୁ ଏବେ ସହରରେ ପ୍ରବେଶ କରିଛି। ସବୁଦିନ ନହେଲେ ମଧ୍ୟ ସମୟ ସମୟରେ ପରିବାର ସଦସ୍ୟଙ୍କ ଗହଣରେ ପଖାଳ ଖାଇବାର ମଜା ଟିକେ ନିଆରା। ବିଶେଷକରି ଖରାଦିନ ଆସିଲେ, ପଖାଳ ଖାଇବାକୁ ଅଧିକ ଲୋକ ଭଲ ପାଇଥାନ୍ତି। ସହରର ଚାକଚକ୍ୟ ମାଧୁର୍ଯ୍ୟ ଭରା ପରିବେଶରେ ମଧ୍ୟ ପଖାଳର ଏବେବି ଚାହିଦା ରହିଛି। ଯଦିଓ ପଖାଳରେ କୌଣସି ପରିବର୍ତ୍ତନ ହୋଇନାହିଁ କିନ୍ତୁ ପଖାଳ ଖାଇବାର ପରିବେଶ ଏବଂ ଶୈଳୀରେ ବହୁ ପରିବର୍ତ୍ତନ ଘଟିଛି। ଗତ କିଛି ବର୍ଷ ହେଲା ସହରରେ ପଖାଳକୁ ନେଇ ଏକ ଭିନ୍ନ ପରମ୍ପରା ସୃଷ୍ଟି ହୋଇଛି। ପଖାଳର ମହତ୍ତ୍ୱକୁ ବଜାୟ ରଖିବାକୁ ପ୍ରତିବର୍ଷ ମାର୍ଚ୍ଚ ୨୦ ତାରିଖକୁ ସାର୍ବଜନନୀ ପଖାଳ ଦିବସ ଭାବେ ପାଳନ କରାଯାଉଛି। ତେବେ ଏହାକୁ ନେଇ ନିୟମିତ ପଖାଳ ଖାଉଥିବା ଗାଁର ଲୋକଟିଏ ଯେତିକି ଖୁସି ନଥାନ୍ତି ତାଠାରୁ ଦ୍ୱିଗୁଣ ଉତ୍କଣ୍ଠା ଦେଖାଯାଇଛି ସହରବାସୀଙ୍କ ମଧ୍ୟରେ।

ଗାଁଠୁ ସହର ପର୍ଯ୍ୟନ୍ତ ପ୍ରତି ଘରେ ପଖାଳ ପ୍ରତି ଲୋକଙ୍କର ଆକର୍ଷଣ ରହିଛି। ଗାଁ ପରିବେଶରେ ଲୋକଙ୍କୁ ଜୀବନଶୈଳୀରେ ପଖାଳ ଯେ କେବଳ ଏକ ନିତିଦିନିଆ ପାକ ପଦ୍ଧତି ତାହା ନୁହେଁ ବରଂ ଏହା ପ୍ରତି ପରିବାରକୁ ଯୌଥ ସୂତ୍ରରେ ମଧ୍ୟ ବାନ୍ଧି ରଖିବାରେ ଏକ ମାଧ୍ୟମ। କଂସାଏ ପଖାଳ ଓ ମୁନ୍ଦାଏ ତୋରାଣି ଦିନସାରାର ଖୋରାକ ଯୋଗାଇଥାଏ। ସେଇ ପଖାଳ ଖାଇ ଚାଷୀଟିଏ ଆତ୍ମସନ୍ତୋଷ ପାଇଥାଏ। ଆଜି ପଖାଳ ଦିବସ ଅବସରରେ ସହରବାସୀ ସେକାଳ ପଖାଳକୁ ଝୁରୁଛନ୍ତି। ଯେଉଁଥିପାଇଁ ପଖାଳ ପ୍ରସ୍ତୁତ ହୋଇଥିବା ବିଭିନ୍ନ ହୋଟେଲମାନଙ୍କରେ ପୂର୍ବରୁ ପ୍ରସ୍ତୁତ ଆରମ୍ଭ ହୋଇଛି। ଏହି ଦିବସ କେବଳ ଓଡ଼ିଶାରେ ନୁହେଁ ବରଂ ଓଡ଼ିଶା ବାହାରେ ମଧ୍ୟ ପାଳନ କରାଯାଉଛି। ପଖାଳ ଦିବସ ପାଇଁ ସହରର ବିଭିନ୍ନ ଛୋଟବଡ଼ ହୋଟେଲରେ ସ୍ୱତନ୍ତ୍ର ପ୍ରସ୍ତୁତି ହୋଇଛି। ସହରର ପ୍ରତି ହୋଟେଲରେ ବିଭିନ୍ନ ପ୍ରକାର ବ୍ୟଞ୍ଜନ ପ୍ରସ୍ତୁତ କରାଯାଇଛି। ଏହାସହ ଗ୍ରାମୀଣ ପରିବେଶ ସୃଷ୍ଟି ପାଇଁ ମଧ୍ୟ ସ୍ୱତନ୍ତ୍ର କଟେଜ୍ ନିର୍ମାଣ କରାଯାଇଛି, ଯେଉଁଠି ବସି ସହରବାସୀ କିଛି ସମୟ ପାଇଁ ଗାଁ ପରିବେଶକୁ ଅନୁଭବ କରିପାରିବେ। ଛୋଟ ହୋଟେଲଠୁ ଆରମ୍ଭ କରି ଷ୍ଟାର ହୋଟେଲ ପର୍ଯ୍ୟନ୍ତ ସବୁଠି ପ୍ରସ୍ତୁତି ହୋଇଛି ବିଭିନ୍ନ ଧରଣର ପଖାଳ ମେନୁ। ସାଧା ପଖାଳ, ଛୁଙ୍କ ପଖାଳ, ଦହି ପଖାଳ, ଖଟା ପଖାଳ, ସଜ ପଖାଳ, ପରିବା ପଖାଳ, ପରି ଅନେକ ପ୍ରକାର ମେନୁ ଉପଲବ୍ଧ ହୋଇଛି। ଏନେଇ ବିଭିନ୍ନ ଦରଦାମ୍ ମଧ୍ୟ ଧାର୍ଯ୍ୟ କରାଯାଇଛି। ମଧ୍ୟମ ଧରଣର ହୋଟେଲଗୁଡ଼ିକରେ ୩୦ଟଙ୍କାରୁ ଆରମ୍ଭ କରି ୯୦ ଟଙ୍କା ପର୍ଯ୍ୟନ୍ତ ପଖାଳ ଡିସ୍‌ର ମୂଲ୍ୟ ରହିଥିବା ବେଳେ ଷ୍ଟାର ହୋଟେଲଗୁଡ଼ିକରେ ଏହାର ମୂଲ୍ୟ ୪୦୦ରୁ ୬୦୦ ଟଙ୍କା ପର୍ଯ୍ୟନ୍ତ ରହିଛି। ପ୍ରତିବର୍ଷ ଗ୍ରାହକଙ୍କୁ ଆକୃଷ୍ଟ କଲା ଭଳି ସ୍ୱତନ୍ତ୍ର ବ୍ୟବସ୍ଥାମାନ କରାଯାଉଛି। ଏହାସହ ପଖାଳ ଦିବସ ପାଇଁ କେତେକ ସ୍ଥାନରେ ସ୍ୱତନ୍ତ୍ର ରିହାତି ରହିଛି। ସାଧା ପଖାଳରେ ବଡ଼ିଚୁରା, ଭଜା, ଚିପ୍ସ, ସାଲାଡ଼, ଆଳୁଭର୍ତ୍ତା, କଖାରୁ ଫୁଲ, ପୋଟଳ ଭଜା ଆଦି ରହିଥିବାବେଳେ ଦହି ପଖାଳରେ ସମାନ ପ୍ରକାର ବ୍ୟଞ୍ଜନ ରହିଥିବା ଏକାମ୍ରହାଟରେ ଥିବା ଏକ ହୋଟେଲର ମାଲିକ କୁହନ୍ତି। ଏଥର ପଖାଳ ଦିବସ ମଙ୍ଗଳବାର ହୋଇଥିବାରୁ ଆମିଷକୁ ଅଧିକ ଗୁରୁତ୍ୱ ଦିଆଯାଇଛି ଏବଂ ବିଭିନ୍ନ ଶାଗ ଆଇଟମରେ ଚୁନା ମାଛ, ବିଭିନ୍ନ ପ୍ରକାର ଭଜା ମାଛ, ମାଂସ କଷା, ଚିଙ୍ଗୁଡ଼ି ଭଜା, ମଟନ କଷା ଆଦି ରହିଛି। ସ୍କୁଲ କଲେଜ ପିଲାଙ୍କ ଠାରୁ ସମସ୍ତ ବର୍ଗର ଲୋକମାନେ ଏହି ଦିବସର ମଜା ନେଇଥାନ୍ତି ବୋଲି ହୋଟେଲ ମାଲିକ ପ୍ରକାଶ କରିଛନ୍ତି। ଦୈନନ୍ଦିନ ଜୀବନରେ ପଖାଳର ସ୍ଥାନ ସ୍ୱତନ୍ତ୍ର। ବିଶେଷକରି ଖରାଦିନେ ଓଡ଼ିଆଙ୍କ ଘରେ ଘରେ ପଖାଳର ଆଦୃତି ଦେଖିବାକୁ ମିଳିଥାଏ। କେବଳ ଗରିବ ଲୋକ ନୁହଁନ୍ତି ଧନୀ ଲୋକଙ୍କ ଘରେ ମଧ୍ୟ ଆବହମାନ ସମୟରୁ ପଖାଳର ଆଦରକୁ ନେଇ ଅନେକ ଲୋକକଥା ମଧ୍ୟ ରହିଛି। କଥାରେ ଅଛି ଜଣଙ୍କ ଘରେ ପଖାଳ ଥିଲେ ଆଉ ବାରିରେ ଶାଗ ମନ୍ଦାଏ ଥିଲେ ତାହାଘରେ ଆଉ ଅଭାବ ଶବ୍ଦ ନଥାଏ। ବାସ୍ତବିକ ଏହା ଅତ୍ୟନ୍ତ ସତ କଥା। କେହି କେହି ପରିହାସରେ ପଖାଳଖିଆ ଓଡ଼ିଆ ମଧ୍ୟ  କୁହନ୍ତି ଏହାର ଅନ୍ତର୍ନିହିତ ତାତ୍ପର୍ଯ୍ୟ ମଧ୍ୟ ଅଛି ତାହା ହେଉଛି ପଖାଳ ଶରୀରକୁ ଯେଉଁ ପୋଷକତତ୍ତ୍ୱ ଦେଇଥାଏ ତାହା ଅନ୍ୟ ଖାଦ୍ୟରେ ନଥାଏ। କେହି କେହି କୁହନ୍ତି ବାଶୀ ପଖାଳ ଯଦିଓ ଶରୀରକୁ ନିଦ୍ରା ଆଡ଼କୁ ନେଇଯାଏ କିନ୍ତୁ ପଖାଳ ହେଉଛି ସନ୍ତୁଷ୍ଟିର ଲକ୍ଷଣ ଅର୍ଥାତ୍ ସର୍ବନିମ୍ନ ଆବଶ୍ୟକକୁ ନେଇ ଏକ ଜାତି ମୁଣ୍ଡଟେକି ଚାଲିପାରେ ଆଉ ଜୀବନରେ ଭଗବାନଙ୍କ ପ୍ରଦତ୍ତ ସର୍ବନିମ୍ନ ଆବଶ୍ୟକତାକୁ ନେଇ ଜଣେ ଖୁସି ମଧ୍ୟ ହୋଇ ତା'ଜୀବନ ଅତିବାହିତ କରିଥାଏ। ଓଡ଼ିଶାର ଅନେକ ଲବ୍ଧପ୍ରତିଷ୍ଠିତ ଏବଂ ବିତ୍ତଶାଳୀ ବ୍ୟକ୍ତିତ୍ୱ ଅଛନ୍ତି ଯେଉଁମାନଙ୍କ ଜୀବନ କାହାଣୀରେ ପଖାଳ ବିଷୟରେ ଉଲ୍ଲେଖ ରହିଛି। ପଖାଳକୁ ଭଲ ପାଉଥିବା ଜାତି ହେଉଛି ଏହି ବୀର ଓଡ଼ିଆ ଜାତି। ପଖାଳର ଆଉ ଏକ ସ୍ୱତନ୍ତ୍ର ସ୍ୱାଦ ଅନୁଭୂତ ହୁଏ ବସନ୍ତ ଋତୁର ଆଦ୍ୟ ପ୍ରବେଶ ସମୟରେ। ବାଡ଼ି ହେଉ ବା ତୋଟା ଆମ୍ବ ବକୁଳର ଲସିକୁ ପଖାଳରେ ପକାଇ ସେହି କଞ୍ଚାଆମ୍ବର ଚଟଣି ଓ ଅନ୍ୟାନ୍ୟ ବ୍ୟଞ୍ଜନ ସହ ପଖାଳର ସ୍ୱାଦ ସମସ୍ତଙ୍କ ପାଇଁ ସ୍ୱତନ୍ତ୍ର ଓ ନିଆରା। ଆଜିକାଲି ବଡ଼ ବଡ଼ ହୋଟେଲରେ ଧନୀବିତ୍ତଶାଳୀ ଲୋକମାନେ କଂସାରେ ବିଭିନ୍ନ ବ୍ୟଞ୍ଜନ ସହ ପଖାଳକୁ ଆଦରି ଏହାକୁ ଖାଦ୍ୟରେ ଗୁରୁତ୍ୱ ଦେଉଛନ୍ତି। ପଖାଳ ଶରୀରତତ୍ତ୍ୱ ପାଇଁ ଅତ୍ୟନ୍ତ ଆବଶ୍ୟକୀୟ। ଶରୀରକୁ ଶୁଷ୍କତାରୁ ଆରୋଗ୍ୟ ଲାଭ କରି ଜଣଙ୍କ ପେଟକୁ ଥଣ୍ଡା ରଖିବାରେ ପଖାଳର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଆଜି ବିଶ୍ୱ ପଖାଳ ଦିବସ ଅବସରରେ ଏପରି ଏକ ଗାଁ ସଂସ୍କୃତିର ପରମ୍ପରାର ଖାଦ୍ୟକୁ ସମସ୍ତେ ମନେପକାଇ ଏହାକୁ ଆଦରିବା ପାଇଁ ନିଜ ନିଜ ଭିତରେ ଭଲ ପାଇବାକୁ ବଢ଼ାଇଲେ ପଖାଳର ମହକ ଅନେକ ବଢ଼ିପାରିବ।

ଶ୍ରୀବିହାର କଲୋନୀ, କଟକ, ଦୂରଭାଷ : ୯୪୩୭୬୬୬୪୫୩

# ଘରକୁ ଫେରୁଛି ଘର ଚଟିଆ

॥ ଯୁଧିଷ୍ଠିର ମହାରଣା ॥

ଘରଚଟିଆ ଆକାରରେ ଛୋଟ। କିନ୍ତୁ ପରିବେଶ ଏବଂ ମାନବ ସମାଜ ପାଇଁ ଅନେକ ବଡ଼ ବଡ଼ କାମ କରିଥାନ୍ତି ସେମାନେ। ଦିନ ଥିଲା କିଚିରି ମିଚିରି ଶବ୍ଦରେ ସକାଳଟା ଯେମିତି ଫାଟି ପଡୁଥିଲା। ମଣିଷ ସହ ସାଥି ହୋଇ ରହୁଥିଲେ। ହେଲେ ପରିବର୍ତ୍ତିତ ପରିବେଶ ଯୋଗୁଁ ଏମାନେ ଯେମିତି କୁଆଡେ ଉଭେଇ ଯାଇଥିଲେ। ମାନବ ମାନସ ପଟରୁ ଲିଭିଯାଇଥିଲେ। ଏବେ କିନ୍ତୁ ପୁଣି ଥରେ ଘରଚଟିଆଙ୍କୁ ଘର ଆଗରେ ଦେଖିବାକୁ ମିଳୁଛି।

ଓଡ଼ିଶାରେ ଘରଚଟିଆଙ୍କ ସୁରକ୍ଷା ପାଇଁ ଇତିମଧ୍ୟରେ ଅନେକ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଅନେକ ବ୍ୟକ୍ତିବିଶେଷ ଓ ଅନୁଷ୍ଠାନ ଏହାର ସୁରକ୍ଷା ପାଇଁ ବ୍ୟକ୍ତିନିଷ୍ଠ ଭାବେ କାର୍ଯ୍ୟକ୍ରମ ହାତକୁ ନେଉଛନ୍ତି ଯାହା ଖୁସିର କଥା। ୨୦୧୧ରେ ପ୍ରଥମ ଘରଚଟିଆ ସୁରକ୍ଷା ଉଦ୍ୟମ ଆରମ୍ଭ ହୋଇଥିଲା। ଗୁଣ୍ଠବନ୍ଧ ଏବଂ ଏହାର ଆଖପାଖ ଗ୍ରାମର କେତେକ ଉତ୍ସାହୀ ଯୁବକ ଗଠନ କରିଥିଲେ ଆଞ୍ଚଳିକ ବିକାଶ ପରିଷଦ।ବ୍ରହ୍ମପୁର ସହର ଉପକଣ୍ଠ ଯଥା ବାଘମାରି, ବିରିବାଡ଼ିଆ, ଗୁଣ୍ଠବନ୍ଧ, ଲାଞ୍ଜିଆ, ବାଲକୃଷ୍ଣପୁର, ନିମଖଣ୍ଡି ଏବଂ ଗଞ୍ଜାମ ବ୍ଲକର ଗୋଖରକୁଦା ଏବଂ ଅନ୍ୟାନ୍ୟ ଅଞ୍ଚଳ ବାସୀଙ୍କ ଯୋଗୁଁ ଘରଚଟିଆଙ୍କ ସଂରକ୍ଷଣ ଏବଂ ବଂଶରକ୍ଷା ହୋଇପାରିଛି। ପରିବେଶ ଓ ମାନବ ସମାଜ ପାଇଁ ଘରଚଟିଆଙ୍କ ଅବଦାନ ଅଶେଷ ରହିଥିଲେ ମଧ୍ୟ କାଳକ୍ରମେ ଏମାନେ ଏକ ପ୍ରକାର ଲୋପ ହୋଇଯାଇଥିଲେ। ଏଣୁ ପରିଷଦ ତରଫରୁ ଏ ଦିଗରେ ଉଦ୍ୟମ ଆରମ୍ଭ ହୋଇଥିଲା। ପ୍ରଥମ ସମସ୍ୟା ଥିଲା ଘରଚଟିଆଙ୍କ ବାସସ୍ଥାନର ଅଭାବ। ସେଥିପାଇଁ ପରିଷଦର ଯୁବକମାନେ ହାତରେ ମାଟି, ଲାଉ, ପ୍ଲାଏ ଉଡରେ କୃତ୍ରିମ ବସା ତିଆରି କରିଥିଲେ। ଏଗୁଡ଼ିକୁ ଗ୍ରାମବାସୀଙ୍କ ମଧ୍ୟରେ ବଣ୍ଟା ଯାଇଥିଲା। ବର୍ତ୍ତମାନ ସୁଦ୍ଧା ମାଟିରେ ତିଆରି ୩୦ଟି ବସା ସହ ଲାଉରେ ୩୦ଟି, ପ୍ଲାଏଉଡରେ ନିର୍ମିତ ୧୨୦ଟି ବସା ବଣ୍ଟାଯାଇଛି। ସେହିଭଳି ଖାଦ୍ୟ ଦେବା ପାଇଁ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ ହୋଇଥିବା ୩୦ଟି ବକ୍ସ ମଧ୍ୟ ପ୍ରଦାନ କରାଯାଇଛି। ବାସସ୍ଥାନ ସହ ଖାଦ୍ୟ ଉପଲବ୍ଧ ହେବା ପରେ ଘରଚଟିଆଙ୍କ ସଂଖ୍ୟା ବଢ଼ିଛି। ବିରିବାଡ଼ିଆ ଗ୍ରାମରେ ପୂର୍ବରୁ ୧୦ଟି ଘରଚଟିଆ ଥିବାବେଳେ ବର୍ତ୍ତମାନ ସଂଖ୍ୟା ଶହେ ଟପିଲାଣି। ସେହିଭଳି ଲାଞ୍ଜିଆରେ ୨ରୁ ୬୦କୁ, ବାଘଝରିଆରେ ୨୦ରୁ ୨ଶହ, ବାଲକୃଷ୍ଣପୁରରେ ୫ରୁ ୩୦କୁ ଏବଂ ଧର୍ମନଗରରେ ୧୫ରୁ ୫୦କୁ ସଂଖ୍ୟା ବୃଦ୍ଧି ହୋଇଛି। ଗୁଣ୍ଠବନ୍ଧ ଗ୍ରାମରେ ଆଦୌ ନଥିଲେ। ବର୍ତ୍ତମାନ ଏଠାରେ ପାଖାପାଖି ୫୦ଟି ଘରଚଟିଆ ରହିଛନ୍ତି। ପରିଷଦ ତରଫରୁ ନିୟମିତ ଗ୍ରାମଗୁଡ଼ିକୁ ଯାଇ ଘରଚଟିଆଙ୍କ ସୁବିଧା ଅସୁବିଧା ସମ୍ପର୍କରେ ସମୀକ୍ଷା କରାଯିବା ସହ ସଂରକ୍ଷଣ କରିଥିବା ଗ୍ରାମବାସୀଙ୍କ ସହ ଆଲୋଚନା କରାଯାଇଛି ବୋଲି ସେ ପ୍ରକାଶ କରିଛନ୍ତି। ଲାଞ୍ଜିଆ ଗ୍ରାମର ନବୀନ ଗୌଡ଼ କୁହନ୍ତି, ପ୍ରଥମେ ସେ ପରିଷଦ ତରଫରୁ ୬ଟି ବସା ପାଇବା ପରେ ସଂରକ୍ଷଣ ଆରମ୍ଭ କରିଥିଲେ। ଘରଚଟିଆଙ୍କ ସଂଖ୍ୟା ବଢ଼ିଲା। ଏଣୁ ସେ ଏବେ ନିଜେ ବସା ବନାଇବା ସହ ଅନ୍ୟକୁ ବାଣ୍ଟୁଛନ୍ତି। ଗଞ୍ଜାମ ଜିଲ୍ଲାରେ ଧାନ ଏବଂ ମାଣ୍ଡିଆର ଉତ୍ପାଦନ ପ୍ରଚୁର ଥିବା ଯୋଗୁଁ ପୂର୍ବରୁ ଘରଚଟିଆଙ୍କ ଉପସ୍ଥିତି ଦେଖିବାକୁ ମିଳୁଥିଲା। ହେଲେ ପରିବେଶ ପରିବର୍ତ୍ତନ ଏବଂ ମୋବାଇଲ ଟାୱାର ସହ ଅନ୍ୟାନ୍ୟ କାରଣରୁ ସଂଖ୍ୟା କମିଗଲା। ବର୍ତ୍ତମାନ ଅନେକ ଗ୍ରାମରେ ଲୋକମାନେ ନିଜସ୍ୱ ଉଦ୍ୟମରେ ଘରଚଟିଆ ସଂରକ୍ଷଣ କରୁଛନ୍ତି। ଘରଚଟିଆ ଏକ ନିରୀହ ପକ୍ଷୀ ଏବଂ ଏହାର ଗୁରୁତ୍ୱପୂର୍ଣ୍ଣ ଅବଦାନ ହେଉଛି ଜଳବାୟୁ, ଜୈବିକମଣ୍ଡଳ ଓ ପ୍ରକୃତି ସହ ଏହା ଏକ ସୁସମ୍ପର୍କ ତିଆରି କରିଥାଏ। ଅନେକ ଆନ୍ତର୍ଜାତିକ ସ୍ତରର ସଙ୍ଗଠନ ଏମାନଙ୍କର ସୁରକ୍ଷା ପାଇଁ ବ୍ୟାପକ କାର୍ଯ୍ୟକ୍ରମ ହାତକୁ ନେଉଛନ୍ତି। ଭାରତର ତାମିଲନାଡୁ, କେରଳ, ପଶ୍ଚିମବଙ୍ଗ, ମଧ୍ୟପ୍ରଦେଶ, ରାଜସ୍ଥାନ, ଉତ୍ତରାଖଣ୍ଡ ପରି ରାଜ୍ୟରେ ସରକାରୀ ସ୍ତରରେ ସେମାନଙ୍କର ସୁରକ୍ଷା ଓ ସଂରକ୍ଷଣ ପାଇଁ ଅନେକ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି ଯଦିଓ ଓଡ଼ିଶାରେ ସରକାରୀ ସ୍ତରରେ ଘରଚଟିଆ ମାନଙ୍କ ସୁରକ୍ଷା ପାଇଁ ସେପରି କୌଣସି ସରକାରୀ କାର୍ଯ୍ୟକ୍ରମ ବା ଯୋଜନା ପ୍ରସ୍ତୁତ କରାଯାଇନାହିଁ କିନ୍ତୁ ଅନେକ ବ୍ୟକ୍ତିବିଶେଷ ଓ ଅନୁଷ୍ଠାନ ଏ କ୍ଷେତ୍ରରେ ଅଗ୍ରଣୀ ଭୂମିକା ନିର୍ବାହ କରୁଛନ୍ତି। ଆସନ୍ତୁ ବିଶ୍ୱ ଘରଚଟିଆ ଦିବସ ଅବସରରେ ଏହି ନିରୀହ ସର୍ବାଙ୍ଗୀନ ସୁରକ୍ଷା କରି ପ୍ରାକୃତିକ ଭାବରେ ଜୈବମଣ୍ଡଳ ଭାରସାମ୍ୟ ରକ୍ଷା କରୁଥିବା ସୁନ୍ଦର ଚଢ଼େଇଟିର ସୁରକ୍ଷା ପାଇଁ କିଛି ଦାୟିତ୍ୱ ନିର୍ବାହ କରିବା।

ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ, ଦୂରଭାଷ : ୯୪୩୭୧୬୩୫୨୮

## ବିଜୁ ଜନତା ଦଳ ରାଜ୍ୟ ସାଧାରଣ ସମ୍ପାଦକ ଭାବେ ପୂର୍ବତନ ମନ୍ତ୍ରୀ ଶ୍ରୀ ରମେଶ ଚନ୍ଦ୍ର ମାଝୀ ମନୋନୀତ

ଉମରକୋଟ, (ମହାଭାରତ): ବିଜୁ ଜନତା ଦଳ ରାଜ୍ୟ ସାଧାରଣ ସମ୍ପାଦକ ଭାବେ ପୂର୍ବତନ ମନ୍ତ୍ରୀ ଶ୍ରୀ ରମେଶ ଚନ୍ଦ୍ର ମାଝୀଙ୍କୁ ମନୋନୀତ କରାଯାଇଛି । ଶ୍ରୀ ମାଝୀ ଜଣେ ଦକ୍ଷ ସଙ୍ଗଠକ ସହ ଜଣେ ଶୃଙ୍ଖଳିତ ନେତା । ତାଙ୍କ ନେତୃତ୍ୱ ରେ ରାଜ୍ୟ ବିଜୁ ଜନତା ଦଳ ଅଧିକ ମଜବୁତ ହୋଇପାରିବ ବୋଲି ମତପ୍ରକାଶ ପାଇଛି । ଶ୍ରୀ ମାଝୀଙ୍କୁ ରାଜ୍ୟ ସାଧାରଣ ସମ୍ପାଦକ ଦାୟିତ୍ୱ ଦିଆଯାଇଥିବାରୁ ନବରଙ୍ଗପୁର ଜିଲ୍ଲା ବିଜୁ ଜନତା ଦଳ ପକ୍ଷରୁ ଆନନ୍ଦର ଲହରୀ ଖେଳି ଯାଇଛି । ଏଥିପାଇଁ ଶ୍ରୀ ରମେଶ ଚନ୍ଦ୍ର ମାଝୀ ଦଳର ସୁପ୍ରିମ ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଜଣାଇଛନ୍ତି । ଆଗାମୀ ଦିନରେ ବିଜୁ ଜନତା ଦଳ କିପରି ସଂଗଠିତ ହୋଇ ରାଜ୍ୟରେ ରାଜନୀତି କ୍ଷମତାକୁ ଆସିବ ସେଥିପାଇଁ ସମ୍ପୂର୍ଣ୍ଣ ଚେଷ୍ଟା କରିବେ ବୋଲି ପ୍ରକାଶ କରିଛନ୍ତି ।

## ମୃତା ସୁଭଦ୍ରାଙ୍କ ପରିବାରକୁ ଭେଟି ସମବେଦନା ଜଣାଇଲେ ବିଧାୟକ

କଣିହାଁ, (ମହାଭାରତ) : ଆଜି ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି ସମେତ ବିଜେପି ର ଏକ ପ୍ରତିନିଧି, ଦଳ ସ୍ୱର୍ଗତା ସୁଭଦ୍ରାଙ୍କ ପରିବାରକୁ ଭେଟି ସମବେଦନା ଜଣାଇଥିଲେ । ଏହି ଘଟଣାକୁ ତୀବ୍ର ନିନ୍ଦା କରିବା ସହିତ ଦୋଷୀ ବିରୁଦ୍ଧରେ ଦୃଷ୍ଟାନ୍ତ ମୂଳକ କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରଶାସନକୁ ନିର୍ଦ୍ଦେଷ ଦେଇଥିଲେ । ଘଟଣାସ୍ଥଳରୁ ମୁଖ୍ୟମନ୍ତ୍ରୀଙ୍କ ସଚିବ ପ୍ରସନ୍ନ ଷଡଙ୍ଗୀ ସହିତ ଆଲୋଚନା କରି ମୁଖ୍ୟମନ୍ତ୍ରୀଙ୍କ ସହାୟତା ପାଣ୍ଠିରୁ ଆର୍ଥିକ ସହାୟତା ଦେବା ପାଇଁ ଅନୁରୋଧ କରିଥିଲେ । ସେହିପରି ତାଙ୍କ ପରିବାରର ଏକ ପୁତ୍ର କୁ ନିଯୁକ୍ତି ଦେବା ପାଇଁ ଜିଲ୍ଲା ପାଳଙ୍କ ସହିତ ଆଲୋଚନା କରି ପ୍ରତି ସ୍ମୃତି ଦେଇଥିଲେ । ସୁଦ୍ଧ କିୟା ପାଇଁ ଦଳ ପକ୍ଷରୁ ସହାୟତା ଯୋଗାଇଦେଇଥିଲେ । ପ୍ରତିନିଧି ଦଳ ରେ ବରିଷ୍ଠ ନେତା ନୃସିଂହ ବରାଳ, ବିନୟ ପ୍ରଧାନ ପ୍ରହଲାଦ ସାମଲ ତ୍ରିପୁରାରି ପ୍ରଧାନ ଚନ୍ଦନ ସ୍ୱରାଜ ଧ୍ରୁବ ଚର ଣ ଧିର ଦିଲେଶ୍ୱର ସାହୁ ସୁମନ୍ତ ପ୍ରଧାନ, ରଞ୍ଜନ ସାମଲ, ନିଶାକର ପ୍ରଧାନ ସରପଂଚ, ବାଲି ପଶି, କୁଲୁମା, ବ୍ରଜ କୋଟ, ସମେତ ସମସ୍ତ କାର୍ଯ୍ୟ କର୍ତା ଉପସ୍ଥିତ ଥିଲେ ।

## ବିଦେଶୀ ମଦ ଦୋକାନରେ ମାଲିକଙ୍କୁ ଗୁଳି ମାରି ଟଙ୍କା ଲୁଟ୍

ରାଇରଙ୍ଗପୁର, (ମହାଭାରତ): ମୟୂରଭଞ୍ଜ ଜିଲ୍ଲାର ସିମାନ୍ତ ଗୋରୁମହିଷାଣୀ ଥାନା ଅନ୍ତର୍ଗତ ଗୋରୁମହିଷାଣୀ ବଜାରରେ ଥିବା ଥାନା ପାଖରୁ ୪୦୦ ମିଟର ଦୂର ଏକ ବିଦେଶୀ ମଦ ଦୋକାନର ମାଲିକଙ୍କ ଉପରେ ଗୁଳି ମାରି ଲକ୍ଷାଧିକ ଟଙ୍କା ଲୁଟ୍ କରି ଫେରାର ହୋଇଗଲେ ଦୁଇ ଅଜଣା ଦୁବୃର୍ତ୍ତ । ସୂଚନାଯୋଗ୍ୟ ଆଜି ମଙ୍ଗଳବାର ଗୋରୁମହିଷାଣୀ ସାପ୍ତାହିକ ହାଟ । ବଜାର ପୁରା ଗହଳି ଥିଲା । ଅପରାହ୍ନର ୨ ଟା ପାଖାପାଖି ସମୟରେ ଏକ କଳା ପଲସର ( ଔଐଙ୍‌୫ଉଡ୭୮୫୬)ରେ ଦୁଇ ଜଣ ଅଜଣା ଦୁବର୍ତ୍ତ ମଦ ଦୋକାନ ପାଖରେ ପହଂଚି କାଉଂଟରରୁ ମଦ ଆଣି ପିଇ ଟଙ୍କା ନ ଦେଇ ଖସି ପଳାଇ ଯାଉଥିଲେ ।ମଦ ଦୋକାନୀ ମାଲିକ ଶ୍ରୁଯଶାଚୀ ମହାନ୍ତି (୫୦) ମଦ ଟଙ୍କା ମାଗିବାରୁ ସେମାନେ ଉତ୍ୟକ୍ତ ହୋଇ ଗୁଳି ମାରିଥିଲେ । ଗୁଳି ତାଙ୍କ ଜଙ୍ଘରେ ବାଜିଥିଲା । ଦୁବୃର୍ତ୍ତ ଦୁଇଜଣ ବାଇକ୍ ଷ୍ଟାର୍ଟ କରି ଖସି ପଳାଇବାକୁ ଚେଷ୍ଟା କରୁଥିବା ବେଳେ ବାଇକ୍ ଷ୍ଟାର୍ଟ ନ ହେବାରୁ ସେମାନେ ସାମନା ପଟୁ ଆସୁଥିବା ଏକ ବାଇକ୍ କୁ ବନ୍ଧୁକ ଦେଖାଇ ତାଙ୍କ ପାଖରୁ ବାଇକ ଛଡ଼ାଇ ନେଇ ମାତ୍ର ୮ / ୧୦ କିମି ସିମାନ୍ତ ଝାଡ଼ଖଣ୍ଡ ଅଂଚଳକୁ ଖସି ପଳାଇଥିଲେ । ପୋଲିସ ଘଟଣାସ୍ଥଳରେ ପହଁଚି ଛାନଭିନ କରିଛି । ଗୁରୁତରଙ୍କୁ ପ୍ରଥମେ ଗୋରୁମହିଷାଣୀ ଡାକ୍ତରଖାନାରେ ଆଶୁ ଚିକିତ୍ସା କରାଯାଇ ରାଇରଙ୍ଗପୁର ଡାକ୍ତରଖାନା ଅଣା ଯାଇଥିଲା ।ପରେ ଗୁରୁତର ହେବାରୁ ସେମାନଙ୍କୁ କଟକ ସ୍ଥାନାନ୍ତରିତ କରାଯାଇଛି । ଦିନ ଦ୍ୱିପ୍ରହରରେ ଜନଗହଳି ଥିବା ସତ୍ୱେ ଏବଂ ଥାନା ପାଖରୁ ୪୦୦/୫୦୦ ଦୂରରେ ଏଭଳି ଗୁଳିକାଣ୍ଡ ଗୋରୁମହିଷାଣୀ ଅଂଚଳରେ ଭୟର ବାତାବରଣ ସୃଷ୍ଟି କରିଛି ।

## ଦଶମ ପରୀକ୍ଷାରେ ଜିଲ୍ଲା ଟପ୍ପର ଛାତ୍ର ଧୃତି ସୁନ୍ଦରଙ୍କୁ ଗ୍ରୀନ ପାରାଦୀପ ଟ୍ରଷ୍ଟ ପକ୍ଷରୁ ସମ୍ବର୍ଦ୍ଧନା



ପାରାଦୀପ, (ମହାଭାରତ): ପାରାଦୀପ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ର ୧କ୍ଷମ ଶ୍ରେଣୀ ଛାତ୍ର ଧୃତି ସୁନ୍ଦର ସ୍ୱାଇଁ ଗତ ମାଟ୍ରିକ ପରୀକ୍ଷାରେ ସର୍ବମୋଟ ୬କ୍ଷକ୍ଷ ନମ୍ବର ରୁ ସର୍ବାଧିକ ୫୭୩ ନମ୍ବର ତଥା ୯୫.୫ ପ୍ରତିଶତ ନମ୍ବର ରଖି ଜଗତସିଂପୁର ଜିଲ୍ଲାର ଟପ୍ପର ହୋଇଛନ୍ତି । ତେବେ ଏହି ସଫଳତା ସମଗ୍ର ପାରାଦୀପ ଅ*ଳ ପାଇଁ ଗୌରବ ଆଣିଦେଇଥିବା ବେଳେ ପାରାଦୀପ କାର୍ଯ୍ୟରତ ସାମ୍ବାଦିକ ମାନଙ୍କ ଦ୍ୱାରା ଗଠିତ ସ୍ୱଚ୍ଛାସେବୀ ସଂଗଠନ 'ଗ୍ରୀନ ପାରାଦୀପ ଟ୍ରଷ୍ଟ' ପକ୍ଷରୁ ଉକ୍ତ ଛାତ୍ର ଙ୍କୁ ମଙ୍ଗଳବାର ପୂର୍ବାହ୍ନ ରେ ବିଦ୍ୟା ମନ୍ଦିର ପରିସରରେ ଉତରରୀୟ, ଉପଢୌକନ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଶିଶୁ ବିଦ୍ୟା ମନ୍ଦିର ର ପ୍ରଧାନ ଆଚାର୍ଯ୍ୟ ଧରଣୀଧର ପରିଡା ଓ କୃତି ଛାତ୍ରଙ୍କ ପିତା ଧନଞ୍ଜୟ ସ୍ୱାଇଙ୍କ ସମେତ ଗ୍ରୀନ ପାରାଦୀପ ଟ୍ରଷ୍ଟ ର ସଭାପତି ରାକେଶ କୁମାର ପଟ୍ଟନାୟକ, ଉପଦେଷ୍ଟା ଶୁକଦେବ ଜେନା, ଶଶାଙ୍କ ଆଚାର୍ଯ୍ୟ, ସୁଧାଂଶୁ ନାୟକ, ପ୍ରଶାନ୍ତ ସ୍ୱାଇଁ, ନାରଣ ବେହେରା, ବିବେକାନନ୍ଦ ରାଉତ, ରଶ୍ମିରଂଜନ ରାଉତରାୟ, ସଞ୍ଜୟ ରାଉତ, ବିରଜା ତ୍ରିପାଠୀ, ସଞ୍ଜୟ ସେନାପତି, ବିରଜା ସେଠୀ, ସଂଗ୍ରାମ ରାଉତ ପ୍ରମୁଖ ଉପସ୍ଥିତ ଥିଲେ ।

## ଛତିଆ ପଂଚାୟତର ବିଜେଡି ଦଳର ନୂତନ ସଭାପତିଙ୍କୁ ସମ୍ବନ୍ଧନା

ବଡଚଣା, (ମହାଭାରତ): ସମଗ୍ର ରାଜ୍ୟର ବିଜୁ ଜନତା ଦଳର ସାଂଗଠନିକ ନିର୍ବାଚନ ଚାଲିଛି । ଏହି ପରିପ୍ରେକ୍ଷୀରେ ଯାଜପୁର ଜିଲ୍ଲା ବଡ଼ଚଣା ବ୍ଲକର ୪୩ ଗୋଟି ପ*ାୟତର ସଭାପତି ଘୋଷିତ ହୋଇଛି । ଏହି ପରିପ୍ରେକ୍ଷୀରେ ଛତିଆ ପ*ାୟତ ନୂତନ ସଭାପତି ଭାବେ ତୁଷାର କାନ୍ତ ପଣ୍ଡାଙ୍କୁ ନିର୍ବାଚିତ ହୋଇଥିବା ବେଳେ । ଆଜି ଛତିଆ ପଂଚାୟତର ବିଜୁ ଜନତା ଦଳର ଏକ ସମ୍ବର୍ଦ୍ଧନାସଭା ଚମ୍ପାପୁର ରୋଡ ଥିବା ଶ୍ରୀ ଜଗନ୍ନାଥ ଲଜରେ ଅନୁଷ୍ଠିତ ହୋଇଯାଇଛି । ବଡଚଣା ପ*ାୟତ ସମିତିର ପୂର୍ବତନ ଅଧ୍ୟକ୍ଷ ଭାଗ୍ୟଧର ମଲ୍ଲିକ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଛତିଆ ସରପ* ରମେଶ ପୃଷ୍ଟି, ବଡ଼ଚଣା ପଂଚାୟତ ସମିତି ପୂର୍ବତନ ଅଧ୍ୟକ୍ଷ ପ୍ରହଲ୍ଲାଦ ନନ୍ଦ, ସର୍ବେଶ୍ୱର ରାଉଳ, ଅକ୍ଷୟ ପଣ୍ଡା, ରବିନ୍ଦ୍ର ପ୍ରଧାନ, ଭରତ ସାହା, ସନ୍ତୋଷ କୁମାର ମହାନ୍ତି, ଅଜିତ ନାଥ, ସରୋଜ କୁମାର ସାହୁ, କୁନିଆ ସାମନ୍ତରାୟ, ଉମାକାନ୍ତ ନାୟକ, କଳ୍ପନା ପତ୍ର, ରମେଶ ସାହୁ, ମୂରଲୀ ଧର ଚାନ୍ଦ ପ୍ରମୁଖ ଉପସ୍ଥିତ ରହି ମତବ୍ୟକ୍ତ କରିଥିଲେ ।

# ନିଖୋଜଙ୍କ ପାଇଁ ନୟାଗଡ଼ ପୁଲିସର ସ୍ୱତନ୍ତ୍ର ଅଭିଯାନ

## ମାସକରେ ଉଦ୍ଧାର ହେଲେ ୧୧୭ ନାବାଳକ, ନାବାଳିକା




ନୟାଗଡ଼, (ମହାଭାରତ) : ଜିଲ୍ଲା ପୁଲିସ ପକ୍ଷରୁ ନିଖୋଜ ଯୁବତୀ ଓ ନାବାଳିକାଙ୍କ ପାଇଁ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ ହୋଇଛି । ଜିଲ୍ଲାର ସମସ୍ତ ଥାନା ଗୁଡ଼ିକରେ ରୁଜୁ ହୋଇଥିବା ନିଖୋଜ ମାମଲାର ଜୋରଦାର ଖୋଳତାଡ଼ ଚାଲିଥିବା ବେଳେ ଉଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଉଛି । କେବଳ ଚଳିତ ବର୍ଷର ନୁହେଁ, ଗତ ୨୦୨୩ରୁ ନିଖୋଜ ହୋଇଥିବା ଯୁବତୀ ଓ ନାବାଳିକାଙ୍କୁ ଉଦ୍ଧାର ପାଇଁ ପଦକ୍ଷେପ ନିଆଯାଉଛି । ଗତ ଏପ୍ରିଲ ମାସରେ ୨୫ ଜଣ ନାବାଳକ ଓ ନାବାଳିକାଙ୍କୁ ମିଶାଇ ମୋଟ୍ ୧୧୭ ଜଣ ନିଖୋଜଙ୍କୁ ଉଦ୍ଧାର କରାଯାଇଛି । ସମସ୍ତ ଉପଯୁକ୍ତ ପ୍ରକ୍ରିୟା ଅନୁସରଣ କରାଯାଇ ସେମାନଙ୍କ ପରିବାର ସହ ପୁନଃମିଳନ କରାଇବା ଦିଗରେ ଉପଯୁକ୍ତ ପଦକ୍ଷେପ ନିଆଯାଇଛି ବୋଲି ଜିଲ୍ଲା ପୁଲିସ ପକ୍ଷରୁ ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ ସୂଚନା ପ୍ରଦାନ କରାଯାଇଛି । ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁବାସ ପଣ୍ଡାଙ୍କ ସୂଚନା ମୁତାବକ, ଜିଲ୍ଲା ପୁଲିସ ଦ୍ୱାରା ବର୍ତମାନ ଏହି ସ୍ୱତନ୍ତ୍ର ଅଭିଯାନ ଚାଲିଛି । ଉଦ୍ଧାର କାର୍ଯ୍ୟକୁ ମଧ ଜୋରଦାର କରାଯାଉଛି । ସମସ୍ତ ଥାନାର ପ୍ରୟାସ ଯୋଗୁ ଗୋଟିଏ ମାସରେ ୧୧୭ ଜଣଙ୍କୁ ଉଦ୍ଧାର କରାଯାଇଛି । ୨୦୨୩ରେ ନିଖୋଜ ହୋଇଥିବା ୩୫୪ ଜଣ ମହିଳାଙ୍କ ମଧ୍ୟରୁ ୨୧୨ ଜଣଙ୍କୁ ଉଦ୍ଧାର କରାଯାଇଛି । ନିଖୋଜ ହୋଇଥିବା ୮୯ ଜଣ ନାବାଳିକାଙ୍କ ମଧ୍ୟରୁ ପ୍ରାୟ ୬୦% ପ୍ରତିଶତ ହାରରେ ୫୩ ଜଣଙ୍କୁ ଉଦ୍ଧାର କରାଯାଇଛି । ୨୦୨୪ ମସିହାରେ ୬୩% ପ୍ରତିଶତ ହାରରେ ୪୧୬ ଜଣ ମହିଳାଙ୍କ ମଧ୍ୟରୁ ୨୬୦ ଜଣ ଏବଂ ୧୩୦ ଜଣ ନାବାଳିକାଙ୍କ ମଧ୍ୟରୁ ୯୧ ଜଣଙ୍କୁ ଉଦ୍ଧାର କରାଯାଇଛି । ଚଳିତ ୨୦୨୫ରେ ମୋଟ୍ ୧୧୭ ଜଣ ମହିଳା ଏବଂ ୬୨ ଜଣ ନାବାଳିକା ଝିଅ ନିଖୋଜ ହୋଇଥିବା ଜିଲ୍ଲାରେ ବିଭିନ୍ନ ଥାନାରେ ପଞ୍ଜିକୃତ ହୋଇଛି । ବର୍ତମାନ ସୁଦ୍ଧା ୬୦%ରୁ ଅଧିକ ମାମଲାରେ ନିଖୋଜ ମାନଙ୍କୁ ଉଦ୍ଧାର କରିବାରେ ପୁଲିସ ସକ୍ଷମ ହୋଇଛି । ଥାନାରେ ରୁଜୁ ହୋଇଥିବା ମହିଳା ଏବଂ ନାବାଳିକା ଝିଅଙ୍କ ଏପରି ନିଖୋଜ ମାମଲାର କାରଣ ପ୍ରେମ ବ୍ୟାପାର କିମ୍ବା ପାରିବାରିକ ସମସ୍ୟା ଓ ଦ୍ୱନ୍ଦ୍ୱ ବୋଲି ଜଣାପଡ଼ିଛି । ଏହି ନିଖୋଜ ମାମଲା ଗୁଡ଼ିକ ପୁଲିସ ଦୃଷ୍ଟିକୁ ଆସିବା ମାତ୍ରେ ତୁରନ୍ତ ମାମଲା ରୁଜୁ କରାଯାଏ ଏବଂ ତୁରନ୍ତ ସେମାନଙ୍କୁ ଖୋଜିବା ପାଇଁ ପଦକ୍ଷେପ ଗ୍ରହଣ କରାଯାଉଛି ।

## ସମ୍ଭାବ୍ୟ ଯୁଦ୍ଧକୁ ନେଇ ଜିଲ୍ଲାସ୍ତରୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ

ଢ଼େଙ୍କାନାଳ, (ମହାଭାରତ) : ଆଜି ଅପରାହ୍ନରେ ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟଙ୍କ ଅଧ୍ୟକ୍ଷତାରେ ସମ୍ଭାବ୍ୟ ଯୁଦ୍ଧକୁ ନେଇ ଜିଲ୍ଲା ସ୍ତରୀୟ ପ୍ରସ୍ତୁତି ବୈଠକ ସଦଭାବନା ସଭା ଗୃହରେ ଅନୁଷ୍ଠିତ ହେଇଯାଇଛି କ୍ଷ ଓଡିଶା ର ଯେଉଁ ୧୨ଗୋଟି ଜିଲ୍ଲାକୁ ସମ୍ଭାବ୍ୟ ଯୁଦ୍ଧକୁ ନେଇ ସତର୍କ ସୂଚନା ଦିଆଯାଇଛି ସେମାନଙ୍କ ମଧ୍ୟରୁ ଢେଙ୍କାନାଳ ଅନ୍ୟତମ । ଏହି ପ୍ରରିପ୍ରେକ୍ଷୀରେ ସମ୍ଭାବ୍ୟ ଯୁଦ୍ଧ ସମୟରେ ସାଧାରଣ ଜନତା କିଭଳି ସୁରକ୍ଷିତ ରହିବେ, ଧନଜୀବନ କିଭଳି ନଷ୍ଟ ନହେବ ଏବଂ ଏହାର ପରବର୍ତୀ ସମୟରେ କିଭଳି ଉଦ୍ଧାର ଓ ଚିକିତ୍ସା କରାଯିବ ଓ ଯଦି କୌଣସି ଆପତିକାଳୀନ ଅସୁବିଧା ହୁଏ ତେବେ ସେ ସମୟରେ କଣସବୁ କାର୍ଯ୍ୟପନ୍ଥା ରହିବ ସେ ବିଷୟରେ ଜିଲ୍ଲାପାଳ ଆଲୋକପାତ କରିଥିଲେ । ଏହି ସମୟରେ ସ୍ୱେଚ୍ଛାସେବୀ ସଂଗଠନ, ନାଗରିକ ପ୍ରତିରକ୍ଷା ସଂସ୍ଥା, ବିଭିନ୍ନ ଏନଜିଓ, ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ, ରେଡକ୍ରସ ଭୂମିକା ଗୁରୁତ୍ୱପୂର୍ଣ୍ଣ ଅଟେ ତେଣୁ ସମ୍ଭାବ୍ୟ ଯୁଦ୍ଧ ସ୍ଥିତିରେ ମୁକାବିଲା ପାଇଁ ସେମାନଙ୍କୁ ମଧ ଆସନ୍ତାକାଲି ପ୍ରଶିକ୍ଷଣ ଦିଆଯିବ । ସମ୍ଭାବ୍ୟ ଯୁଦ୍ଧ ସମୟରେ କଚ୍ଚା ଘରେ ରହୁଥିବା ଲୋକମାନଙ୍କୁ ମଧ ପକ୍କା ଘରକୁ ସ୍ଥାନାନ୍ତର କରାଯିବ । ଏହାସହିତ ଏହି ସମୟରେ ନାଗରିକ ମାନଙ୍କ କଣ କାର୍ଯ୍ୟ ରହିବ ସେ ନେଇ ଏକ ମକଡ୍ରିଲ ଆସନ୍ତାକାଲି ଅପରାହ୍ନ ୪ ଘଟିକା ସମୟରେ ସଦର ମହକୁମାରେ କରାଯିବ । ଯୁଦ୍ଧ ସମୟରେ ଶତ୍ରୁ ରାଷ୍ଟ୍ର ବାୟୁ ମାଧ୍ୟମରେ ମଧ ଗୋଳାଗୁଳି ବର୍ଷଣ କରିପାରେ ତେଣୁ ଏହି ସମୟରେ ଜିଲ୍ଲା ପ୍ରଶାସନ ପକ୍ଷରୁ ସାଧାରଣ ଜନତା ପାଇଁ ସତର୍କ ଘଂଟି ବଜାଯିବ । ଦିବାଲୋକ ରେ ଯଦି ଏହି ଘଂଟ ବାଜେ ତେବେ ସେହି ସମୟରେ ଲୋକାମାନେ ନିକଟସ୍ଥ କୋଠାଘରକୁ ତୁରନ୍ତ ଯିବାକୁ ହେବ । ଏବଂ ରାତ୍ର କାଳରେ ଯଦି ଏହି ଘଂଟି ବାଜେ ତେବେ ନିକଟସ୍ଥ କୋଠାଘରକୁ ଯିବା ସହିତ ସେଠାକାର ବିଜୁଳି ବନ୍ଦ କରିଦେବାର ଅଛି । କାରଣ ଯେପରି ଶତ୍ରୁପକ୍ଷ ଅନ୍ଧାରରେ ସଠିକ ଆକ୍ରମଣ କରିପାରିବେନାହିଁ । ଏହାସହିତ ଏବେ ସମ୍ଭାବ୍ୟ ଯୁଦ୍ଧକୁ ନେଇ ମକଡ୍ରିଲ କରାଯାଉଛି ତେଣୁ କୌଣସି ପ୍ରକାର ବ୍ୟତିବ୍ୟସ୍ତ ନହେବାକୁ ଜିଲ୍ଲାପାଳ କହିଛନ୍ତି । ଏହି ବୈଠକରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଅଭିନ୍ନ ସୋନକର, ଅତିରିକ୍ତ ଜିଲ୍ଲାପାଳ ରମେଶ ଚନ୍ଦ୍ର ସେଠି, ଅତରିକ୍ତ ଆରକ୍ଷୀ ଅଧିକ୍ଷକ ସୂର୍ଯ୍ୟମଣି ପ୍ରଧାନ, ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଦୀପ୍ତି ରଞ୍ଜନ ସେଠି, ସଦର ଉପଜିଲ୍ଲାପାଳ ବିବୁଧ ଗଡ଼ନାୟକ, କାମକ୍ଷାନଗର ଉପଜିଲ୍ଲାପାଳ ଦିନମଣୀ ନାୟକ, ସମସ୍ତ ବିଡ଼ିଓ, ତହସିଲଦାର, ପୋଲିସ ବିଭାଗର ଅଧିକାରୀଗଣ, ଅଗ୍ନିଶମ ଅଧିକାରୀ ଓ ସମ୍ପୃକ୍ତ ବିଭାଗୀୟ ଅଧିକାରୀ ମାନେ ଯୋଗଦେଇଥିଲେ । ଏହି ପ୍ରରିପ୍ରେକ୍ଷୀରେ ଏକ ସାମ୍ବାଦିକ ସମ୍ମିଳନୀର ଆୟୋଜନ କରାଯାଇଥିଲା । ଜିଲ୍ଲାପାଳ ଶ୍ରୀ ଉପାଧ୍ୟାୟ ଏହି ସମ୍ମିଳନୀରେ ଲୋକମାନଙ୍କୁ ବ୍ୟସ୍ତ ନହୋଇ ଯାହା ସରକାରଙ୍କ ତରଫରୁ ସୂଚନା ଦିଆଯାଉଛି ତାହା ପାଳନ କରିବାକୁ ନିବେଦନ କରିଛନ୍ତି । ସମ୍ଭାବ୍ୟ ଯୁଦ୍ଧ ପରିସ୍ଥିତିରେ ସତର୍କ ଓ ସଜାଗ ରହିବାକୁ କହିଛନ୍ତି ।

## ଯୁବକଙ୍କୁ ଏସିଡ ମାଡ

ବୌଦ୍ଧ, (ମହାଭାରତ): ବୌଦ୍ଧ ଆଦର୍ଶ ଥାନା ଅନ୍ତର୍ଗତ ସାମ୍ପୋଚ ଗ୍ରାମରେ ବିଳମ୍ବିତ ରାତିରେ ଯୁବକଙ୍କୁ ଏସିଡ ମାଡ । ଦୋକାନ ସମ୍ମୁଖରେ ଶୋଇଥିବା ଅବସ୍ଥାରେ ଏସିଡ ମାଡ କଲେ ଦୁର୍ବୃତ ।



ଗୁରୁତର ଅବସ୍ଥାରେ ଉଦ୍ଧାର ହୋଇ ବୌଦ୍ଧ ମେଡିକାଲରେ ଭର୍ତି । ଗୁରୁତର ଯୁବକ ସାମ୍ପୋଚ୍ ଗ୍ରାମର ସଞ୍ଜୟ ସ୍ୱାଇଁ । ପୂର୍ବ ଶତ୍ରୁତାକୁ ନେଇ ଏସିଡ ମାଡ ହୋଇଥିବା ସୂଚନା । ଅଭିଯୋଗ ଅନୁଯାୟୀ ସଞ୍ଜୟ ସ୍ୱାଇଁ ନିଜ ଦୋକାନ ସମ୍ମୁଖରେ ରାତି ରେ ସୋଇଥିବା ସମୟରେ ବଢ଼ିଗାଁ ଗ୍ରାମର ଗଗନ ବିଶି ଏବଂ ସାମ୍ପୋଚ ଗ୍ରାମର ଅନ୍ୟ ଜଣେ ଆସି ହଠାତ୍ ସଞ୍ଜୟଙ୍କ ଉପରକୁ ଏସିଡ ମାଡ କରି ସେଠାରୁ ଫେରାର ହୋଇଯାଇଥିଲେ । ତେବେ ସଞ୍ଜୟ କେବଳ ଗଗନ ବିଶିଙ୍କୁ ଚିହ୍ନଟ କରିଥିବା ବେଳେ ଅନ୍ୟ ଜଣଙ୍କୁ ଚିହ୍ନଟ କରି ପାରିନାହାଁନ୍ତି । ଏସିଡ ମାଡ ପରେ ସଞ୍ଜୟଙ୍କୁ ତାଙ୍କ ପରିବାର ଲୋକେ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ବୌଦ୍ଧ ମେଡିକାଲ ରେ ଆଣି ଭର୍ତି କରିଥିବା ବେଳେ ସେଠାରେ ତାଙ୍କର ଚିକିତ୍ସା ଜାରି ରହିଛି । ସଞ୍ଜୟଙ୍କ ଦେହ ସାରା ଏବଂ ମୁଣ୍ଡ ରେ ଏସିଡ ପଡ଼ିବାରୁ ଦେହର ଅଧିକାଂଶ ସ୍ଥାନ ପୋଡ଼ି ଯାଇଛି । ସେପଟେ ସଞ୍ଜୟଙ୍କ ପରିବାର ଲୋକେ ନିଜ ଗ୍ରାମର ଜଣେ ମହିଳାଙ୍କୁ ସନ୍ଦେହ କରିବା ସହିତ ଗଗନ ବିଶିଙ୍କ ନାମରେ ଆଦର୍ଶ ଥାନା ରେ ଏତଲା ଦେଇଥିବା ଜଣାପଡିଛି । ତେବେ କେଉଁ କାରଣରୁ ଏସିଡ ମାଡ ହୋଇଛି ତାହା ସ୍ପଷ୍ଟ ହୋଇନଥିବା ବେଳେ ପୂର୍ବ ଶତ୍ରୁତାକୁ ନେଇ ନିଜ ଗ୍ରାମର କୌଣସି ବ୍ୟକ୍ତି ଗଗନ ଙ୍କୁ ଡାକି ସଞ୍ଜୟଙ୍କ ଉପରେ ଏସିଡ ମାଡ କରିଥିବା ସନ୍ଦେହ କରାଯାଉଛି । ଆଦର୍ଶ ଥାନା ପୋଲିସ ପକ୍ଷରୁ ତଦନ୍ତ ଆରମ୍ଭ କରାଯାଇଥିବା ବେଳେ ତଦନ୍ତ ପରେ ହିଁ ପ୍ରକୃତ ସତ୍ୟାସତ୍ୟ ସାମ୍ନାକୁ ଆସିବା ନେଇ ସୂଚନା ମିଳିଛି ।

## ଜୟ-ଭୀମ, ଜୟ-ସମ୍ବିଧାନ' କାର୍ଯ୍ୟକ୍ରମ

ରାଇରଙ୍ଗପୁର, (ମହାଭାରତ): ଆଜି ରାଇରଙ୍ଗପୁର କୁଡୁମୀ ଭବନ ଠାରେ ଜାତୀୟ କଂଗ୍ରେସ ଓଡ଼ିଶାର ପ୍ରଦେଶ ସଭାପତି ଭକ୍ତଚରଣ ଦାସଙ୍କ ନିର୍ଦ୍ଦେଶ କ୍ରମେ 'ଜୟ-ବାପୁ, ଜୟ-ଭୀମ, ଜୟ-ସମ୍ବିଧାନ' କାର୍ଯ୍ୟକ୍ରମ ଅନ୍ତର୍ଗତ - ମୟୁରଭଞ୍ଜ (ପଶ୍ଚିମ) ଜିଲା ସଭାପତି ଭୁବନବିହାରୀ ସାହୁଙ୍କ ସଭାପତିତ୍ୱରେ ସମ୍ବାଦ-ସମ୍ମେଳନୀ କରାଯାଇଥିଲା । ଏହି ପ୍ରେସ ସମ୍ମେଳନୀ ରେ ଜିଲା ପର୍ଯ୍ୟବେକ୍ଷକ ନଳିନୀ ମହାନ୍ତି ଓ ଜିଲା ପ୍ରଭାରୀ ପୂର୍ବତନ ସାଂସଦ ଯଶବନ୍ତ ନାରାୟଣ ସିଂହ ଲାଗୁରି, ପୂର୍ବତନ ବିଧାୟକ ଲକ୍ଷମଣ ମାଝୀ, ଶ୍ୟାମ ଚରଣ ହାଂସଦା, ପ୍ରହ୍ଲାଦ ପୂର୍ତି ଓ ଦଳର ବରିଷ୍ଠ ନେତା ଓ କର୍ମକର୍ତାମାନେ ଉପସ୍ଥିତ ରହିଥିଲେ । ଏହି ସମ୍ବାଦିକ ସମ୍ମେଳନ ରେ ବିଗତ କଂଗ୍ରେସ ଦଳ ନେତା ଜନନାୟକ ରାହୁଲ ଗାନ୍ଧୀଙ୍କ ଦ୍ୱାରା ଦୀର୍ଘ ଦିନର ଦାବିକୁ ଜାତି-ଜନଗଣନା କରାଇବାକୁ କେନ୍ଦ୍ର ସରକାର ଦ୍ୱାରା ଘୋଷଣା କରିଥିବାରୁ, 'ଜାତି-ଜନଗଣନା ବିଜୟୀ ଉତ୍ସବ' ସହ 'ସମ୍ବିଧାନ ବଂଚାଓ ରୈଲୀ' କରିବାକୁ ଆସନ୍ତା ତାରିଖ:-୧୬/୦୫/୨୦୨୫ ଶୁକ୍ରବାର ଦିନ ସକାଳେ ସମୟ:-୦୯-ଘଟିକାରୁ -୧୨-ପର୍ଯ୍ୟନ୍ତ କରିବାପାଇଁ ସ୍ଥିର କରାଯାଇଛି ଏବଂ ସେଇ ଦିନଠାରୁ ସକାଳେ :୦୯-ଘଟିକାରୁ ହିଁ ରାଇରଙ୍ଗପୁର ସବଡିବିଜନ ରେ ରାଜ୍ୟ ସରକାର ପକ୍ଷରୁ ବିଭିନ୍ନ କାର୍ଯ୍ୟ ଆଳରେ ଆଦିବାସୀ ଲୋକଙ୍କର ଘର ଭାଙ୍ଗି ବିସ୍ଥାପିତ ଲୋକଙ୍କର ନ୍ୟାର୍ଯ୍ୟ ଦାବି ଓ ଉଚିତ ପୁନଃର୍ବାସ ତଥା ଥାଇଥାନ ପାଇଁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ କଂଗ୍ରେସ ଦଳର ସହଯୋଗ ରେ କାର୍ଯ୍ୟକ୍ରମ କରାଯିବାକୁ ନିଷ୍ପତି ନେଇଥିବାର ସମ୍ବାଦିକ ମାନଙ୍କୁ ସୁଚନା ପ୍ରଦାନ କରାଯାଇଥିଲା ।

## ବଡଶିଲିଙ୍ଗା ପଚାଂୟତବାସୀଙ୍କ ମୌଳିକ ସମସ୍ୟା ସମାଧାନ ପାଇଁ ବ୍ଲକ ସମ୍ମୁଖରେ ଧାରଣା




ଗଣିଆ, (ମହାଭାରତ): ନୟାଗଡ ଜିଲ୍ଲା ଗଣିଆ ବ୍ଲକ ଆଦିବାସୀ ଅଧୁଷିତ ବଡଶିଲିଙ୍ଗା ପଚାଂୟତବାସୀଙ୍କ ବିଭିନ୍ନ ମୌଳିକ ସମସ୍ୟା ସମାଧାନନେଇ ପ୍ରଶାସନ ପାଖରେ ଦାବୀ କରିଆସୁଥିଲେ କିନ୍ତୁ କେହି କର୍ଣ୍ଣପାତ କରିନଥିଲେ । ଯାହାକୁ ନେଇ ଭାରତୀୟ ବିକାଶ ପରିଷଦ ନେତୃତ୍ୱରେ ଗତ ୨ ତାରିଖରେ ମୁଖ୍ୟ ଶାସନ ସଚିବ ଙ୍କ ସମେତ ନୟାଗଡ଼ ଜିଲ୍ଲାପାଳ, ଆରକ୍ଷୀ ଅଧିକ୍ଷକଙ୍କ ସମେତ ୨୦ ଅଧିକ ବିଭାଗକୁ ପତ୍ର ମାଧ୍ୟମରେ ଜଣାଇଥିଲେ । କିଛି ସୁଫଳ ନ ମିଳିବାରୁ ମଙ୍ଗଳବାର ପୂର୍ବାହ୍ନ ୧୧ ଘଂଟିକା ସମୟରେ ଭାରତୀୟ ବିକାଶ ପରିଷଦସଭାପତି ସୁରେନ୍ଦ୍ର କୁମାର ପାଣିଗ୍ରାହୀଙ୍କ ନେତୃତ୍ୱରେ, ଉପ ସଭାପତି ନିରଞ୍ଜନ ଦାସ, ଜିଲ୍ଲା ସଭାନେତ୍ରୀ କନକଲତା ପ୍ରଧାନ, ରାଜ୍ୟ ଯୁଥ୍ ସଭାନେତ୍ରୀ ସୁନିତା ପଟ୍ଟନାୟକ, ବଡ଼ଶିଲିଙ୍ଗା ପଂଚାୟତର ସରପଂଚ ସସ୍ମିତା ସାହୁ, ସମିତି ସଭ୍ୟା ଜାନକୀ ଦେହୁରୀଙ୍କ ସମେତ ୨୦୦ ରୁ ଉର୍ଦ୍ଧ ପୁରୁଷ ଓ ମହିଳା ଗଣିଆ ଡାକବଙ୍ଗଳା ଠାରୁ ଏକ ବିରାଟ ଶୋଭାଯାତ୍ରାରେ ବାହାରି ଗଣିଆ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଉପସ୍ଥିତ ରହି ବିଭିନ୍ନ ଶ୍ଲୋଗାନ ଦେଇ ଧାରଣାରେ ବସିରହିବା ସହିତ ମୌଳିକ ସମସ୍ୟା ପୂରଣନ ହେଲା ପର୍ଯ୍ୟନ୍ତ ଅନିର୍ଦ୍ଦିଷ୍ଟ କାଳ ପାଇଁ ଅହୋରାତ୍ର ଧାରଣା ଜାରି ରହିବ ବୋଲି ସଭାପତି କହିଛନ୍ତି । ଘଟଣା ସ୍ଥଳରେ ଗଣିଆ ତହସିଲଦାର ପ୍ରୀତିବାଳା ରଣା, ବିଡ଼ିଓ ସାଗର ନନ୍ଦ, ଗଣିଆ ଥାନା ଅଧିକାରୀ ଲକ୍ଷ୍ମଣ ଦଣ୍ଡସେନା , ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ସୁଶାନ୍ତ କୁମାର ଦାସ ଓ ନୟାଗଡ଼ ଏସିଏଫ ଦେବୀପ୍ରସାଦ ରାଉତ ପହଂଚି ଲୋକଙ୍କୁ ବୁଝା ସୁଝାକରିଥିଲେ କିନ୍ତୁ ଅଂଚଳବାସୀ ଜିଦରେ ଅଟଳ ଥିଲେ । ଖବର ଲେଖିବା ବେଳକୁ ବଡସିଲିଙ୍ଗା ପଂଚାୟତବାସି ବ୍ଲକ କାଯ୍ୟାଳୟ ସମ୍ମୁଖରେ ଧାରଣାରେ ବସି ରହିଥିଲେ । ତେବେ ବଡଶିଲିଙ୍ଗା ପଚାଂୟତର ବିଭିନ୍ନ ଗ୍ରାମକୁ ସବୁଦିନିଆ ପକ୍କା ରାସ୍ତା, ପାନୀୟଜଳ, ବିଦ୍ୟୁତ୍ ?, ମୋବାଇଲ ସେବା, ଡାକସେବା, ରାସନକାର୍ଡ, ଜଙ୍ଗଲ ଅଧିକାର ଆଇନରେ ଗୋଷ୍ଠୀ ଗତ ଓ ବ୍ୟକ୍ତିଗତ ପଟ୍ଟା ପ୍ରଦାନ, କେତେକ ଗ୍ରାମରେ ଆଶା କର୍ମୀ ନିଯୁକ୍ତି, ଅଙ୍ଗନୱାଡି କେନ୍ଦ୍ର ଖୋଲାଯିବା, ଉଠାଜଳସେଚନ, କେନ୍ଦୁପତ୍ର ଫଡି ନିର୍ମାଣ, ଆବାସ ଯୋଜନା ଓ ବଡମୂଳ ଠାରୁ କୁତୁରୀ ରାସ୍ତା, ବିଦ୍ୟୁତ ସଂଯୋଗ ପରି ବିଭିନ୍ନ ଦାବୀ ରହିଛି ।

## ରାଜ ପଥ ଟୁଲ ଗେଟ୍‌ରେ ଜଗିଛନ୍ତି ଗାଈ ଗୋରୁ

ଦେବଗଡ, (ମହାଭାରତ): ଦେବଗଡ଼ ଜିଲ୍ଲା ଦେଇ ଯାଇଥିବା ଜାତୀୟ ରାଜପଥ ନମ୍ବର ୪୯ କଲିକତା ରୁ ବମ୍ବେ , କଲା ନିକଟସ୍ଥ ବିଦେଇ ବଡକୁଦର୍ ଠାରେ ମାତ୍ର ତିରିଶ ମିଟର ଦୁରତାରେ ଟୁଲ ଗେଟ୍ ର ମଝି ରାସ୍ତା ରେ ଜଗି ରହିଛନ୍ତି ଗୋରୁ ଏବଂ ଗାଈ । ଟୁଲ ଗେଟ୍ ର ଏତେ କର୍ମ ଚାରି ସେଠାରେ କାର୍ଯ କରୁ ଥିଲେ ମଧ କାହାରି ନଜର ରେ ଦେଖ ଯାଉ ନାହି । ଯଦି କିଛି ଦୁର୍ଘଟଣା ଘଟି କୌଣସି ଗୋରୁ କିମ୍ବା କୌଣସି ଲୋକଙ୍କ ଜୀବନ ଜାଏ ଦାଇ ରହିବ କିଏ ।

## ଗୋରୁ ବୋଝେଇ ୨ଟି ପିକଅଫ ଭ୍ୟାନ ଜବତ

କରଞ୍ଜିଆ, (ମହାଭାରତ) : ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ଥାନା ଅନ୍ତର୍ଗତ ନଂ ୫୩ ରାଜ୍ୟ ରାଜପଥ ଠାକୁରମୁଣ୍ଡା- ଆନନ୍ଦପୁର ରାସ୍ତା ର ତରାମରା ନିକଟ ଦରଦରା ଛକ ନିକଟରୁ ମଙ୍ଗଳବାର ରାତିରେ ଠାକୁରମୁଣ୍ଡା ପୋଲିସ ପେଟ୍ରୋଲିଂ ସମୟ ରେ ୨ ଟି ଗୋରୁ ବୋଝେଇ ପିକ ଅଫ ଭ୍ୟାନ ସହିତ ୨୦ଟି ବଳଦ ଜବତ କରି ଥିବାବେଳେ ୩ ଅଟକ ।ଆନନ୍ଦପୁର ଅଂଚଳରୁ ଗୋରୁ ବୋଝେଇ କରି ପିକ ଅଫ ଭ୍ୟାନ ନମ୍ବର ଓଡ଼ି ୦୯ ଜେ ୨୪୪୬ ଯୋଗେ ୧୧ ଟି ଗୋରୁ ଓ ଓଡ଼ି ୩୪ ଆର ୬୩୮ ନମ୍ବର ବିଶିଷ୍ଟ ଭ୍ୟାନ ରେ ୯ ଗୋଟି ଗୋରୁ ବୋଝେଇ କରି ଠାକୁରମୁଣ୍ଡା ରାସ୍ତା ରେ ଚାଲାଣ ହେଉଥିବା ବେଳେ ପୋଲିସ ରାସ୍ତାରେ ଭ୍ୟାନ ଦୁଇଟି କୁ ଅଟକାଇ ଥିଲେ । ଏଥିରେ ଗୋରୁ ବୋଝେଇ ଥିବା ଦେଖି ଠାକୁରମୁଣ୍ଡା ଥାନା ପୋଲିସ ଥାନା ସମ୍ମୁଖ ରଖିଥିଲେ । ପୋଲିସ ଘଟଣାସ୍ଥଳରୁ ଭ୍ୟାନ ଦୁଇଟିକୁ ଆଣି ଥାନାରେ ଅଟକ ରଖି ତଦନ୍ତ କରୁଛି ।

## ଜୀବିକା ହରାଉଛନ୍ତି ରଙ୍ଗ ତୂଳୀ କଳାକାର



ନବରଂଗପୁର ଜିଲ୍ଲା (ମହାଭାରତ) ରାଇଘର ଜୀବିକା ହରାଉଛନ୍ତି ରଙ୍ଗ ତୂଳୀ କଳାକାର, ଲୋପ ହେବାକୁ ଯାଉଛି କାନ୍ଥ ଚିତ୍ର, ବିଦ୍ୟାଳୟ କାନ୍ଥମାନଙ୍କରେ ଝୁଲୁଛି ମାଳ ମାଳ ଫ୍ଲେକ୍ସ ବ୍ୟାନର, କାନ୍ଥ ଚିତ୍ର ବଦଳରେ କରାଯାଉଛି ଫ୍ଲେକ୍ସ ବ୍ୟାନର ର ବ୍ୟବହାର। ଜୀବନ ଜୀବିକା ହରାଇ ଚିନ୍ତାରେ ରଙ୍ଗ ତୂଳୀ କଳାକାର ଙ୍କ ପରିବାରଯ ଯାହାକୁ ନେଇ ଫ୍ଲେକ୍ସ ବ୍ୟାନର ବ୍ୟବହାର କୁ ବନ୍ଦ କରିବା ସହ ରଙ୍ଗ ତୂଳୀ କଳାକାର ମାନଙ୍କ ଜୀବନ ଜୀବିକା ପ୍ରତି ଦୃଷ୍ଟି ଦେବାକୁ ଆଜି ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକର ରଙ୍ଗତୂଳୀ କଳାକାର ସଙ୍ଘ ପକ୍ଷରୁ ରାଇଘର ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ଙ୍କୁ ଏକ ଲିଖିତ ଦାବିପତ୍ର ପ୍ରଦାନ କରାଯାଇଛ।ବିଭିନ୍ନ ସରକାରୀ ଯୋଜନାରେ ହାତ ଲେଖା ବ୍ୟାନର ବ୍ୟବହାର କରିବାକୁ ବ୍ୟବସ୍ଥା ରହିଅଛି, ହେଲେ ବର୍ତ୍ତମାନ ସମସ୍ତ ସରକାରୀ କାର୍ଯ୍ୟକ୍ରମ ରେ ଫ୍ଲେକ୍ସ ବ୍ୟାନର ର ବ୍ୟବହାର କରାଯାଉଅଛି। ଯାହାକି ପରିବେଶ କୁ ଦୂଷିତ କରିବା ରେ ଏକ ବଡ଼ ଭୂମିକା ରହିଛି। ଇକୋ କ୍ଲବ ମାଧ୍ୟମରେ ପରିବେଶ ସୁରକ୍ଷା ପାଇଁ ପ୍ଲାଷ୍ଟିକ ପେପର ର ବ୍ୟାନର ଲଗାଯାଉଅଛି, ଯାହାକି ସରକାରୀ ନିୟମ କୁ ସମ୍ପୂର୍ଣ ବିରୋଧ କରାଯାଉଥିବା ବିଭିନ୍ନ ବିଦ୍ୟାଳୟ ମାନଙ୍କ ରେ ଦେଖିବାକୁ ମିଳିଛି, ବିଦ୍ୟାଳୟ ମାନଙ୍କ କାନ୍ଥ ରେ କାନ୍ଥ ଚିତ୍ର କରିବା ପାଇଁ ଯୋଜନା ରହିଛି ହେଲେ ଫ୍ଲେକ୍ସ ବ୍ୟାନର କରି କାନ୍ଥ ଚିତ୍ର ର ବିଲ କରି ଟଙ୍କା ଉଠା ଯାଉଛି। ସରକାର ରଙ୍ଗ ତୂଳୀ କଳାକାର ମାନଙ୍କ ଜୀବନ ଜୀବିକା ପ୍ରତି ଗୁରୁତ୍ୱ ଦେଇ ସମସ୍ତ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ମାନଙ୍କୁ କାନ୍ଥ ଚିତ୍ର କରିବା ପାଇଁ ପରାମର୍ଶ ଦିଆଗଲେ ରାଇଘର ବ୍ଲକ ର ୨୫ ଗୋଟି ରଙ୍ଗ ତୂଳୀ କଳାକାର ମାନଙ୍କ ପରିବାର ଉପକୃତ ହୋଇ ପାରିବେ ବୋଲି ରଙ୍ଗ ତୂଳୀ କଳାକାର ସଙ୍ଘ ପକ୍ଷରୁ ସରକାର ଙ୍କୁ ଗୁହାରି କରିଛନ୍ତି।

### ପାକିସ୍ତାନର ଆତଙ୍କବାଦ ଦମନ ପାଇଁ ଚାଲିଛି ପ୍ରଶିକ୍ଷଣ :

## ଯବାନ ପାଇଁ ନୟାଗଡ଼ ରୁ ପ୍ରସ୍ତୁତ ହେଉଛନ୍ତି ବହୁ ଯୁବପିଢି



ନୟାଗଡ଼, ( ମହାଭାରତ ) : ଲକ୍ଷ ତାଙ୍କର ଦେଶ ସେବା କରିବା ଏବଂ ଦେଶବାସୀଙ୍କ ପାଇଁ ସୁରକ୍ଷା ଦେବା। ନୌ ସେନା ବିଭାଗରୁ ଅବସର ନେବା ପରେ ସ୍ୱେଚ୍ଛାକୃତ ମନୋଭାବ ରଖି ଯୁବକ ଯୁବତୀଙ୍କୁ ସେ ସେନା ବିଭାଗରେ ନିଯୁକ୍ତି ଦେବା ପାଇଁ ପ୍ରଶିକ୍ଷଣ ଦେଉଛନ୍ତି। ପଡୋଶୀ ଦେଶ ପାକିସ୍ତାନ ର ଆତଙ୍କବାଦ ଦମନ ପାଇଁ ସବୁଠି ଚର୍ଚ୍ଚା ପାଲଟିଥିବା ବେଳେ ଆମ ଦେଶକୁ ସୁରକ୍ଷା ଦେବା ପାଇଁ ସେନା ବାହିନୀର ଭୂମିକା ଅତି ଗୁରୁତ୍ବପୂର୍ଣ୍ଣ ରହିଛି। ସେନା ବିଭାଗରେ ଯୋଗ ଦେବା ପାଇଁ ରହିଛି କଠିନ ଟ୍ରେନିଂ। କେତେ ବେଳେ ଗୁରୁଣ୍ଡି ଗୁରୁଣ୍ଡି ଶତ୍ରୁ କୁ ମୁକାବିଲା କରିବା ପାଇଁ କଠିନ ପ୍ରଶିକ୍ଷଣ ନେବା ପାଇଁ ପଡୁଛି, କେତେ ବେଳେ ଦୌଡ଼ି ସାହାର୍ଯ୍ୟରେ ଉପରକୁ ଉପର ଚଢିବା ପାଇଁ ପଡୁଛି। ଏମିତି କେତେ କେତେ ଶାରୀରିକ ପରିଶ୍ରମ ଯାହା ଲଙ୍ଗଜମ୍ପ, ହାଇଜମ୍ପ, ରସି ସାହାର୍ଯ୍ୟରେ ଗଛରେ ଚଢିବା, ଦୌଡ଼ିବା, ପାହାଡ ଚଢିବା ପରି ଏମିତି କେତେ କେତେ ବ୍ୟାୟାମ ଏବଂ ଶାରୀରିକ କୌଶଳ ଶିକ୍ଷା ଶିଖିବାକୁ ପଡୁଛି। ଏହା କୌଣସି ଆର୍ମି କିମ୍ବା ବିଏସଏଫ ଏବଂ ଓଡ଼ିଶା ପୋଲିସ ବ୍ୟାରେକ୍ ର ପ୍ରଶିକ୍ଷଣ ଶିବିର ନୁହେଁ। କିନ୍ତୁ ଜାଣି ଆଶ୍ଚର୍ଯ୍ୟ ହେବେ ଯେ ଏ ସବୁ ପଛରେ ଅଛନ୍ତି ଜଣେ ନୌ ସେନା ର ଅବସରପ୍ରାପ୍ତ ନୟାଗଡ଼ ଜିଲ୍ଲା ର ଯୁବକ ଦେବାଶିଷ ସାହୁ। ଯେ ଏସବୁ ଶାରୀରିକ ପ୍ରଶିକ୍ଷଣ ଦେଉଛନ୍ତି ମାଗଣାରେ ମହତ ଉଦ୍ଦେଶ୍ୟ ରଖି। ଗୋଟିଏ ଲକ୍ଷ ଦେଶ ସେବା କରିବା ଏବଂ ଦେଶକୁ ସୁରକ୍ଷା ଦେବା। ଦେବାଶିଷଙ୍କ କହିବା ଅନୁଯାୟୀ କେବଳ କ୍ୟାମ୍ପରେ ରହୁଥିବା ଯୁବକ ଯୁବତୀ ମାନଙ୍କୁ ଲିଖିତ ପରୀକ୍ଷା ପାଇଁ କୋଚିଂ ଏବଂ ହଷ୍ଟେଲ ପାଇଁ କିଛିଟା ଖର୍ଚ୍ଚ ଦେବା ପାଇଁ ପଡୁଛି। ଆର୍ମି, ନେଭି, ଆଇଟିବିପି, ବିଏସଏଫ, ଏୟାର ଫୋର୍ସ, ଓଡ଼ିଶା ପୋଲିସ, ଅଗ୍ନିବୀର ଆଦି ସେନା ବିଭାଗ ପାଇଁ ତାଲିମ୍ ଦେଉଛନ୍ତି। ନୟାଗଡ଼ ଜିଲ୍ଲାର ସେହି ଗୁରୁ ଦ୍ରୋଣ ହେଲେ ନୂଆଗାଁ ବ୍ଲକ ଜଗନ୍ନାଥ ପ୍ରସାଦ ଗାଁର ଏହି ଯୁବକ ଦେବାଶିଷ ସାହୁ। ନୌ ସେନା ବାହିନୀ ରୁ ଅବସର ଗ୍ରହଣ କରିବା ପରେ ସ୍ୱଛାକୃତ ମନୋଭାବ ରଖି ଯୁବକ ଯୁବତୀଙ୍କୁ ସେ ସେନା ବିଭାଗରେ ନିଯୁକ୍ତି ଦେବା ପାଇଁ ଦେଉଛନ୍ତି ପ୍ରଶିକ୍ଷଣ। ନୟାଗଡ଼ରେ ସାମର୍ଥ ଏକାଡେମୀ ନାଁରେ କ୍ୟାମ୍ପ କରି ରାଜ୍ୟ ଏବଂ ରାଜ୍ୟ ବାହାରରୁ ୧୦୦ ରୁ ଉର୍ଦ୍ଧ ଯୁବକ ଯୁବତୀଙ୍କୁ ମାଗଣାରେ ଶାରୀରିକ ପ୍ରଶିକ୍ଷଣ ଦେଉଛନ୍ତି ସେନା ବିଭାଗ ର ନିଯୁକ୍ତି ପାଇଁ। ଏହାଛଡା ପ୍ରତିଦିନ ସକାଳୁ ଏବଂ ସନ୍ଧ୍ୟାରେ କ୍ୟାମ୍ପରେ ଯୁବକ ଯୁବତୀ ଶାରୀରିକ ମାନସିକ ଏବଂ ଆଧ୍ୟାତ୍ମିକ ଉପରେ ମଧ ଶିକ୍ଷା ଦିଆଯାଇଛି। ଏହାକୁ ନେଇ ଉତ୍ସାହିତ ଏଥିରେ ଅଂଶ ଗ୍ରହଣ କରୁଥିବା ଯୁବକ ଯୁବତୀମାନେ। ଆଶା ରଖିଛନ୍ତି ସେନା ବିଭାଗରେ ଯୋଗ ଦେଇ ଦେଶ ସେବା କରିବେ। ଦେବାଶିଷ ନୌ ସେନା ବିଭାଗରୁ ଅବସର ନେବା ପରେ ସାତ ବର୍ଷ ତଳେ ତିନି ଜଣ ଯୁବକଙ୍କୁ ନେଇ ନୟାଗଡ଼ରେ ଆରମ୍ଭ କରିଥିଲେ ସାମର୍ଥ ଏକାଡେମୀ। ଏବେ ତାଙ୍କ କ୍ୟାମ୍ପରେ ୧୦୦ ରୁ ଉର୍ଦ୍ଧ ଯୁବକ ଯୁବତୀ ସେନା ବିଭାଗରେ ନିଯୁକ୍ତି ପାଇଁ ଶାରୀରିକ ପ୍ରଶିକ୍ଷଣ ନେଉଛନ୍ତି। ଏଥିରେ ରାଜ୍ୟ ଏବଂ ରାଜ୍ୟ ବାହାର ଯୁବକ ଯୁବତୀ ମାନେ ମଧ ରହିଛନ୍ତି। ବିଶେଷ କରି ଆମ ରାଜ୍ୟର ଅନୁଗୁଳ, କନ୍ଧମାଳ, ବୌଦ୍ଧ, ଗଞ୍ଜାମ, ଗଜପତି, ବାଲେଶ୍ୱର, ମୟୂରଭଞ୍ଜ, ଢେଙ୍କାନାଳ, ଖୋର୍ଦ୍ଧା, କଟକ, ପୁରୀ ଏବଂ ନୟାଗଡ଼ ଜିଲ୍ଲାର ଯୁବକ ଯୁବତୀଙ୍କ ସହ ପଶ୍ଚମବଙ୍ଗ, ଆନ୍ଧ୍ରପ୍ରଦେଶ, ଛତିଶଗଡ଼, ମହାରାଷ୍ଟ୍ର ଓ ଉତ୍ତର ପ୍ରଦେଶର ଯୁବକ ଯୁବତୀ ମାନେ କ୍ୟାମ୍ପରେ ରହି ସେନା ବିଭାଗରେ ନିଯୁକ୍ତି ପାଇଁ ଶାରୀରିକ ପ୍ରଶିକ୍ଷଣ ନେଉଛନ୍ତି। ଦେବାଶିଷଙ୍କ ନିଶା ସେନା ବିଭାଗ ପାଇଁ ଯୁବକ ଯୁବତୀଙ୍କୁ ପ୍ରସ୍ତୁତ କରିବା। ତାହା ପୁଣି ବିନା ମୂଲ୍ୟରେ ଶାରୀରିକ ପ୍ରଶିକ୍ଷଣ ଦେବାୟ ପାଞ୍ଚ ବର୍ଷ ମଧ୍ୟରେ ସେ ୫୦୦ ରୁ ଉର୍ଦ୍ଧ୍ୱ ଯୁବକ ଯୁବତୀଙ୍କୁ କଠିନ ଶାରୀରିକ ତାଲିମ ଓ ଲିଖିତ ପରୀକ୍ଷା ଏବଂ ସାଧାରଣ ଜ୍ଞାନ ବୃଦ୍ଧି ପାଇଁ ଥିଓରୀ କ୍ଲାସ କରି ସଫଳ କରି ପାରିଛନ୍ତି। ସେଥିମଧ୍ୟରୁ ୨୦୦ ସେନା ବିଭାଗରେ ନିଯୁକ୍ତି ପାଇଥିବା ଦେବାଶିଷ କହିଛନ୍ତି। ଆର୍ମି ବି.ଏସ୍.ଏଫ୍, ନାଭି, ଆଇଟିବିପି, ଅଗ୍ନିବିର, ଓଡିଶା ପୋଲିସ ପାଇଁ ଏବେ ୧୦୦ ଜଣ ଯୁବକ ଯୁବତୀ କ୍ୟାମ୍ପରେ ରହି ପ୍ରଶିକ୍ଷଣ ନେଉଛନ୍ତି। ଲକ୍ଷ ତାଙ୍କର ଦେଶ ସେବା କରିବା ଏବଂ ଦେଶବାସୀଙ୍କ ପାଇଁ ସୁରକ୍ଷା ଦେବା ଏବଂ ଭଲ ମଣିଷ ଗଢ଼ିବା। ତେବେ ଆପଣଙ୍କ ମନରେ ମଧ ନିଶ୍ଚିନ୍ତ ସନ୍ଦେହ ହେଉଥିବ ସମସ୍ତେ ନିଜର ସ୍ୱାର୍ଥରେ ଲାଗିଥିବା ବେଳେ ଏହି ଯୁବକ ଦେବାଶିଷ କାହିଁକି ଏମିତି ମହତ କାମରେ ଲାଗିଛନ୍ତି। ଏହା ପଛରେ ରହିଛି ବଡ କାହାଣୀୟ ଦେବାଶିଷ ତାଙ୍କ ଚାକିରୀ ସମୟରେ ନୌ ସେନା ବିଭାଗରେ ଓଡ଼ିଆ ପିଲା କମ ନିଯୁକ୍ତି ପାଉଥିବା ସେ ଅନୁଭବ କରିଥିଲେ। ତେଣୁ ଚାକିରୀ ରୁ ଅବସର ନେବା ପରେ ସେନା ବିଭାଗରେ ଛାତ୍ରଛାତ୍ରୀଙ୍କ ଜୀବନ ଜୀବିକା ଗଢି ତୋଳିବା ପାଇଁ ଏଭଳି ଉଦ୍ୟମ ଜାରି ରଖିଥିବା କହିଛନ୍ତି ଦେବାଶିଷ। କଥାରେ ଲିପିବଦ୍ଧ ରହିଅଛି ଗୁରୁ ଯାହା ଆମକୁ ଦେଇ ଯାଆନ୍ତି ଚାହିଁଲେ ବି ଆମେ ତାହାର ମୂଲ୍ୟ ଦେଇପାରିବା ନାହିଁ। ବିନା ସ୍ୱାର୍ଥରେ ଯୁବକ ଯୁବତୀଙ୍କୁ ସେନା ବିଭାଗ ପାଇଁ ମାଗଣା ପ୍ରଶିକ୍ଷଣ ଦେଇ ଚାକିରୀ ପାଇଁ ସାହାର୍ଯ୍ୟ କରୁଥିବା ଦେବାଶିଷଙ୍କର ଗୁରୁ ପଣିଆ ଙ୍କୁ ସବୁଠୁ ମିଳୁଛି ପ୍ରଶଂସା।

## ଆସିକା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ପାସହାରକୁ ନେଇ ଚିନ୍ତାରେ ଅଭିଭାବକ

ଆସିକା (ମହାଭାରତ): ଆସିକା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ର ପାଠ ପଢା ଓ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ଆୟୋଜିତ ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷାରେ ପାସ ହାରକୁ ନେଇ ଚିନ୍ତାରେ ଅଭିଭାବକ। ଦିନ ଥିଲା ଆସିକା ବ୍ଲକ ରେ ସରସ୍ୱତୀ ଶିଶୁ ମନ୍ଦିର ର ପାଠ ପଢା ଶୈଳୀ, ନୀତି ଆଦର୍ଶ, ଉତ୍ତମ ଶିକ୍ଷା ଦାନ ପାଇଁ ଶତାଧିକ ଅଭିଭାବକ ବିଦ୍ୟା ମନ୍ଦିର ପ୍ରତି ପିଲାମାନଙ୍କୁ ପାଠ ପଢା ନିମନ୍ତେ ଆଗ୍ରହ ପ୍ରକାଶ କରୁଥିଲେ । ଚଳିତ ବର୍ଷ ୧୦୬ ଜଣ ବିଦ୍ୟାର୍ଥୀ ମେଟ୍ରିକ ପରୀକ୍ଷା ଦେଇଥିଲେ। ସେଥି ମଧ୍ୟରୁ ଏ ୦୧ ରେ ମାତ୍ର ୦୬ ଜଣ ଏ-୨ ରେ ୨୧ ଜଣ,ବି-୦୧ ରେ ୩୦ ଜଣ, ବି-୨ ରେ ୩୨ ଜଣ, ସି - ରେ ୧୫ ଜଣ ଏବଂ ଡି- ରେ ମଧ ଜଣେ ପାସ ହୋଇଥିବା ସଦ୍ୟ ପ୍ରକାଶିତ ପରୀକ୍ଷା ଫଳ ରୁ ଜଣା ପଡିଛି । କିନ୍ତୁ ଗତ ବର୍ଷ ଏହି ମେଟ୍ରିକ ପରୀକ୍ଷା ରେ ୦୯ ଜଣ ଏ-୦୧ ରେ , ପାସ କରୁଥିବା ବେଳେ ଚଳିତ ବର୍ଷ ର ପରୀକ୍ଷା ଫଳ ଦେଖି ଅଭିଭାବକ ଚିନ୍ତାରେ ରହିଥିବା ଶୁଣିବାକୁ ମିଳୁଛି ।ଏଥି ସହିତ ଗତ କିଛି ବର୍ଷ ହେଲା ମେଟ୍ରିକ ରେ ପିଲା ମାନେ ପାଠ ପଢିବାକୁ ବିଦ୍ୟାମନ୍ଦିର ଉପରେ ଭରସା ନହେଲା ଭଳି ମନେ ହେଉଛି । ଗତ କିଛି ବର୍ଷ ହେଲା ଦଶମ ଶ୍ରେଣୀ ରେ ପିଲା ସଂଖ୍ୟା କମୁଥିବା ମଧ କୁହାଯାଉଛି। ନିୟମିତ ଅଭିଭାବକ ବୈଠକ ନହେବା ହେତୁ ଅବିଭାବକ ମନେ ଶିକ୍ଷା ଦାନ ବିଷୟ ରେ ଅବଗତ କରାଇବା ସୁଯୋଗ ମିଳୁନାହିଁ । ବିଦ୍ୟାମନ୍ଦିର ର ପରିଚାଳନା କମିଟି ଉଚ୍ଚ ସ୍ତରୀୟ ପାଠ ପଢା ଉପରେ ଅଧିକ ଧ୍ୟାନ ଦେବାକୁ ଅଭିଭାବକ ମାନେ ମତ ରଖିଛନ୍ତି ।ଏ ସମ୍ପର୍କ ରେ ବିଦ୍ୟା ମନ୍ଦିର ର ପରିଚାଳନା କମିଟି କିମ୍ବା ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ସହ ଯୋଗାଯୋଗ କରିବାକୁ ଚେଷ୍ଟା କରିଥିଲେ ମଧ ସମ୍ଭବ ପର ହୋଇନଥିଲା ।

## ଉଞ୍ଚାବାଲି ଲୌହ ଏବଂ ମାଙ୍ଗାନିଜ ଖଣି ଜନଶୁଣାଣୀ ସଫଳ

ଯୋଡା, (ମହାଭାରତ) କେନ୍ଦୁଝର ଜିଲ୍ଲା,ବଡ଼ବିଲ ତହସିଲ ଅନ୍ତର୍ଗତ ଶ୍ରୀମତୀ ଇନ୍ଦ୍ରାଣୀ ପଟ୍ଟନାୟକ ଉଞ୍ଚାବାଲି ଲୌହ ଏବଂ ମାଙ୍ଗାନିଜ ଖଣିର ଲିଜ ଅଞ୍ଚଳ ମଧ୍ୟରେ ୪ ଏମଟିପିଏ ଥ୍ରୋପୁଟ କ୍ଷମତା ବିଶିଷ୍ଟ ବିଏଚଜେ/ବିଏଚକ୍ୟୁ ବେନିଫିସିଏସନ୍ ପ୍ରକଳ୍ପ ପ୍ରତିଷ୍ଠା କରିବା ପାଇଁ ରାଜ୍ୟ ପରିବେଶ ପ୍ରଭାବ ମୂଲ୍ୟାଙ୍କନ କର୍ତ୍ତୃପକ୍ଷ ଓଡ଼ିଶା ଦ୍ୱାରା ପରିବେଶୀ। ମଞ୍ଜୁରୀ ନିମନ୍ତେ ଜନଶୁଣାଣୀ ଅନୁଷ୍ଠିତ ହୋଇଯାଇଛି। ତେବେ ସର୍ବସମ୍ମତିକ୍ରମେ ପ୍ରକଳ୍ପ ସପକ୍ଷରେ ଯାଇଥିଲା ଏହି ପରିବେଶୀୟ ଜନଶୁଣାଣୀ । ପରିବେଶୀୟ ମଞ୍ଜୁରୀ ଅନୁମୋଦନ ନିମନ୍ତେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡିଶା ଏବଂ କେନ୍ଦୁଝର ଜିଲ୍ଲା ପ୍ରଶାସନ ପକ୍ଷରୁ ବଡବିଲ ତହସିଲ ବଳଦା ମୌଜାରେ ମଙ୍ଗଳବାର ଏହି ଜନଶୁଣାଣୀ ଅନୁଷ୍ଠିତ ହୋଇଥିଲା । ଅତିରିକ୍ତ ଜିଲ୍ଲାପାଳ ରବୀନ୍ଦ୍ର କୁମାର ପ୍ରଧାନଙ୍କ ଅଧକ୍ଷତାରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର କେନ୍ଦୁଝର ଆଞ୍ଚଳିକ ଅଧିକାରୀ ପ୍ରଶାନ୍ତ କର ଜନଶୁଣାଣୀକୁ ପରିଚାଳନା କରିଥିଲେ ଯ ପ୍ରଥମେ କମ୍ପାନୀର ପ୍ରକଳ୍ପ ଅଧିକାରୀଙ୍କ ପକ୍ଷରୁ ପ୍ରକଳ୍ପ ସମ୍ବନ୍ଧରେ ସାରାଂଶ ଉପସ୍ଥାପନ କରାଯାଇଥିଲା । ପ୍ରକଳ୍ପ ହେବା ଦ୍ୱାରା କେଉଁ ସବୁ ପ୍ରଭାବ ପଡ଼ିବ ଏବଂ ତାହାର ନିରାକରଣ କିପରି କରାଯିବ ସେନେଇ ସେ ସବିଶେଷ ତଥ୍ୟ ପ୍ରଦାନ କରିଥିଲେ । ଏହାପରେ ଲୌହ ଖଣିଜ ବେନିଫିସିଏସନ ପ୍ରକଳ୍ପ ଦ୍ୱାରା ପ୍ରଭାବିତ ହେବାକୁ ଥିବା ଗ୍ରାମବାସୀ ଜନ ଶୁଣାଣୀରେ ନିଜର ମତାମତ ବ୍ୟକ୍ତ କରିଥିଲେ, ଯାହାକୁ ଲିପିବଦ୍ଧ କରାଯିବା ସହ ଭିଡିଓ ରେକର୍ଡିଂ କରାଯାଇଥିଲା । କାରଖାନା ଦ୍ୱାରା ପ୍ରଭାବିତ ହେବାକୁ ଥିବା ପଳଶା ଓ ବଳଦା ପଂଚାୟତର ଶତାଧିକ ପୁରୁଷ ଓ ମହିଳା ଉପସ୍ଥିତ ରହିଥିଲେ । ଏହି ସର୍ବସାଧାରଣ ଜନଶୁଣାଣୀରେ ସ୍ଥାନୀୟ ପ୍ରଭାବିତ ଅ□ଳର ଗ୍ରାମବାସୀ ମାନେ ନିଜର ସ୍ୱୀକୀୟ ମତାମତ ପ୍ରଦାନ କରିଥିଲେ ।ଏହି ଜଣାଶୁଣାଣି କାର୍ଯ୍ୟକ୍ରମରେ ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ତଥା ଉ□ାବାଲି ଗ୍ରାମର ବାସିନ୍ଦା ବାସୁଦେବ ନାଏକ, ଜିଲ୍ଲା ପରିଷଦ ସଦସ୍ୟ ସୁକୁମାରୀ ଦେହୁରୀ,ପଳସା ସରପ□ ନରେନ୍ଦ୍ର ମୁଣ୍ଡା,ପଳସା ସମିତି ସଭ୍ୟ ମହେନ୍ଦ୍ର ମାଝୀ ସମେତ ଅନ୍ୟ ମାନେ ଉପସ୍ଥିତ ରହି ନିଜର ମତ ଉପସ୍ଥାପନ କରିଥିଲେ । ପାରିପାର୍ଶିକ ଉନ୍ନତି,ପାନୀୟ ଜଳ,ଗମନାଗମନ,ନିଯୁକ୍ତି,ଶିକ୍ଷା ଓ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ କମ୍ପାନୀ ଯତ୍ନବାନ ହେବାକୁ ଆଖପାଖ ସ୍ଥାନୀୟ ଗ୍ରାମବାସୀ ମତ ଉପସ୍ଥାପନ କରିଥିଲେ । ପ୍ରକଳ୍ପକୁ ସମର୍ଥନ ଜଣାଇବା ସହିତ ସ୍ଥାନୀୟ ଅଞ୍ଚଳରେ କାରଖାନା ପ୍ରତିଷ୍ଠା,ପ୍ରଭାବିତ ଗ୍ରାମ ଗୁଡିକରେ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ପାନୀୟ ଜଳର ସୁବନ୍ଦୋବସ୍ତ, ବୃକ୍ଷ ରୋପଣ ଏବଂ ନିଯୁକ୍ତି ଆଦି ଦାବି କରି ସର୍ତ୍ତ ମୂଳକ ସମର୍ଥନ ଜାଣଇଥିଲେ ଗ୍ରାମବାସୀ । ତେବେ ଲୋକଙ୍କ ଦାବିକୁ ସମ୍ମାନ ଜଣାଇ ସେସବୁକୁ ଯଥା ସମ୍ଭବ ପୂରଣ କରିବା ପାଇଁ କମ୍ପାନୀ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଥିଲା ।

## ବସୁଧା ଯୋଜନାରେ ରେ ମାଲାମାଲ ଠିକାଦାର, ବେହାଲ ଗ୍ରାମବାସୀ



କନ୍ଧମାଳ(ମହାଭାରତ) :ଗ୍ରୀଷ୍ମପ୍ରବାହ ଜାରି ରହିଛ ।ନଦୀ ନାଳ ଓ ପୋଖରୀ ପାଣି ଶୁଖି ଯାଇଥିବା ବେଳେ ଭୂତଳ ଜଳସ୍ତର ମଧ ହ୍ରାସ ପାଉଛି । ଯାହାଫଳରେ କନ୍ଧମାଳ ଜିଲ୍ଲା ତୁମୁଡିବନ୍ଧ ବ୍ଲକରେ ପାନୀୟ ଜଳର ଅଭାବ ବଢ଼ିବାରେ ଲାଗିଛି ।ତାହାର ଜ୍ୱଳନ୍ତ ଉଦାହରଣ ଝିରିପାଣି ପଞ୍ଚାୟତର କୁମସରଫା ଗ୍ରାମରେ ଦେଖିବାକୁ ମିଳିଛି ।ଗ୍ରାମର ହାଣ୍ଡି ମାଠିଆ ଧରି ମହିଳାମାନେ ଚଉଳ ଧୁଆ ନଦୀ କୂଳର ଚଚରା ଘାଟ ଠାରେ ଏକ ପଥର ଚୁଆର ପାଣି ପିଇବା ପାଇଁ ସଂଗ୍ରହ କରୁଥିବା ଦେଖିବାକୁ ମିଳିଛି ।ଗ୍ରାମବାସୀ ଙ୍କ କହିବା ଅନୁସାରେ ଦୁଇ ବର୍ଷ ପୂର୍ବେ କୁମସରଫା ଓ ଚଜାଙ୍ଗି ଗ୍ରାମକୁ ପାନୀୟ ଜଳଯୋଗାଣ ପାଇଁ ଚଜାଙ୍ଗି ଗ୍ରାମ ନିକଟର ଚଉଳ ଧୁଆ ନଦୀକୂଳରେ ବସୁଧା ଯୋଜନାର ଟ୍ୟାଙ୍କି ନିର୍ମାଣ କରାଯାଇ ପାଇପ ମଧ ବିଛା ଯାଇଛି । ବସୁଧା ଯୋଜନାରେ ଉଭୟ ଗ୍ରାମର ପ୍ରତି ଘରେ ଷ୍ଟାଣ୍ଡ ପୋଷ୍ଟ ମଧ କରାଯାଇଛି ।ହେଲେ ଦୁଇ ବର୍ଷ ହେଲାଣି କୁମସରଫା ଗ୍ରାମକୁ ପିଇବା ପାଣି ଛଡ଼ା ଯାଇନାହିଁ । କରାଯାଇଥିବା ଷ୍ଟାଣ୍ଡ ପୋଷ୍ଟ ଗୁଡ଼ିକ ଭାଙ୍ଗିବାକୁ ବସିଲାଣି ।ହେଲେ ସେହି ଗ୍ରାମରେ ଗୋଟିଏ ନଳ କୂପ ରହିଛି । ସେହି ନଳ କୂପର ଭୂତଳ ଜଳସ୍ତର କମିବାରୁ ପାଣି ବାହାରୁ ନାହିଁ ।ଅଧା ଘଣ୍ଟା ପାଖାପାଖି ନଳ କୂପ ମାରିଲେ ଏକ ବାଲ୍ଟି ପାଣି ବାହାରିଥାଏ ।ସେହି ପାଣି ଧୂସର ରଙ୍ଗ ପରି ଦେଖା ଯିବା ସହିତ ପିଇବା ପାଇଁ ଭଲ ଲାଗେ ନାହିଁ ଓ ଭାତ ରାନ୍ଧିବା ପାଇଁ ଗରମ କଲେ କଳା ପଡ଼ିଯାଏ। ସେହି କାରଣରୁ ଗ୍ରାମବାସୀ ନଳ କୂପର ପାଣି ପିଇବାକୁ ଇଚ୍ଛା କରନ୍ତି ନାହିଁ।ଆଉ ବାଧ ହୁଅନ୍ତି ଚଉଳ ଧୁଆ ନଦୀ କୂଳର ପଥର ଚୁଆ ପାଣି ପିଇବାକୁ। ବର୍ଷା ଦିନେ ସେହି ନଦୀରେ ବଢ଼ି ପାଣି ଚୁଆରେ ପଶିଯାଏ। ଯାହାଫଳରେ ଗ୍ରାମବାସୀ ପିଇବା ପାଇଁ ପାଣି ସମସ୍ୟା ଆହୁରି ବଢ଼ି ଯାଏ ।ଗ୍ରାମ ନିକଟରେ ଥିବା କ୍ଷେତରୁ ପିଇବା ପାଣି ସଂଗ୍ରହ କରିଥାନ୍ତି ।ଏହି ବାବଦରେ ଗ୍ରାମର ସଦେ ମାଝିଙ୍କୁ ପଚାରିବାରୁ ସେ ଏହି ବାବଦରେ ଦୁଇ ବର୍ଷ ତଳେ ପିଇବା ପାଣି ଯୋଗାଇବା ପାଇଁ ପାଇପ ସଂଯୋଗ କରାଯାଇ ଘରେ ଘରେ ଷ୍ଟାଣ୍ଡ ପୋଷ୍ଟ ମଧ କାର ଗଲା ହେଲେ ପାଣି ଆସୁ ନାହିଁ ତାପରେ ସରପଞ୍ଚଙ୍କୁ ଏହି ବାବଦରେ ଅଭିଯୋଗ ମଧ କରିଛୁ ହେଲେ କୌଣସି ସୁଫଳ ମିଳି ନାହିଁ। ତେଣୁ ଆମେ ଗ୍ରାମବାସୀ ବାଧ ହେଲୁ ଚଉଳ ଧୁଆ ନଦୀ କୂଳର ଚଚରା ଘାଟରେ ପଥର ଫଟାଇ ଏକ ପଥର ଚୁଆ କରି ସେହି ପାଣିକୁ ପିଉଛୁ ।ଯାହାଫଳରେ ଜଳ ବାହିତ ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଛୁ ବୋଲି କହିବା ସହିତ ପାଇପ ଯୋଗେ ପିଇବା ପାଣି ଯୋଗାଇ ଦେବାକୁ ଦାବୀ କରିଛନ୍ତି ।ଏହି ବାବଦରେ ସରପ□ କାନ୍ତି ପାତ୍ରଙ୍କୁ ପଚାରିବରୁ ସେ ସେହି ଗ୍ରାମକୁ ତୁରନ୍ତ ଜଳ ଯୋଗାଣ କରା ଯିବ ବୋଲି କହିଛନ୍ତି ।ସେହିପରି ତୁମୁଡିବନ୍ଧ ବ୍ଲକ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ର କନିଷ୍ଠ ଯନ୍ତ୍ରୀ ସ୍ନେହଲତା ପ୍ରଧାନଙ୍କୁ ପଚାରିବରୁ ଏହି ବାବଦରେ କୌଣସି ଅଭିଯୋଗ ହସ୍ତଗତ ହୋଇ ନାହିଁ ।ତେବେ ସେହି ଗ୍ରାମକୁ ଜଳ ଯୋଗାଣ ବ୍ୟବସ୍ଥା କରାଯିବ ବୋଲି କହିଛନ୍ତି।

## ଅନ୍ୟ ଜିଲ୍ଲାର କିନ୍ନରଙ୍କ ନବରଙ୍ଗପୁର ଜିଲ୍ଲାରେ ପ୍ରବେଶ ନେଇ ମନ୍ତ୍ରୀଙ୍କ ସହ ଆଲୋଚନା



ଉମରକୋଟ( ମହାଭାରତ ) କଳାହାଣ୍ଡି ଜିଲ୍ଲାରୁ କେତେକ କିଓର ନବରଙ୍ଗପୁର ଜିଲ୍ଲାର ଉମରକୋଟ କୁ ଆସି ଉମରକୋଟ ଝରିଗାଁ, ରାଇଘର ଅଞ୍ଚଳର ଦୋକାନ ବଜାର କୁ ଯାଇ ଜୋର୍ ଜବରଦସ୍ତି ଚାନ୍ଦା ଆଦାୟ କରିବା ସାଥେ ସାଥେ ଅନୈତିକ କାର୍ଯ୍ୟରେ ଲିପ୍ତ ରହୁଥିବା ନେଇ ନବରଙ୍ଗପୁର ଜିଲ୍ଲା କିନ୍ନର ସଂଘର ସଭ୍ୟା ତଥା ବରିଷ୍ଠ ଉପଦେଷ୍ଟା ଶର୍ମିଷ୍ଠା ଦେଓ ଙ୍କ ନେତୃତ୍ୱରେ ସଂଘର କର୍ମକର୍ତ୍ତା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ସହ ଆଲୋଚନା କରିଥିଲେ। ନବରଙ୍ଗପୁର ଜିଲ୍ଲା ପ୍ରଶାସନ ନିକଟରେ ରେଜିଷ୍ଟ୍ରିଭକ୍ତ ନ ଥିବା କଳାହାଣ୍ଡି ଜିଲ୍ଲାର କିନ୍ନର ମାନଙ୍କ କାର୍ଯ୍ୟକଳାପ କୁ ତଦନ୍ତ କରି ଆଗକୁ ପଦକ୍ଷେପ ନିଆଯାଉ ଏବଂ ଯେଉଁ ଜିଲ୍ଲାର କିନ୍ନର ସେହି ଜିଲ୍ଲାରେ ରହି ନିଜ କର୍ତ୍ତବ୍ୟ ପାଳନ କରିବା ଉଚିତ ବୋଲି ସଂଘର ଉପଦେଷ୍ଟା ଶ୍ରୀମତୀ ଦେଓ ଦାବି ଉପସ୍ଥାପନ କରିଥିଲେ ଏବଂ ଏ ସମନ୍ଧରେ ଏକ ଦାବି ପତ୍ର ମନ୍ତ୍ରୀଙ୍କୁ ପ୍ରଦାନ କରିଥିଲେ। ଉକ୍ତ ଦାବି ପତ୍ର କୁ ଅନୁଧ୍ୟାନ ପୂର୍ବକ ମନ୍ତ୍ରୀ ଶ୍ରୀ ଗଣ୍ଡ ଆଗାମୀ ଦିନରେ ଏ ସମସ୍ତ ବିଷୟ ତଦନ୍ତ କରି ନିଶ୍ଚିତ ଭାବରେ ନିଷ୍ପତ୍ତି ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ନବରଙ୍ଗପୁର ଜିଲ୍ଲା କିନ୍ନର ସଂଘ ଥାଉ ଥାଉ କଳାହାଣ୍ଡି ର କିନ୍ନର ମାନେ ଉମରକୋଟ ର କେତେକ ଅଣ କିଓର ମାନଙ୍କୁ କିନ୍ନର ଦର୍ଶାଇ କିପରି ଉମରକୋଟ କିନ୍ନର ସଂଘ ନାମରେ ଏକ ସଂଘ ଗଠନ କରିଛନ୍ତି ତାହା ତଦନ୍ତ କଲେ ସବୁ କଥାର ପର୍ଦ୍ଦାଫାଶ ହେବ ବୋଲି ସଂଘ ଦାବି ଉପସ୍ଥାପନ କରିଛି। ଆଜିର ସାକ୍ଷାତ କାର୍ଯ୍ୟକ୍ରମରେ କିଓର ସଂଘର ସଭାପତି କାଜଲ କିଓର, ସମ୍ପାଦକ ଚୁମୁକି କିନ୍ନର, ସଂଘର ସଦସ୍ୟା ମନ୍ଦିରା ନାୟକ, ସତ୍ୟବତୀ ନାୟକ, ଶେଫାଳୀ ବେବର୍ତ୍ତା ସମେତ ସଂଘର ସମସ୍ତ କିନ୍ନର ଉପସ୍ଥିତ ରହି ସହଯୋଗ କରିଥିଲେ।

## ସମ୍ଭାବ୍ୟ ଯୁଦ୍ଧ ପରିସ୍ଥିତି ର ମୁକାବିଲା ନିମନ୍ତେ ଜରୁରୀ କାଳୀନ ବୈଠକ ଅନୁଷ୍ଠିତ

### ଆଜି ଅପରାହ୍ନ ୪ଟା ରେ ମକ ଡ୍ରିଲ



ପାରାଦ୍ୱୀପ (ମହାଭାରତ) : ସାମ୍ଭାବ୍ୟ ଯୁଦ୍ଧ ପରିସ୍ଥିତି ର ମୁକାବିଲା ନିମନ୍ତେ ସମସ୍ତ ନାଗରିକ ଙ୍କୁ ସତର୍କ ଓ ସୁରକ୍ଷିତ ରଖିବା ପାଇଁ କେନ୍ଦ୍ର ତଥା ରାଜ୍ୟ ସରକାର ଙ୍କ ଗୃହ ବିଭାଗ ନିର୍ଦ୍ଦେଶ ଅନୁସାରେ ଓଡିଶା ର ଯେଉଁ ୧୨ ଗୋଟି ଜିଲ୍ଲାକୁ ସମ୍ଭାବ୍ୟ ଯୁଦ୍ଧକୁ ନେଇ ସତର୍କ ସୂଚନା ଦିଆଯାଇଛି ସେମାନଙ୍କ ମଧ୍ୟରୁ ଜଗତସିଂହପୁର ଜିଲ୍ଲା ର ପାରାଦୀପ ଅନ୍ୟତମ। ଏହି ପରିପ୍ରେକ୍ଷୀରେ ଆସନ୍ତା କାଲି ବୁଧବାର ଦିନ ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ମକ ଡ୍ରିଲର ବ୍ୟବସ୍ଥା ଅପରାହ୍ନ ୪ଟା ସମୟରେ ପାରାଦ୍ୱୀପ ସ୍ଥିତ ଷଣ୍ଢକୁଦ ଠାରେ ଆୟୋଜନ କରାଯାଇଛି ବୋଲି ଜିଲ୍ଲାପାଳ ଜେ ସୋନାଲ ସୂଚନା ଦେଇଛନ୍ତି। ଏହି ମକ ଡ୍ରିଲ ଆୟୋଜନ ସମ୍ପର୍କରେ ଏକ ପ୍ରସ୍ତୁତି ବୈଠକ ପାରାଦ୍ୱୀପ ସ୍ତନ୍ତ୍ର ସର୍କିଟ ହାଉସ ଠାରେ ଅନୁଷ୍ଠିତ ହୋଇଥିଲା। ଜିଲ୍ଲାପାଳ ଏହି ବୈଠକରେ ଅଧ୍ୟକ୍ଷତା କରିବା ସହ ମକ ଡ୍ରିଲ ପାଇଁ ସରକାର ଧାର୍ଯ୍ୟ କରିଥିବା ମାର୍ଗଦର୍ଶିକା ଆଧାରରେ ସମସ୍ତ କାର୍ଯ୍ୟ ପରିଚାଳନା ପାଇଁ ଅନୁରୋଧ କରିଥିଲେ। ସମ୍ଭାବ୍ୟ ଯୁଦ୍ଧ ସମୟରେ ସାଧାରଣ ଜନତା କିଭଳି ସୁରକ୍ଷିତ ରହିବେ, ଧନଜୀବନ କିଭଳି ନଷ୍ଟ ନହେବ ଏବଂ ଏହାର ପରବର୍ତ୍ତୀ ସମୟରେ କିଭଳି ଉଦ୍ଧାର ଓ ଚିକିତ୍ସା କରାଯିବ ଓ ଯଦି କୌଣସି ଆପ□କାଳୀନ ଅସୁବିଧା ହୁଏ ତେବେ ସେ ସମୟରେ କଣସବୁ କାର୍ଯ୍ୟପ୍ୟା ରହିବ ସେ ବିଷୟରେ ଜିଲ୍ଲାପାଳ ଆଲୋକପାତ କରିଥିଲେ। ଅପରାହ୍ନ ୪ଟା ରେ ସାଇରନ ୫ ମିନିଟ ପାଇଁ ବାଜିବ। ସାଇରନ ଶବ୍ଦ ଶୁଣିବା ମାତ୍ରେ ବାହାରେ ଥିବା ପ୍ରତ୍ୟେକ ନାଗରିକ ସୁରକ୍ଷିତ ଛାତ ଘର,କୋଠା, ବିଲ୍ଡିଂ ଇତ୍ୟାଦି ମଧ୍ୟ କୁ ପ୍ରବେଶ କରି ସୁରକ୍ଷିତ ରହିବେ। ସେମାନଙ୍କୁ ସୁରକ୍ଷାକର୍ମୀ ଓ ସ୍ୱେଚ୍ଛାସେବୀ ମାନେ ସହଯୋଗ କରିବେ। ସିଭିଲ ଡିଫେନ୍ସ ର କର୍ମକର୍ତ୍ତା ମାନେ ଏଥିରେ ସହଯୋଗ କରିବେ । ଆକ୍ରମଣ ଶେଷ ହେବାର ସୂଚନା ଭାବେ ପୁନଶ୍ଚ ସାଇରନ ବାଜିଲେ ନାଗରିକ ମାନେ ପୂର୍ବବତ ସ୍ୱାଭାବିକ କାର୍ଯ୍ୟ କରି ପାରିବେ। ଏହି ମକ ଡ୍ରିଲ ସମୟରେ ଅଭ୍ୟାସ ପାଇଁ ଆହତ ହୋଇ ଥିବା ଲୋକ ଙ୍କୁ ଉଦ୍ଧାର ଓ ଚିକିତ୍ସା ପାଇଁ ଆମ୍ବୁଲାନ୍ସ ମଧ ପ୍ରସ୍ତୁତ ହୋଇ ରହିଥିବ। ଏ ସବୁ ମକ ଡ୍ରିଲ ବା ଛାୟା ଯୁଦ୍ଧ ର ଅଭ୍ୟାସ କାର୍ଯ୍ୟକ୍ରମ ହୋଇ ଥିବାରୁ ସାଧାରଣ ଜନତା ଆଦୌ ଭୟଭୀତ ନ ହେବାକୁ ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି। ଗୁଜବରେ ବିଶ୍ୱାସ କରିବା ନାହିଁ କିମ୍ବା ପ୍ରସାର କରିବା ନାହିଁ ବୋଲି ଜିଲ୍ଲାପାଳ ଅନୁରୋଧ କରିଛନ୍ତି ।ଏହି ମକ ଡ୍ରିଲ ସମ୍ପର୍କରେ ଆବଶ୍ୟକୀୟ ସତର୍କ ସୂଚନା ଏଂ ସଚେତନତା ବାର୍ତ୍ତା ସ୍ୱଚ୍ଛ ସାଥୀ, ଅଙ୍ଗନୱାଡି କର୍ମୀ, ୱାର୍ଡ ଅଫିସର ଆଦି ମାନଙ୍କ ଦ୍ୱାରା ପ୍ରଭାବିତ ହେବାକୁ ଥିବା ଅଞ୍ଚଳ ରେ ପ୍ରଚାର କରାଇବାକୁ ଜିଲ୍ଲାପାଳ ଅତିରିକ୍ତ ଜିଲ୍ଲାପାଳ ପାରାଦ୍ୱୀପ ଓ ପୌର ନିର୍ବାହୀ ଅଧିକାରୀ ଙ୍କୁ ପରମର୍ଶ ଦେଇଛନ୍ତି। ଜିଲ୍ଲା ରେ କେବଳ ଯୁଦ୍ଧ ପରି ନୁହେଁ ବରଂ ଆବଶ୍ୟକ ପଡିଲେ ଯୁଦ୍ଧ ର ସମସ୍ତ ପ୍ରକାର ପ୍ରସ୍ତୁତି ନିମନ୍ତେ ଜିଲ୍ଲାପାଳ ସମସ୍ତ ଶିଳ୍ପ ସଂସ୍ଥା ର ବିଭାଗୀୟ ମୁଖ୍ୟ, ପ୍ରଶାସନିକ ଅଧିକାରୀ ମାନଙ୍କୁ ଉପଦେଶ ଦେଇଥିଲେ ।ଏହିପରି ସ୍ଥିତି ରେ ଛୋଟ ପିଲା, ଗର୍ଭବତୀ ମହିଳା, ବୟସ୍କ ବ୍ୟକ୍ତି, ମାନଙ୍କୁ ଅଗ୍ରାଧିକାର ଭିତ୍ତି ରେ ଉଦ୍ଧାର କରିବା ପାଇଁ ସେ ପରାମର୍ଶ ଦେବା ସହ ଯୁବପିଢୀ ଙ୍କୁ ମଧ ସ୍ୱତଃ ସ୍ଫୁର୍ତ୍ତ ଭାବେ ଏହି ଉଦ୍ଧାର କାର୍ଯ୍ୟ ରେ ଭାଗ ନେବାପାଇଁ ଜିଲ୍ଲାପାଳ ଆହ୍ୱାନ ଦେଇଥିଲେ ।ଏହି ବୈଠକରେ ଉପସ୍ଥିତ ରହି ପାରାଦ୍ୱୀପ ବନ୍ଦର କର୍ତ୍ତୃପକ୍ଷ ର ଉପାଧ୍ୟକ୍ଷ ଶ୍ରୀ ନୀଳାଭ୍ର ଦାସ ଗୁପ୍ତ କହିଲେ ଯେ ଭୟଭୀତ ନ ହୋଇ ସତର୍କ ତଥା ସଜାଗ ରହିଲେ ସମସ୍ତ ବିପତ୍ତି କୁ ଏଡ଼ାଇ ପାରିବ ।ଜଗତସିଂହପୁର ଜିଲ୍ଲା ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ରେ ଅଗ୍ରଣୀ ଭୂମିକା ଗ୍ରହଣ କରିଛି। ତେଣୁ ସମ୍ଭାବ୍ୟ ଯୁଦ୍ଧ ପରି ଏକ ଅଭାବନୀୟ ପରିସ୍ଥିତି କୁ ମଧ ଆବଶ୍ୟକ ସ୍ଥଳେ ମୁକାବିଲା କରିବା ପାଇଁ ସମସ୍ତ ସାଧ ଅତ୍ୟାବଶ୍ୟକ ସାମଗ୍ରୀ ଓ ସଚେତନ ଜନ ସାଧାରଣ ଙ୍କ ସହଯୋଗ ଆବଶ୍ୟକ ।ଏସ ପି ଶ୍ରୀ ଭବାନୀ ଶଙ୍କର ଉଦ୍ଗାତା ମଧ୍ୟ ଭୟଭୀତ ନ ହୋଇ ସତର୍କ ରହିବାକୁ ଜନ ସାଧାରଣ ଙ୍କୁ ଅନୁରୋଧ କରିଥଲେ। ଏହି ଜରୁରୀ କାଳୀନ ବୈଠକ ରେ ଅନ୍ୟ ମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ସମ୍ବିତ କୁମାର ରାଉତ, ଅତିରିକ୍ତ ଜିଲ୍ଲାପାଳ ପାରାଦ୍ୱୀପ । ନିରଞ୍ଜନ ବେହେରା, ଆଇ ଆର ଟି ଏସ ର ଆସିଷ୍ଟାଣ୍ଟ ରିଜିଓନାଲ ମ୍ୟାନେଜର ଅର୍ଘ୍ୟ ପଟ୍ଟନାୟକ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ, ପାରାଦ୍ୱୀପ ।1 ସ୍ମୃତି ରଞ୍ଜନ କର, ପାରାଦ୍ୱୀପ ପୌର ପରିଷଦ ଅଧକ୍ଷ ଶ୍ରୀ ବସନ୍ତ କୁମାର ବିଶ୍ୱାଳ, ପୌର ନିର୍ବାହୀ ଅଧିକାରୀ । ଅଭିଷେକ ପଣ୍ଡା, ତହସିଲଦାର କୁଜଙ୍ଗ ।1 ସ୍ୱରୂପ ନନ୍ଦନ ବେହେରା,ଡେପୁଟି କଲେକ୍ଟର ଜରୁରୀ ବିଭାଗ ଅନିଶା ଦାସ,ଆଇ ଓ ସି ଏଲ୍, ପି ପି ଏଲ, ଇଫ୍କୋ, ଜେ ଏସ ଡବ୍ଲୁର ମୁଖ୍ୟ, ସମସ୍ତ ବିଭାଗୀୟ ଅଧିକାରୀ,କୋଷ୍ଟ ଗାର୍ଡ, ସିଭିଲ ଡିଫେନ୍ସ, ଅନ୍ୟାନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀ ଓ ସୁରକ୍ଷା ଅଧିକାରୀ ମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ପାହାଡରୁ ଖସିଲା ବସ୍, ୧୨ ମୃତ

ନୂଆଦିଲ୍ଲୀ : ଇଣ୍ଡୋନେସିଆର ପଶ୍ଚିମ ସୁମାତ୍ରା ପ୍ରାନ୍ତରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା । ପାହାଡ ଉପରୁ ଖସିପଡିଲା ଯାତ୍ରୀବାହୀ ବସ୍ । ଦୁର୍ଘଟଣାରେ ଅତିକମରେ ୧୨ ଯାତ୍ରୀଙ୍କ ଜୀବନ ଚାଲିଯାଇଥିବା ବେଳେ ଅନେକ ଆହତ ହୋଇଛନ୍ତି। ବସରେ ଅତିକମରେ ୩୪ ଜଣ ଯାତ୍ରୀ ଥିବା ଅନୁମାନ କରାଯାଉଛି । ପୋଲିସ ଦୁର୍ଘଟଣା ବିଷୟରେ ସୂଚନା ଦେଇଛି । ଖବର ମୁତାବକ, ଯାତ୍ରୀଙ୍କୁ ନେଇ ବସ୍ ଉତ୍ତର ସୁମାତ୍ରା ପ୍ରାନ୍ତରୁ ଇଣ୍ଡୋନେସିଆ ରାଜଧାନୀ ଜାକାର୍ତ୍ତା ଯାଉଥିଲା । ଏହି ସମୟରେ ପଶ୍ଚିମ ସୁମାତ୍ରା ପଡାଙ୍ଗ ସହର ବସ୍ ଟର୍ମିନାଲ ନିକଟରେ ବସ୍ ବ୍ରେକ ଫେଲ ହେବାରୁ ବସଟି ପାହାଡ ତଳକୁ ଖସିପଡିଥିବା ଜଣାପଡିଛି । ଘଟଣା ସ୍ଥଳରେ ପୋଲିସ ପହଞ୍ଚି ଦୁର୍ଘଟଣାର କାରଣ ଯାଞ୍ଚ କରୁଛି । ତେବେ ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ଅନୁଯାୟୀ, ବସ୍ ବ୍ରେକ ଖରାପ ହେବା କାରଣରୁ ପାହାଡ ରାସ୍ତାରେ ଗାଡ଼ି ଚାଳକ ନିୟନ୍ତ୍ରଣ ହରାଇଥିଲେ। ତେଣୁ ବସଟି ଖାଇକୁ ଖସି ପଡିଥିଲା । ବସରେ ଥିବା ୨୩ ଜଣ ଆହତଙ୍କୁ ସ୍ଥାନୀୟ ହସପିଟାଲରେ ଭର୍ତ୍ତି କରାଯାଇଛି । ଏମାନଙ୍କ ମଧ୍ୟରୁ ୧୩ ଜଣଙ୍କ ଅବସ୍ଥା ଗୁରୁତର ରହିଛି । ବସ୍ ଡ୍ରାଇଭର ସହିତ ଅନେକ ଗୁରୁତର ରହିଛନ୍ତି ।

## ତେଲଙ୍ଗାନାରେ ଭୂକମ୍ପ ଝଟକା

ନୂଆଦିଲ୍ଲୀ : ତେଲଙ୍ଗାନାର କୋମାରାମ ଭୀମ ଆସିଫାବାଦ ଜିଲ୍ଲାରେ ୩.୮ ତୀବ୍ରତା ଭୂକମ୍ପ ଝଟକା ଅନୁଭୂତ । ଏହା ସହିତ କରିମନଗର, ସିରିସିଲା, ନିଜାମାବାଦ, ନିର୍ମଲ, ପେଡାପାଲ୍ଲୀ, ନିର୍ମଲ ଏବଂ ସିଦ୍ଧଦୀପ ଜିଲ୍ଲାରେ ଭୂକମ୍ପ ଝଟକା । ତେବେ ଭୂକମ୍ପ ଜନିତ କ୍ଷୟକ୍ଷତି କିଛି ହୋଇନାହିଁ । କିଛି ସେକେଣ୍ଡ ପାଇଁ ଲୋକ ହାଲକା ଝଟକା ଅନୁଭୂତ କରିଥିଲେ । ତେବେ ଭୂକମ୍ପ ପର ପ୍ରବଳ ବର୍ଷା ପବନ ମଧ୍ୟ ହୋଇଥିଲା ।

ଏନସିଏସ ଅନୁଯାୟୀ, ସୋମବାର ସନ୍ଧ୍ୟା ୬.୫୦ ରେ ଭୂମିକମ୍ପ ହୋଇଥିଲା। ଭୂମିକମ୍ପର କେନ୍ଦ୍ରସ୍ଥଳ ଥିଲା ଅକ୍ଷାଂଶ: ୧୯.୨୧ ଉତ୍ତର, ଦ୍ରାଘିମା: ୭୯.୪୧ ପୂର୍ବ । ଏହାର ଗଭୀରତା ଭୂମି ଭିତରେ ୧୦ କିଲୋମିଟର ଥିଲା । ଏହି ଭୂକମ୍ପରେ ଗଙ୍ଗାଧର, ଚୋପପାଣ୍ଡି, ରାମଡୁଗୁ ଏବଂ କରିମନଗର ଜିଲ୍ଲାର ଅନ୍ୟାନ୍ୟ ମଣ୍ଡଳରେ ୩ରୁ ୪ ସେକେଣ୍ଡ ପର୍ଯ୍ୟନ୍ତ ଥରିଥିଲା । ଭୂମିକମ୍ପ ଯୋଗୁଁ କୌଣସି ସମ୍ପତ୍ତି କ୍ଷୟକ୍ଷତି କିମ୍ବା ଆହତ ହେବାର କୌଣସି ଖବର ନାହିଁ । ସୂଚନାଯୋଗ୍ୟ, ପାକିସ୍ତାନର ଅନେକ ସହରରେ ଏପ୍ରିଲ ୫ ତାରିଖ ସୋମବାର ଦିନ ଭୂମିକମ୍ପ ଝଟକା ଅନୁଭୂତ ହୋଇଥିଲା। ମଧ୍ୟ ପାକିସ୍ତାନରେ ୪.୨ ତୀବ୍ରତା ଭୂକମ୍ପ ଝଟକା ଅନୁଭୂତ ହୋଇଥିଲା । ଭୂକମ୍ପ ଝଟକା ଅପରାହ୍ନ ୪ଟା ୫ ମିନିଟରେ ଆସିଥିଲା । ଭୂକମ୍ପ ଝଟକା ଭୟଭୀତ ହୋଇ ଲୋକ ଘରୁ ବାହାରି ଚାଲିଆସିଥିଲେ । ଭୂମିକମ୍ପର କେନ୍ଦ୍ରସ୍ଥଳ ୧୦ କିଲୋମିଟର ଗଭୀରତାରେ ଥିଲା ।

## କାର୍-ବାଇକ ଧକ୍କା, ୬ ମୃତ

ନୂଆଦିଲ୍ଲୀ : ଉତ୍ତରପ୍ରଦେଶର ଶାହଜହାଁପୁରରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା। ଥାନା ବଦନାପୁର ଅଞ୍ଚଳରେ ମର୍ମନ୍ତୁଦ ଦୁର୍ଘଟଣାରେ ୬ ଜଣଙ୍କ ଜୀବନ ଚାଲିଯାଇଥିବା ବେଳେ ଜଣେ ଗୁରୁତର ଆହତ ହୋଇଛନ୍ତି । ଦୁର୍ଘଟଣା ଏକ ଇକୋ କାର ଏବଂ ବାଇକ୍ ମଧ୍ୟରେ ହୋଇଥିଲା । ବାଇକରେ ୪ ଜଣ ବସିଥିଲେ । ଫଳରେ ଅନିୟନ୍ତ୍ରିତ ହୋଇ ଇକୋ କାରକୁ ଧକ୍କା ଦେଇଥିଲା । ଦୁର୍ଘଟଣାରେ ବାଇକରେ ଥିବା ୪ ଜଣଙ୍କର ଜୀବନ ଚାଲିଯାଇଥିଲା । ସେହିଭଳି ଇକୋରେ ଥିବା ୨ ଜଣଙ୍କ ଜୀବନ ମଧ୍ୟ ଚାଲିଯାଇଛି । ଆହତ ବ୍ୟକ୍ତିଙ୍କୁ ଚିକିତ୍ସା ପାଇଁ ମେଡିକାଲ କଲେଜରେ ଭର୍ତ୍ତି କରାଯାଇଛି । ପୋଲିସ ଘଟଣା ସ୍ଥଳରେ ପହଞ୍ଚି ମାମଲାର ଯାଞ୍ଚ ଆରମ୍ଭ କରିଛି । ମୃତଦେହକୁ ପୋଷ୍ଟମର୍ଟମ ପାଇଁ ପଠାଯାଇଛି ।

ଏହି ମାମଲାରେ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ସଜ୍ଞାନ ନେଇ ମୃତକଙ୍କ ପାଇଁ ଶୋକ ପ୍ରକାଶ କରିଥିବା ବେଳେ ପରିବାର ଲୋକଙ୍କ ପ୍ରତି ସମବେଦନା ଜଣାଇଛନ୍ତି । ମୁଖ୍ୟମନ୍ତ୍ରୀ ଆହତଙ୍କୁ ଉଚିତ ଚିକିତ୍ସା ପାଇଁ ଜିଲ୍ଲା ପ୍ରଶାସନ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏହାସହିତ ଆହତଙ୍କୁ ଶୀଘ୍ର ସୁସ୍ଥ କାମନା କରିଛନ୍ତି । ସୂଚନାଯୋଗ୍ୟ, କଟିହାରର କୁର୍ସେଲା ଥାନା ଅଞ୍ଚଳ ଅନ୍ତର୍ଗତ କୋଶକିପୁରକୁ ଯାଉଥିଲା ବରଯାତ୍ରୀ ଗାଡି । ଚାନ୍ଦପୁର ଛକ ନିକଟରେ ଏକ ମକା ଗଦା ଦେଖି, ଡ୍ରାଇଭର ନିୟନ୍ତ୍ରଣ ହରାଇଥିଲେ । ଚାନ୍ଦପୁର ନିକଟସ୍ଥ ହନୁମାନ ମନ୍ଦିର ନିକଟରେ ଛିଡା ହୋଇଥିବା ଏକ ଟ୍ରାକ୍ଟର ସହିତ ସ୍କର୍ପିଓ ଧକ୍କା ହେବା ପରେ ଭୟଙ୍କର ଦୁର୍ଘଟଣା ଘଟିଥିଲା । ଭୟଙ୍କର ଦୁର୍ଘଟଣାରେ ୮ ଜଣଙ୍କର ଘଟଣାସ୍ଥଳରେ ହିଁ ମୃତ୍ୟୁ ହୋଇଥିଲା । ରାସ୍ତାରେ ମକା ଗଦା ଥିଲା। ସ୍କର୍ପିଓଟି ନିୟନ୍ତ୍ରଣ ହରାଇ ମାଡିଯାଇଥିଲା । ସ୍କର୍ପିଓରେ ଡ୍ରାଇଭର ସମେତ ମୋଟ ୧୦ ଜଣ ଥିଲେ ।

## ସୀମାରେ ହାଇଆଲର୍ଟ

ନୂଆଦିଲ୍ଲୀ : ଭାରତୀୟ ବାୟୁସେନା ଆସନ୍ତକାଲି ପାକିସ୍ତାନ ସହ ମୁହାଁମୁହିଁ ହେବାକୁ ଯାଉଛି। ଏହି ସମରଭ୍ୟାସ ମେ ୭ ଓ ୮ ତାରିଖରେ ଅନୁଷ୍ଠିତ ହେବ ବୋଲି ବାୟୁସେନା ପକ୍ଷରୁ ନୋଟାମ (ନୋଟିସ ଟୁ ଏୟାରମେନ) ଜାରି କରାଯାଇଛି। ଏହି ଅଞ୍ଚଳ ଉପରେ ସମସ୍ତ ବେସାମରିକ ଉଡ଼ାଣ ଉପରେ କଟକଣା ଜାରି କରାଯାଇଛି। ଏହି ଯୁଦ୍ଧାଭ୍ୟାସରେ ରାଫେଲ, ମିରାଜ ୨୦୦୦ ଏବଂ ସୁଖୋଇ-୩୦ ଭଳି ଅତ୍ୟାଧୁନିକ ଯୁଦ୍ଧବିମାନ ଅଂଶଗ୍ରହଣ କରିବେ ବୋଲି ବାୟୁସେନା ଅଧିକାରୀମାନେ ସୂଚନା ଦେଇଛନ୍ତି। ଏପ୍ରିଲ ୨୨ ତାରିଖରେ ଜମ୍ମୁ ଓ କାଶ୍ମୀରର ପାହାଲଗାମରେ ହୋଇଥିବା ଆତଙ୍କବାଦୀ ଆକ୍ରମଣ ପରେ ଭାରତ ଓ ପାକିସ୍ତାନ ମଧ୍ୟରେ ବୃଦ୍ଧି ପାଇଥିବା ଉତ୍ତେଜନା ମଧ୍ୟରେ ଆୟୋଜିତ ହେଉଛି। ଉକ୍ତ ଆକ୍ରମଣରେ ୨୬ ଜଣ ପର୍ଯ୍ୟଟକଙ୍କ ସମେତ ଜଣେ ସ୍ଥାନୀୟ ବ୍ୟକ୍ତି ପ୍ରାଣ ହରାଇଥିଲେ। ଏହାକୁ ନେଇ ଭାରତ ସରକାରଙ୍କ ପକ୍ଷରୁ କଡ଼ା ଜବାବୀ କାର୍ଯ୍ୟାନୁଷ୍ଠାନର ସମ୍ଭାବନା ଉପରେ ଚର୍ଚ୍ଚା ଚାଲିଛି ।



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଙ୍ଗଳବାର ଦିନ ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲଙ୍କ ସହ ଏକ ବୈଠକରେ ମିଳିତ ହୋଇଥିଲେ, ଯେଉଁଥିରେ ଏହି ଆତଙ୍କବାଦୀ ଆକ୍ରମଣର ପ୍ରତିକ୍ରିୟା ସମ୍ପର୍କରେ ଆଲୋଚନା ହୋଇଥିବା ଜଣାପଡ଼ିଛି। ଏହା ସହିତ କେନ୍ଦ୍ର ଗୃହ ମନ୍ତ୍ରଣାଳୟ ପକ୍ଷରୁ ମେ ୭ ତାରିଖରେ ସମଗ୍ର ଦେଶରେ ୨୪୪ଟି ସିଭିଲ ଡିଫେନ୍ସ ଜିଲ୍ଲାରେ ସୁରକ୍ଷା ଆୟୋଜନ ପାଇଁ ନିର୍ଦ୍ଦେଶ ଜାରି କରାଯାଇଛି। ଏହି ମହଡ଼ରେ ନାଗରିକ ଓ ଛାତ୍ରଛାତ୍ରୀଙ୍କୁ ଶତ୍ରୁତାପୂର୍ଣ୍ଣ ଆକ୍ରମଣ ସମୟରେ ସୁରକ୍ଷା ପାଇଁ ତାଲିମ ଦିଆଯିବ।

ଏକାଧିକ ଅନ୍ତର୍ଜାତୀୟ ସଂସ୍ଥା ଓ ନେତା ଉଭୟ ଦେଶକୁ ସଂଯମ ଅବଲମ୍ବନ କରିବାକୁ ଅନୁରୋଧ କରିଛନ୍ତି। ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରେସ ମଧ୍ୟ ଏକ ବିବୃତିରେ କହିଛନ୍ତି ଯେ, ଏକ ସଂଘର୍ଷ ଏଡ଼ାଇବା ନିହାତି ଆବଶ୍ୟକ ଯାହା ଦୁର୍ଭାଗ୍ୟଜନକ ପରିଣାମ ଆଣିପାରେ।

# ସଡ଼କ ଦୁର୍ଘଟଣା ପୀଡ଼ିତଙ୍କୁ ମିଳିବ ତୁରନ୍ତ ମାଗଣା ଚିକିତ୍ସା

ନୂଆଦିଲ୍ଲୀ : ଦିନକୁ ଦିନ ବଢ଼ିବାରେ ଲାଗିଛି ସଡ଼କ ଦୁର୍ଘଟଣା । ପ୍ରତିବର୍ଷ ଅନେକ ଲୋକ ଦୁର୍ଘଟଣାର ଶିକାର ହୋଇ ମୃତ୍ୟୁବରଣ କରୁଛନ୍ତି । ତେବେ ବର୍ତ୍ତମାନ ଏନେଇ ସରକାର ଏକ ବଢିଆ ପଦକ୍ଷେପ ନେଇଛନ୍ତି । ସାରା ଦେଶରେ ପାଳନ ହେଉଛି ଜାତୀୟ ସୁରକ୍ଷା ମାସ । ଏହାରି ମଧ୍ୟରେ ବଡ଼ ଘୋଷଣା କରିଛନ୍ତି ସଡ଼କ ଓ ପରିବହନ ମନ୍ତ୍ରୀ ନୀତିନ ଗଡ଼କରୀ । ଏଣିକି ସଡ଼କ ଦୁର୍ଘଟଣାରେ ଆହତ ହୋଇଥିବା ଲୋକମାନଙ୍କୁ ମିଳିବ ମାଗଣା ଚିକିତ୍ସା । କେନ୍ଦ୍ର ସରକାର ସଡ଼କ ଦୁର୍ଘଟଣାରେ ଆହତ ହୋଇଥିବା ଲୋକ ଏବଂ ସେମାନଙ୍କ ପରିବାର ପାଇଁ ଏକ ବଡ଼ ସହାୟତା ଘୋଷଣା କରିଛନ୍ତି । କେନ୍ଦ୍ର



ସରକାର ମଙ୍ଗଳବାର ଦିନ ଏକ ବିଜ୍ଞପ୍ତି ଜାରି କରି ସାରା ଦେଶରେ ସଡ଼କ ଦୁର୍ଘଟଣା ପୀଡିତଙ୍କ ପାଇଁ ଏକ କ୍ୟାସଲେସ୍ ଚିକିତ୍ସା ଯୋଜନା ଘୋଷଣା କରିଛନ୍ତି । ସଡ଼କ ପରିବହନ ମନ୍ତ୍ରଣାଳୟର ଏକ ଗେଜେଟ୍ ବିଜ୍ଞପ୍ତି ଅନୁଯାୟୀ, ଏହି ଯୋଜନା ଅଧୀନରେ, ପୀଡିତ ବ୍ୟକ୍ତି ଦୁର୍ଘଟଣା ତାରିଖରୁ ସାତ ଦିନ ପାଇଁ ଯେକୌଣସି ସ୍ୱୀକୃତିପ୍ରାପ୍ତ ହସ୍ପିଟାଲରେ ସର୍ବାଧିକ ୧.୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ କ୍ୟାସଲେସ୍ ଚିକିତ୍ସା ପାଇପାରିବେ । ଏହି ଯୋଜନା ୫ ମଇ ୨୦୨୫ ଅର୍ଥାତ ଗତକାଲି ଠାରୁ କାର୍ଯ୍ୟକାରୀ ହୋଇଛି । କେନ୍ଦ୍ର ସରକାରଙ୍କ ବିଜ୍ଞପ୍ତି ଅନୁଯାୟୀ, "ଯେକୌଣସି ରାସ୍ତାରେ ମୋଟର ଯାନ ଦ୍ୱାରା ହୋଇଥିବା ସଡ଼କ ଦୁର୍ଘଟଣାର ଶିକାର ହୋଇଥିବା ଯେକୌଣସି ବ୍ୟକ୍ତି ଏହି ଯୋଜନାର ବ୍ୟବସ୍ଥା ଅନୁଯାୟୀ କ୍ୟାସଲେସ୍ ଚିକିତ୍ସା ପାଇବାକୁ ହକଦାର ହେବେ ।" ଆପଣଙ୍କୁ କ ?ହିରଖୁଛୁ ଯେ ଚଳିତ ବର୍ଷ ଜାନୁଆରୀ ମାସରେ କେନ୍ଦ୍ର ପରିବହନ ମନ୍ତ୍ରୀ ନୀତିନ ଗଡକରୀ ଭାରତରେ ବଢୁଥିବା ସଡ଼କ ଦୁର୍ଘଟଣା ଉପରେ ଚିନ୍ତା ପ୍ରକାଶ କରି ଘୋଷଣା କରିଥିଲେ ଯେ ସରକାର ଖୁବ୍ ଶୀଘ୍ର ସଡ଼କ ଦୁର୍ଘଟଣା ପୀଡିତଙ୍କ ପାଇଁ ଏପରି ଏକ ଯୋଜନା ଆଣିବାକୁ ବିଚାର କରୁଛନ୍ତି । ଏକ ରିପୋର୍ଟ ଅନୁଯାୟୀ, ଏହି ଯୋଜନାକୁ କାର୍ଯ୍ୟକାରୀ କରିବା ପାଇଁ ଜାତୀୟ ସ୍ୱାସ୍ଥ୍ୟ ପ୍ରାଧିକରଣ (ଘଐଇ) ରାଜ୍ୟ ପୋଲିସ, ହସ୍ପିଟାଲ ଏବଂ ରାଜ୍ୟ ସ୍ୱାସ୍ଥ୍ୟ ସଂସ୍ଥା ସହିତ ମିଳିତ ଭାବରେ କାର୍ଯ୍ୟ କରିବ । ଆପଣଙ୍କୁ କହିରଖୁଛୁ ଯେ ପ୍ରତିବର୍ଷ ଭାରତରେ ପ୍ରାୟ ୫ ଲକ୍ଷ ଲୋକ ସଡ଼କ ଦୁର୍ଘଟଣାରେ ମୃତ୍ୟୁବରଣ କରନ୍ତି । ଯେତେବେଳେ ପ୍ରାୟ ୪ ଲକ୍ଷ ଲୋକ ଗୁରୁତର ଆହତ ହୁଅନ୍ତି । ଏକ ରିପୋର୍ଟ ଅନୁଯାୟୀ, ସବୁଠାରୁ ଅଧିକ ପ୍ରଭାବିତ ହେଉଛନ୍ତି ଦୁଇଚକିଆ ଯାନ ଚାଳକ ଏବଂ ପଦଯାତ୍ରୀ । ଯାହାକୁ ଦୃଷ୍ଟିରେ ରଖି ସରକାର ଏଭଳି ପଦକ୍ଷେପ ଗ୍ରହଣ କରିଛନ୍ତି ।

# ଜୁଲାଇ ୩ରୁ ଅମରନାଥ ଯାତ୍ରା ଆରମ୍ଭ

ନୂଆଦିଲ୍ଲୀ : ଅମରନାଥ ଯାତ୍ରା ଆରମ୍ଭ ହେବାକୁ ଆଉ ୨ ମାସ ବାକି ରହିଛି । କିନ୍ତୁ ଏହା ପୂର୍ବରୁ ଅମରନାଥ ଶିବଲିଙ୍ଗର ପ୍ରଥମ ଫଟୋ ସାମ୍ନାକୁ ଆସିଛି । ଚଳିତବର୍ଷର ପ୍ରଥମ ଫଟୋ ସାମ୍ନାକୁ ଆସିଛି । ଏଥିରେ ବରଫରେ ନିର୍ମିତ ସ୍ୱୟମ୍ଭୁ ଶିବଲିଙ୍ଗର ଅଦ୍ଭୁତ ଏବଂ ଅଲୌକିକ ରୂପ ଦେଖିବାକୁ ମିଳିଛି । ଏହି ଶିବଲିଙ୍ଗ ପାଖାପାଖି ୭ ଫୁଟ ଉଚ୍ଚ ରହିଛି । କଶ୍ମୀରର ଅନନ୍ତନାଗ ଜିଲ୍ଲାରେ ସ୍ଥିତି ପବିତ୍ର ଅମରନାଥ ଗୁମ୍ଫାର ପ୍ରଥମ ଫଟୋ ସାମ୍ନାକୁ ଆସିଛି। ପ୍ରତିବର୍ଷ ଭଳି ଏଥର ମଧ୍ୟ ଶିବଲିଙ୍ଗର ନିର୍ମାଣ ପ୍ରାକୃତିକ ଭାବେ ବରଫରେ ହୋଇଛି । ଯାହାହ ଶିବଭକ୍ତଙ୍କ ପାଇଁ ଏକ ଚମତ୍କାର ଅନୁଭୂତି । ଚଳିତ ବର୍ଷ ଅମରନାଥ ଯାତ୍ରା ଜୁଲାଇ ୩ ତାରିଖରୁ ଆରମ୍ଭ ହେବ । ଏଥିପାଇଁ ସମସ୍ତ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି । ଯାତ୍ରା ପାଇଁ ରାସ୍ତାରୁ ବରଫ ସଫା କରିବା କାମ ଆରମ୍ଭ ହୋଇଛି । ବରଫ କାଟି ଟ୍ରାକକୁ ଯାତ୍ରୀଙ୍କ ଚାଲିବା ପାଇଁ ସୁବିଧା କରିବା କାମ ଆରମ୍ଭ ହୋଇଯାଇଛି ।



ପ୍ରବଳ ବରଫଭରା ରାସ୍ତା ହୋଇଥିବାରୁ ସଫା ପାଇଁ ମଧ୍ୟ ସମୟ ଲାଗୁଛି । ଗତକାଲି ଜମ୍ମୁ କଶ୍ମୀରର ଉପରାଜ୍ୟପାଳନ ମନୋଜ ସିହ୍ନା ଶ୍ରୀନଗରର ପନ୍ଥା ଛକରେ ଅମରନାଥ ଯାତ୍ରା ଟ୍ରାଞ୍ଜିଟ କ୍ୟାମ୍ପ ଯାଇ ଯାତ୍ରା ପାଇଁ ହେବାକୁ ଥିବା ପ୍ରସ୍ତୁତି ସମୀକ୍ଷା କରିଥିଲେ । ପହଲଗାମ ଆକ୍ରମଣ ପରେ ଅମରନାଥ ଯାତ୍ରା ପାଇଁ ଭକ୍ତମାନଙ୍କ ମଧ୍ୟରେ ଉତ୍ସାହରେ କିଛି ମଧ୍ୟ ଫରକ ପଡିନାହିଁ । ଏପର୍ଯ୍ୟନ୍ତ ୩ ଲକ୍ଷ ୬୦ ହଜାରରୁ ଅଧିକ ଲୋକ ଯାତ୍ରା ପାଇଁ ରେଜିଷ୍ଟ୍ରେସନ କରିସାରିଲେଣି । ଗତବର୍ଷ ତୁଳନାରେ ଚଳିତବର୍ଷ ଅନେକ ଗୁଣା ବରଫବୃଷ୍ଟ ହୋଇଛି । ଏଯାଏଁ ରାସ୍ତାରେ ୧୦ରୁ ୨୦ ଫୁଟ ଉଚ୍ଚତା ଯାଏଁ ବରଫ ରହିଛି । ପଞ୍ଚତରଣୀ ଏବଂ ଶେଷନାଗରେ ଅଧିକ ବରଫ ରହିଛି । ଚଳିତବର୍ଷ ଅମରନାଥ ଯାତ୍ରା ଜୁଲାଇ ୩ ତାରିଖରୁ ଆରମ୍ଭ ହୋଇ ୧୯ ଅଗଷ୍ଟ ରାକ୍ଷୀପୂର୍ଣ୍ଣିମାରେ ଶେଷ ହେବ ।

## ଏଲଓସି ନିକଟରୁ ପାକିସ୍ତାନୀ ନାଗରିକ ଗିରଫ

ନୂଆଦିଲ୍ଲୀ : ଜମ୍ମୁ କଶ୍ମୀର ପୁଞ୍ଚ ସେକ୍ଟରରେ ଏଲଓସି ନିକଟରେ ଜଣେ ପାକିସ୍ତାନୀ ନାଗରିକକୁ ଗିରଫ କରିଛି ସେନା । ପାକିସ୍ତାନୀଙ୍କୁ ପଚରାଉଚରା କରୁଛି ସେନା । ବିଏସଏଫ ଯବାନ ନାଗରିକକୁ ଅଟକ ରଖିଛନ୍ତି । କିଛିଦିନ ତଳେ ପଞ୍ଜାବ ନିକଟରେ ଜଣେ ଯବାନ ପାକିସ୍ତାନୀ ସୀମାକୁ ଭୁଲ୍‌ବଶତ ଚାଲିଯାଇଥିବା ବେଳେ ପାକିସ୍ତାନୀ ରେଞ୍ଜର୍ସ ତାଙ୍କୁ ଗିରଫ କରି ରଖିଛନ୍ତି । ପାକିସ୍ତାନ ଜମ୍ମୁ ଏବଂ କାଶ୍ମୀରର ନିୟନ୍ତ୍ରଣ ରେଖାରେ ଅସ୍ତ୍ରବିରତି ନିୟମ ଉଲ୍ଲଙ୍ଘନ କରୁଛି । ଗତକାଲି ରାତିରେ ପାକିସ୍ତାନ ନିୟନ୍ତ୍ରଣ ରେଖା ଆରପାରିରେ ଥିବା ପୋଷ୍ଟରୁ ଗୁଳି ଚଳାଇଥିଲା । ୫-୬ ମଇ ୨୦୨୫ ରାତିରେ, ପାକିସ୍ତାନୀ ସେନା ଜମ୍ମୁ-କଶ୍ମୀରର କୁପୱାଡା, ବାରାମୁଲ୍ଲା, ପୁଞ୍ଚ, ରାଜୌରୀ, ମେନ୍ଧାର, ନୌଶେରା, ସୁନ୍ଦରବାନି ଏବଂ ଅଖନୁର ଆଖପାଖ ଅଞ୍ଚଳରେ ନିୟନ୍ତ୍ରଣ ରେଖା ପାର ପୋଷ୍ଟରୁ ବିନା କାରଣରେ ଗୁଳିଚାଳନା କରିଥିଲା । ଭାରତୀୟ ସେନା ମଧ୍ୟ ପାକିସ୍ତାନୀ ସେନାକୁ ଉଚିତ ଜବାବ ଦେଇଥିଲା । ପୂର୍ବରୁ, ଜମ୍ମୁ-କାଶ୍ମୀରର ବଡଗାମ ଜିଲ୍ଲାରେ ଦୁଇ ଜଣ ଆତଙ୍କବାଦୀ ସହଯୋଗୀଙ୍କୁ ଅସ୍ତ୍ରଶସ୍ତ୍ର ଏବଂ ଗୁଳି ସହିତ ଗିରଫ କରାଯାଇଥିବା ଖବର ପ୍ରକାଶ ପାଇଥିଲା । ସୂଚନାଯୋଗ୍ୟ, ୨୨ ଏପ୍ରିଲରେ ପହଲଗାମରେ ହୋଇଥିବା ଆତଙ୍କବାଦୀ ଆକ୍ରମଣରେ ୨୬ ଜଣ ପ୍ରାଣ ହରାଇଥିଲେ । ଶ୍ରୀନଗର ଉପକଣ୍ଠରେ ଥିବା ବୁଚପୋରା ସହରରେ ଏକ ନାକା ଚେକିଂ ଅପରେସନ୍ ସମୟରେ ଆତଙ୍କବାଦୀ ସହଯୋଗୀମାନଙ୍କୁ ଗିରଫ କରାଯାଇଥିଲା । ସୁରକ୍ଷା ବାହିନୀ ତାଙ୍କ ନିକଟରୁ ଗୋଟିଏ ପିସ୍ତଲ, ଗୋଟିଏ ଗ୍ରେନେଡ ଏବଂ ୧୫ଟି ଜୀବନ୍ତ ଜବତ କରିଛି । ପହଲଗାମ ଆତଙ୍କବାଦୀ ଆକ୍ରମଣ ପରେ ଭାରତ ଆକ୍ୱନ ମୋଡରେ ରହିଛି । ଭାରତର ଏହି ମନୋଭାବ ଦେଖି ପାକିସ୍ତାନ ଭୟଭୀତ ହୋଇ ଏଲଓସିରେ ଲଗାତାର ଅସ୍ତ୍ରବିରତି ଉଲ୍ଲଂଘନ କରୁଛି । ପହଲଗାମ ଆତଙ୍କବାଦୀ ଆକ୍ରମଣକୁ ନେଇ ଦୁଇ ଦେଶ ମଧ୍ୟରେ ଟେନସନ୍ ବଢୁଥିବା ବେଳେ ଅଶାନ୍ତ ରହିଛି ଏଲଓସି ।

## ବାଜିବ ଯୁଦ୍ଧ ସାଇରନ୍

ନୂଆଦିଲ୍ଲୀ : ୧୯୭୧ ମସିହାରେ ଭାରତ-ପାକିସ୍ତାନ ଯୁଦ୍ଧ ପରେ ପ୍ରଥମ ଥର ପାଇଁ ଭାରତ ମେ ୭ ତାରିଖରେ ଏକ ଜାତୀୟ ସ୍ତରର ସିଭିଲ ଡିଫେନ୍ସ ମକ ଡ୍ରିଲ ଆୟୋଜନ କରୁଛି। ଏପ୍ରିଲ ୨୨ରେ ଜମ୍ମୁ ଓ କଶ୍ମୀରର ପହଲଗାମରେ ହୋଇଥିବା ଆତଙ୍କବାଦୀ ଆକ୍ରମଣ, ଯେଉଁଥିରେ ୨୬ ଜଣ ନିରୀହ ନାଗରିକ ପ୍ରାଣ ହରାଇଥିଲେ, ତା' ପରେ ଭାରତ ଓ ପାକିସ୍ତାନ ମଧ୍ୟରେ ଉତ୍ତେଜନା ବୃଦ୍ଧି ପାଇଛି। ଏହି ପରିପ୍ରେକ୍ଷୀରେ କେନ୍ଦ୍ର ଗୃହ ମନ୍ତ୍ରଣାଳୟ ଦେଶର ୨୪୪ଟି ସିଭିଲ ଡିଫେନ୍ସ ଜିଲାରେ ଓ ଓଡ଼ିଶାର ୧୨ଜିଲାରେ ଏହି ବିଶାଳ ସମରାଭ୍ୟାସ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହା ୧୯୭୧ ପରେ ପ୍ରଥମ। ୧୯୯୯ରେ କାରିଗଲ ଯୁଦ୍ଧ ସମୟରେ ମଧ୍ୟ ଏପରି କୌଣସି ବି ଅଭ୍ୟାସ ହୋଇ ନଥିଲା।

# ପହଲଗାମ ପ୍ରସଙ୍ଗରେ ଫେଲ୍ ପାକିସ୍ତାନ

ଚ ଜାତିସଂଘରେ ଫେଲ୍ ମାରିଲା ଡ୍ରାମା, ନିଜେ ବସାଇଥିବା ଜାଲରେ ନିଜେ ଫସିଲା ପାକିସ୍ତାନ । ସୁରକ୍ଷା ପରିଷଦର ରୁଦ୍ଧଦ୍ୱାର ବୈଠକରେ ହଟହଟା ହୋଇଛି ପଡ଼ୋଶୀ ଦେଶ। ପହଲଗାମ ଆକ୍ରମଣରେ ଲସ୍କର-ଇ-ତୋଇବାର ସମ୍ପୃକ୍ତି ନେଇ ପ୍ରଶ୍ନରେ ଶତ୍ରୁ ରାଷ୍ଟ୍ର ଘାଇଲା ହୋଇଛି । ବାରମ୍ବାର ପାକ୍ ନେତା ଦେଉଥିବା ପରମାଣୁ ଯୁଦ୍ଧର ଧମକକୁ ମଧ୍ୟ ଏହି ବୈଠକରେ ନାପସନ୍ଦ କରାଯାଇଛି । ଏଭଳି ମନ୍ତବ୍ୟ ଉସୁକାଇବା ଭଳି ପରିସ୍ଥିତି ସୃଷ୍ଟି କରୁଥିବାରୁ ପାକିସ୍ତାନକୁ କଡ଼ା ତାଗିଦ୍ କରିଛନ୍ତି ୟୁଏନଏସସି ସଦସ୍ୟ ରାଷ୍ଟ୍ର । ପହଲଗାମ ହମଲା ପରେ ଆକ୍ରମଣାତ୍ମକ ମୁଦ୍ରାରେ ଭାରତ । ବସୁଛି ଘନ ଘନ ବୈଠକ, ସୀମାରେ ସୈନବଳ ପକ୍ଷରୁ ଚାଲିଛି ସମରାଭ୍ୟାସ ।



ପାକିସ୍ତାନକୁ ଧୂଳି ଚଟାଇବାକୁ ବିଭିନ୍ନ ସ୍ତରରେ ପ୍ରସ୍ତୁତ ହେଉଛି ରଣନୀତି । ଦୁଇ ଦେଶ ମଧ୍ୟରେ ଉତ୍ତେଜନା ଶୀର୍ଷ ସ୍ତରରେ ପହଞ୍ଚିଛି, ଯାହାକୁ ନେଇ ଚିନ୍ତାପ୍ରକଟ କରିଛନ୍ତି ଜାତିସଂଘର ମହାସଚିବ ଆଣ୍ଟୋନିଓ ଗୁଟେରେସ। ସାମରିକ ମୁକାବିଲା ସ୍ଥିତି ଏଡାଇବା ସେ ଉଭୟ ଦେଶକୁ ଅପିଲ୍ କରିଛନ୍ତି। ପହଲଗାମ ପ୍ରସଙ୍ଗରେ ଭାରତ ପ୍ରତି ବିଶ୍ୱଦରବାରରେ ବଢୁଛି ସମର୍ଥନ । ଆମେରିକା, ରୁଷ, ବ୍ରିଟେନ୍, ଫ୍ରାନ୍ସ ସମେତ କେତେକ ମୁସଲିମ୍ ରାଷ୍ଟ୍ର ମଧ୍ୟ ଭାରତ ସମର୍ଥନରେ ବାହାରିଛନ୍ତି ସେପଟେ ଏକଘରିଆ ହୋଇ ଯୁଦ୍ଧ ଭୟରେ ଥରହର ହେଉଛି ପାକିସ୍ତାନ ।

## ଖାଇକୁ ଖସିଲା ବସ୍, ୪ ମୃତ

ନୂଆଦିଲ୍ଲୀ : ଜମ୍ମୁ କଶ୍ମୀରରେ ମର୍ମନ୍ତୁଦ ବସ୍ ଦୁର୍ଘଟଣା । ଦୁର୍ଘଟଣାରେ ୪ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୨୫ରୁ ଅଧିକ ଆହତ ହୋଇଛନ୍ତି । ଦୁର୍ଘଟଣା ପୁଞ୍ଚ ଜିଲ୍ଲା ଗନି ମେଣ୍ଡର ଅଞ୍ଚଳରେ ହୋଇଛି । ଦୁର୍ଘଟଣା ପରେ ସେନା ଯବାନ ଏବଂ ପୋଲିସ ପହଞ୍ଚି ଉଦ୍ଧାର କରିଥିଲା । ସମସ୍ତ ଆହତଙ୍କୁ ସ୍ଥାନୀୟ ହସପିଟାଲରେ ଭର୍ତ୍ତି କରାଯାଇଛି । ତେବେ ବସ୍ ଡ୍ରାଇଭର ନିୟନ୍ତ୍ରଣ ହରାଇବାରୁ ବସଟି ଖାଇକୁ ଖସିପଡିଛି । ଦୁର୍ଘଟଣା ପରେ ପୋଲିସ ମାମଲାର ଯାଞ୍ଚ କରୁଛି । ସୂଚନାଯୋଗ୍ୟ, ଦୁଇଦିନ ତଳେ ସେନାର ଏକ ଗାଡି ଜମ୍ମୁ କଶ୍ମୀର ରାମବନ ଜିଲ୍ଲାରେ ଦୁର୍ଘଟଣାର ଶିକାର ହୋଇଥିଲା । ଏଥିରେ ୩ ଜଣ ଯବାନଙ୍କ ଜୀବନ ଚାଲିଯାଇଥିଲା। ପୋଲିସ, ଏସଡିଆରଏଫ, ସେନା ଓ ସ୍ଥାନୀୟ ଲୋକେ ଉଦ୍ଧାର ଅଭିଯାନରେ ସାମିଲ ହୋଇଥିଲେ । ସେମାନଙ୍କୁ ଅମିତ କୁମାର, ସୁଜିତ କୁମାର ଓ ମନ ବାହାଦୂର ଭାବେ ଚିହ୍ନଟ କରାଯାଇଛି ।

# ପୃଥିବୀକୁ ମାଡ଼ିଆସୁଛି ଭୟଙ୍କର ଉପଗ୍ରହ !

ନୂଆଦିଲ୍ଲୀ : ୫୩ ବର୍ଷ ତଳର ଗୋଟିଏ ଉପଗ୍ରହ, ଏବେ ପୃଥିବୀ ପାଇଁ ବଡ଼ ବିପଦ ସାଜିଛି । ମହାକାଶରେ ଘୂରି ବୁଲୁଥିବା ଏହି ଉପଗ୍ରହ, ଯେକୌଣସି ମୁହୂର୍ତ୍ତରେ ପୃଥିବୀରେ ମାଡ଼ ହେବା ସହିତ ବଡ଼ ଧରଣର ବିସ୍ଫୋରଣ କରିପାରେ । କୁହାଯାଉଛି ମେ ୧୦ ତାରିଖ ବେଳକୁ ଏହି ଉପଗ୍ରହ ପୃଥିବୀର ବାୟୁମଣ୍ଡଳରେ ପ୍ରବେଶ କରିପାରେ। ଆଉ ପୃଥିବୀର ବାୟୁମଣ୍ଡଳରେ ଏହା ପଶିବା ମାତ୍ରେ ଏହା ଭୂଇଁ ଆଡ଼କୁ ଅତି ଜୋରରେ ଆସିବା ସହିତ ପୃଥିବୀ ପୃଷ୍ଠରେ ମାଡ଼ ହେଇପାରେ। ୫ ଶହ କିଲୋର ଓଜନ ବିଶିଷ୍ଟ ଏହି



ଉପଗ୍ରହକୁ ୧୯୭୨ ମସିହାରେ ସୋଭିଏତ୍ ୟୁନିୟନ୍ ଲଞ୍ଚ୍ କରିଥିଲା । ଯାହାକି ଶୁକ୍ର ଗ୍ରହରେ ଲ୍ୟାଣ୍ଡ କରିବା ନେଇ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା । ଶୁକ୍ର ଗ୍ରହରେ ଅଧିକ ଗରମ ସହିତ ବର୍ଷା ହେଉଥିବା କାରଣରୁ ଏହି ଉପଗ୍ରହକୁ ସବୁ ପରିସ୍ଥିତିକୁ ସହିବାକୁ ଡିଜାଇନ୍ କରାଯାଇଥିଲା । ହେଲେ ଟେକ୍ନିକାଲ ଭୁଲ ପାଇଁ ଏହି ଉପଗ୍ରହ ଶୁକ୍ର ଗ୍ରହରେ ଲ୍ୟାଣ୍ଡ ନ କରି ପୃଥିବୀର କକ୍ଷରେ ଫସିଯାଇଥିଲା ।

ସୋଭିଏତ୍ ୟୁନିୟନ୍ ଲଞ୍ଚ କରିଥିବା ଏହି ଉପଗ୍ରହର ମୁଖ୍ୟ ବଡିଟି, କିଛି ସମୟ ପରେ ଏହାଠୁ ଅଲଗା ହେଇଯାଇଥିଲା । ଯାହାପରେ କେବଳ ଲ୍ୟାଣ୍ଡରଟି ଦୀର୍ଘ ୫୦ ବର୍ଷରୁ ଅଧିକ ସମୟ ଧରି ପୃଥିବୀ ଚାରିପଟେ ବୁଲିଆସୁଥିଲା ହେଲେ ଏହି ସାମାନ୍ୟ ଉପଗ୍ରହଟି ପୃଥିବୀ ପାଇଁ ଏବେ ବଡ଼ ବିପଦ ସାଜିଛି । ନେଦରଲ୍ୟାଣ୍ଡର ଡିଫେଲ୍ଟ ଟେକ୍ନିକାଲ ୟୁନିଭର୍ସିଟିର ଜଣେ ଅଧ୍ୟାପକଙ୍କ କହିବା ଅନୁଯାୟୀ, ଏହି ଉପଗ୍ରହଟି କୌଣସି ବି ମୁହୂର୍ତ୍ତରେ ପୃଥିବୀ ଉପରେ ମାଡ଼ ହେଇପାରେ ।

କୁହାଯାଉଛି ଏହି ଉପଗ୍ରହଟି ପୃଥିବୀ ପୃଷ୍ଠରେ ମାଡ଼ ହେଲେ ଏସିଆ, ୟୁରୋପ କିମ୍ବା ଆମେରିକାର କୌଣସି ଅଞ୍ଚଳରେ ପଡିପାରେ । ଏହାସହ ପୃଥିବୀର ଅନେକ ଅଞ୍ଚଳରେ ମହାସାଗର ଥିବାରୁ ଏହି ମହାସାଗରରେ ମଧ୍ୟ ପଡିପାରେ । ହେଲେ ଯଦି ମହାସାଗର ବାଦ୍, ଏହା ପୃଥିବୀର ଭୂ-ପୃଷ୍ଠରେ ପଡ଼େ ତେବେ ବଡ଼ ଧରଣ ବିସ୍ଫୋରଣ ହେଇପାରେ ।

# ବଢ଼ିଲା କେକେଆର ଓ ଏଲଏସଜିର ଚିନ୍ତା

## ଗୋଟିଏ ମ୍ୟାଚ୍ ପରାଜୟ କରିପାରେ ଅଡୁଆ





ନୂଆଦିଲ୍ଲୀ,୬।୫: ଆଇପିଏଲ ୨୦୨୫ରେ ୫୫ଟି ମ୍ୟାଚ୍ ଖେଳାଯାଇଛି। କିନ୍ତୁ ଏପର୍ଯ୍ୟନ୍ତ ଗୋଟିଏ ବି ଦଳ ପ୍ଲେଅଫରେ ନିଜର ସ୍ଥାନ ସୁରକ୍ଷିତ କରିପାରିନାହାନ୍ତି। ସୋମବାର ବର୍ଷା ଯୋଗୁଁ ସନରାଇଜର୍ସ ହାଇଦ୍ରାବାଦ ବନାମ ଦିଲ୍ଲୀ କ୍ୟାପିଟାଲ୍ସ ମ୍ୟାଚ୍ ବାତିଲ ହେବା ପରେ ଶୀର୍ଷ ୪ରେ ପହଞ୍ଚିବା ପାଇଁ ଲଢ଼େଇ ଆହୁରି ରୋମାଞ୍ଚକର ହୋଇଯାଇଛି। ତେବେ ଏସବୁ ଭିତରେ କେକେଆର ଓ ଲକ୍ଷ୍ମୌ ସୁପରଜାଏଣ୍ଟସର ଟେନସନ୍ ମଧ ବଢ଼ିଯାଇଛି। କାରଣ ଏବେ ଗୋଟିଏ ପରାଜୟ ସେମାନଙ୍କୁ ପଛରେ ପକାଇପାରେ। କେକେଆର ୧୧ଟି ମ୍ୟାଚ୍ ରୁ ୫ଟିରେ ବିଜୟୀ ହୋଇଛି, ୧୧ ପଏଣ୍ଟ ପାଇଛି ଏବଂ ଟେବୁଲର ଷଷ୍ଠ ସ୍ଥାନରେ ଅଛି। ତାଙ୍କର ଏବେ ୩ଟି ମ୍ୟାଚ୍ ବାକି ଅଛି ଏବଂ ସେ ସମସ୍ତ ଜିତି ୧୭ ପଏଣ୍ଟ ପାଇପାରିବେ। କେକେଆର ପରି, ଲକ୍ଷ୍ମୌ ମଧ ୧୧ମ୍ୟାଚ୍ ରୁ ୫ଟିରେ ପରାସ୍ତ ହୋଇଛି, ଗତ ୩ଟି ମ୍ୟାଚ୍ ରେ ଏହା ଲଗାତାର ପରାଜୟ ବରଣ କରିଛି।

ଦଳ ୧୦ ପଏଣ୍ଟ ସହିତ ୭ମ ସ୍ଥାନରେ ଅଛି। କିନ୍ତୁ ଯଦି ଦିଲ୍ଲୀ ଶେଷ ମ୍ୟାଚ୍ ହାରିଯାଇଥାନ୍ତା, ତେବେ ଏହା ସେମାନଙ୍କ ପାଇଁ ଆଶ୍ୱସ୍ତି ହୋଇଥାନ୍ତା। ଅନ୍ୟପଟେ ଆରସିବି ଦଳ ୧୧ଟି ମ୍ୟାଚ୍ରୁ ୮ଟିରେ ବିଜୟୀ ହୋଇଛି ଏବଂ ୩ଟିରେ ହାରିଛି। ୧୬ ପଏଣ୍ଟ ସତ୍ତ୍ୱେ, ତାଙ୍କର ପ୍ଲେଅଫ୍ ଟିକେଟ୍ ନିଶ୍ଚିତ ହୋଇନାହିଁ ତଥାପି, ଏହା ପ୍ରାୟ ନିଶ୍ଚିତ କାରଣ ଏହି ପଏଣ୍ଟ ସହିତ ମଧ, ଅନ୍ୟ ଦଳର ଫଳାଫଳ ଆରସିବିକୁ ପ୍ଲେଅଫକୁ ନେଇପାରିବ।

ତଥାପି ଆରସିବି ପ୍ଲେଅଫ୍ ଅପେକ୍ଷା ଶ୍ରେଷ୍ଠ ୨ ରେ ରହିବା ଉପରେ ଅଧିକ ଧ୍ୟାନ ଦେବ। କାରଣ ଏମିତି ହେଲେ ଫାଇନାଲରେ ପହଞ୍ଚିବା ପାଇଁ ଦୁଇଟି ସୁଯୋଗ ପାଇବେ। ପଞ୍ଜାବ କିଙ୍ଗ୍ସ ୧୧ ମ୍ୟାଚ୍ ରୁ ୭ ବିଜୟ ସହିତ ଦ୍ୱିତୀୟ ସ୍ଥାନରେ ଅଛି, ସେମାନଙ୍କର ଗୋଟିଏ ମ୍ୟାଚ୍ ବାତିଲ ହୋଇଥିଲା। ତେଣୁ ଶ୍ରେୟସ ଆୟରଙ୍କ ଅଧିନାୟକତ୍ୱରେ ଏହି ଦଳର ୧୫ ପଏଣ୍ଟ ରହିଛି। ପ୍ଲେଅଫରେ ପହଞ୍ଚିବା ପାଇଁ ତାଙ୍କୁ ଆଉ ଗୋଟିଏ ମ୍ୟାଚ୍ ଜିତିବାକୁ ପଡିବ। ହାଇଦ୍ରାବାଦ ସହ ମ୍ୟାଚ୍ ବାତିଲ ହେବା ପରେ, ଦିଲ୍ଲୀ କ୍ୟାପିଟାଲ୍ସ ୧୩ ପଏଣ୍ଟ ସହିତ ପଏଣ୍ଟ ଟେବୁଲର ୫ମ ସ୍ଥାନରେ ରହିଛି। ଏହାର ଏପର୍ଯ୍ୟନ୍ତ ୩ଟି ମ୍ୟାଚ୍ ବାକି ଅଛି, ଯାହାକୁ ଜିତି ଦଳ ୧୯ପଏଣ୍ଟରେ ପହଞ୍ଚିପାରିବ। ଦିଲ୍ଲୀକୁ ପରବର୍ତ୍ତୀ ୩ଟି ମ୍ୟାଚ୍ ମଧ୍ୟରୁ ଅତି କମରେ ୨ଟି ମ୍ୟାଚ୍ ଜିତିବାକୁ ପଡିବ। କିନ୍ତୁ ଦିଲ୍ଲୀର ମ୍ୟାଚ୍ ବାତିଲ ହେବା ଅନେକ ଦଳର ଟେନସନ୍ ବଢ଼ାଇ ଦେଇଛି।

### ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ୍)

#### ପଏଣ୍ଟ ତାଲିକା

| ଦଳ | ମ୍ୟାଚ୍ | ବିଜୟ | ପରାଜୟ | ପଏଣ୍ଟ |
|---|---|---|---|---|
| ରୟାଲ୍ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର | ୧୧ | ୦୮ | ୦୩ | ୧୬ |
| ଗୁଜରାଟ ଟାଇଟନ୍ସ | ୧୧ | ୦୮ | ୦୩ | ୧୬ |
| ପଞ୍ଜାବ କିଙ୍ଗ୍ସ | ୧୧ | ୦୭ | ୦୩ | ୧୫ |
| ମୁମ୍ବାଇ ଇଣ୍ଡିଆନ୍ସ | ୧୨ | ୦୭ | ୦୫ | ୧୪ |
| ଦିଲ୍ଲୀ କ୍ୟାପିଟାଲ୍ | ୧୧ | ୦୬ | ୦୪ | ୧୩ |
| କୋଲକାତା ନାଇଟ୍ ରାଇଡର୍ସ | ୧୧ | ୦୫ | ୦୫ | ୧୧ |
| ଲକ୍ଷ୍ମୌ ସୁପର ଜିଆଣ୍ଟସ | ୧୧ | ୦୫ | ୦୬ | ୧୦ |
| ସନରାଇଜର୍ସ ହାଇଦ୍ରାବାଦ | ୧୧ | ୦୩ | ୦୭ | ୦୭ |
| ରାଜସ୍ଥାନ ରୟାଲ୍ସ | ୧୨ | ୦୩ | ୦୯ | ୦୬ |
| ଚେନ୍ନାଇ ସୁପର କିଙ୍ଗ୍ସ | ୧୧ | ୦୨ | ୦୯ | ୦୪ |

### ଜିଲ୍ଲାସ୍ତରୀୟ ଆନ୍ତଃ ବିଦ୍ୟାଳୟ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

# ଶେଷ ଲିଗ୍ ମ୍ୟାଚରେ ସ୍ୱପିଲ ରଣା ହିରୋ




କେନ୍ଦ୍ରାପଡ଼ା,୬।୫: କେନ୍ଦ୍ରାପଡ଼ା ଜିଲ୍ଲା କ୍ରିକେଟ୍ ଆସୋସିଏସନ ଏବଂ ଓସିଏର ମିଳିତ ଆନୁକୂଲ୍ୟରେ ବିଜୁ ପଟ୍ଟନାୟକ ଷ୍ଟାଡିୟମ୍ରେ ଜିଲ୍ଲାସ୍ତରୀୟ ଆନ୍ତଃ ବିଦ୍ୟାଳୟ (୧୫ବର୍ଷରୁ କମ) କ୍ରିକେଟ ଟୁର୍ଣ୍ଣାମେଣ୍ଟର ପଞ୍ଚଦଶ(ଶେଷ) ଲିଗ ମ୍ୟାଚ୍ ସ୍କୁଲ-ଇ ଓ ସ୍କୁଲ-ଡି ମଧ୍ୟରେ ଖେଳାଯାଇଥିଲା। ସ୍କୁଲ-ଇ ପ୍ରଥମେ ଟସ ଜିତି ବ୍ୟାଟିଂ କରି ୨୫.୫ ଓଭରରେ ୬୦ ରନ୍ କରିଥିଲେ। ଜବାବରେ ସ୍କୁଲ-ଡି ୯ ଓଭରରେ ଗୋଟିଏ ଉଇକେଟ ହରାଇ ୬୩ ରନ୍ କରି ଅଲଆଉଟ ହୋଇଯାଇଥିଲେ। ଫଳରେ ଏଥିରେ ସ୍କୁଲ-ଡି ୯ଉଇକେଟରେ ବିଜୟୀ ହୋଇଛି। ସ୍କୁଲ-ଡି ଦଳର ସ୍ୱପିଲ ରଣା ବ୍ୟାଟିଂ କରି ୨୬ବଲରେ ୨ଟି ଚୌକା ସହ ୧୫ରନ କରିଥିବା ବେଳେ ୬.୫ଓଭର ବୋଲିଂ କରି ୧ଟି ମେଡେନ ସହ ୧୫ରନ ଦେଇ ୪ଟି ଉଇକେଟ ଅକ୍ତିଆର କରି ମ୍ୟାନ୍ ଅଫ ଦି ମ୍ୟାଚ ହୋଇଥିଲେ। ସେହିପରି ଶୁଭମ ମହାରଣା ମ୍ୟାନ ଅଫ ସିରିଜ ହୋଇଥିଲେ।

ଅତିଥି ଭାବେ ସେକ ସଇଫୁଲ୍ଲା ଓ ଅକିଲ ଅହମଦ ଯୋଗଦେଇ ମ୍ୟାନ ଅଫ ଦି ମ୍ୟାଚ ହୋଇଥିବା ସ୍ୱପିଲଙ୍କୁ ଓ ମ୍ୟାନ ଅଫ ଦି ସିରିଜ ହୋଇଥିବା ଶୁଭମଙ୍କୁ ଟ୍ରଫି ପ୍ରଦାନ କରିଥିଲେ। କଳିକତାରର ବିଶ୍ୱାସ ସ୍ପୋର୍ଟସ ପକ୍ଷରୁ ମ୍ୟାନ ଅଫ ଦି ସିରିଜ ହୋଇଥିବା ବିଜେତାଙ୍କୁ ବ୍ୟାଟ ପ୍ରଦାନ କରିଥିଲେ।

ବିଶ୍ୱଜିତ ଅଧିକାରୀ ଓ ରାଜେଶ ପାତ୍ର ଅମ୍ପାୟର ଭାବେ ମ୍ୟାଚ ପରିଚାଳନା କରିଥିଲେ। ସ୍କୋରର ଭାବେ ଚିରଞ୍ଜିବୀ ବଳ କାର୍ଯ୍ୟ ତୁଲାଇଥିବା ବେଳେ ବରଦା କାନ୍ତ ବରାଳ ଖେଳର ଧାରା ବିବରଣୀ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା କ୍ରିକେଟ ଆସୋସିଏସନର ସମ୍ପାଦକ ଶୁଭାଶିଷ ସେନାପତିଙ୍କ ନେତୃତ୍ୱରେ ଆକବର ଅଲ୍ଲୀ ଖାଁ, ସମିର କୁମାର ମହାପାତ୍ର, ଅସିତ ଦାସ ପ୍ରମୁଖ ଖେଳ ପରିଚାଳନା କରିଥିଲେ।

## ସଚିନ ହେବି ବୋଲି କହୁଥିଲେ କୋହଲି

ନୂଆଦିଲ୍ଲୀ: ପିଲାଟି ଦିନରୁ ସଚିନ ତେନ୍ଦୁଲକରଙ୍କ ପରି କ୍ରିକେଟର୍ ହେବାକୁ ଚାହୁଁଥିଲେ ଷ୍ଟାର ଇଣ୍ଡିଆ। ବ୍ୟାଟ୍ସମ୍ୟାନ୍ ବିରାଟ କୋହଲି।ଏନେଇ ତାଙ୍କ ସ୍କୁଲ୍ ଶିକ୍ଷୟିତ୍ରୀ ବିଭା ସଚଦେବ ସ୍ପଷ୍ଟ କରିଛନ୍ତି ବିରାଟଙ୍କର ପିଲାଦିନରୁ ଭାରତର ପରବର୍ତ୍ତୀ ସଚିନ ତେନ୍ଦୁଲକର ହେବାର ଆକାଂକ୍ଷା ଥିଲା। ବିରାଟ କୋହଲିଙ୍କୁ ଆଜି ସମସ୍ତ ଫର୍ମାଟରେ ସର୍ବୋତ୍ତମ ବ୍ୟାଟ୍ସମ୍ୟାନ୍ ଏବଂ ସଚିନଙ୍କ ସ୍ଥାନ ନେଇ ପାରିଥିବା ଭାରତୀୟ ଖେଳାଳି ଭାବରେ ବିବେଚନା କରାଯାଉଛି। ୩୬ ବର୍ଷୀୟ ଖେଳାଳୀଙ୍କ ବିଷୟରେ ନିକଟରେ ତାଙ୍କ ସ୍କୁଲ ଶିକ୍ଷୟିତ୍ରୀ ତାଙ୍କର ପିଲାଦିନ ବିଷୟରେ ଅନେକ କଥା କହିଥିଲେ ଏବଂ ପ୍ରକାଶ କରିଥିଲେ ଯେ ସେ ସମସ୍ତ ସ୍କୁଲ କାର୍ଯ୍ୟକଳାପରେ ଅଂଶଗ୍ରହଣ କରିବାକୁ ଭଲପାଆନ୍ତି। ସେ ଏହା ମଧ କହିଥିଲେ ଯେ କୋହଲି ଛୋଟ ବୟସରୁ ହିଁ ଭାରତର ପରବର୍ତ୍ତୀ ସଚିନ ତେନ୍ଦୁଲକର ହେବାକୁ ମନସ୍ଥ କରିଥିଲେ ।ଲୋକମାନେ ତାଙ୍କ ଦୃଢ଼ତା ଏବଂ ଆତ୍ମବିଶ୍ୱାସକୁ ସେ ସମୟରୁ ହିଁ ଦେଖି ସାରିଥିଲେ ।

# ବଳାତ୍କାର ଅଭିଯୋଗରେ ଫସିଲେ ଆଇପିଏଲ୍ କ୍ରିକେଟର





ନୂଆଦିଲ୍ଲୀ,୬।୫: ପୂର୍ବତନ ମୁମ୍ବାଇ ଇଣ୍ଡିଆନ୍ସ କ୍ରିକେଟର ଶିବାଲିକ ଶର୍ମାଙ୍କୁ ରାଜସ୍ଥାନର ଯୋଧପୁରର କୁଡି ଭଗତସୁନି ହାଉସିଂ ବୋର୍ଡ ପୋଲିସ ଗିରଫ କରିଛି। ଏହି ପୂର୍ବତନ ଆଇପିଏଲ କ୍ରିକେଟରଙ୍କ ଉପରେ ତାଙ୍କର ଜଣେ ବନ୍ଧୁ ବଳାତ୍କାରର ଅଭିଯୋଗ ଆଣିଛନ୍ତି। ତାଙ୍କ ବିରୋଧରେ ଏହି ଅଭିଯୋଗ ଆଣିଥିବା ଯୁବତୀ ମଧ ତାଙ୍କ ସହିତ ନିର୍ବନ୍ଧ ହୋଇଥିବା ଜଣାପଡ଼ିଛି।

କ୍ରିକେଟର ଶିବାଲିକ ଶର୍ମା ଏବଂ ଅଭିଯୋଗ ଆଣିଥିବା ଯୁବତୀ ଇନଷ୍ଟାଗ୍ରାମ ମାଧ୍ୟମରେ ବନ୍ଧୁ ହୋଇଥିଲେ। ଏହା ପରେ ଉଭୟଙ୍କ ମଧ୍ୟରେ ବନ୍ଧୁତା ପ୍ରେମରେ ପରିଣତ ହୋଇଥିଲା। ଏହି ସମୟ ମଧ୍ୟରେ, ଶିବାଲିକ ତାଙ୍କୁ ଭେଟିବା ପାଇଁ ଅନେକ ଥର ଯୋଧପୁର ମଧ ଯାଇଥିଲେ। କ୍ରିକେଟର ଜଣକ ତାଙ୍କୁ ବିବାହ କରିବାକୁ ପ୍ରତିଶ୍ରୁତି ଦେଇଥିଲେ ଏବଂ ଦୁହିଁଙ୍କ ନିର୍ବନ୍ଧ ମଧ ହୋଇଥିଲା ଯୁବତୀ ଅଭିଯୋଗ କରିଛନ୍ତି ଯେ, ଶିବାଲିକ ତାଙ୍କୁ ବିବାହ ପାଇଁ ବାରମ୍ବାର ପ୍ରତାରିତ କରୁଥିଲେ ଏବଂ ତାଙ୍କ ସହିତ ଶାରୀରିକ ସମ୍ପର୍କ ମଧ ରଖିଥିଲେ। ପ୍ରାୟ ଗୋଟିଏ ବର୍ଷ ଏକାଠି ରହିବା ପରେ, ଶିବାଲିକଙ୍କ ପରିବାର ତାଙ୍କୁ ବିବାହ କରିବାକୁ ମନା କରିଦେଇଥିଲେ। ପରେ ଯୁବତୀ କୁଡି ଥାନାରେ ଶିବାଲିକ ଏବଂ ତାଙ୍କ ପରିବାର ସଦସ୍ୟଙ୍କ ବିରୋଧରେ ମାମଲା ଦାୟର କରିଥିଲା। ଏହି ଗମ୍ଭୀର ଅଭିଯୋଗ ପରେ, ଭଡୋଦରାର ଅଟଲାଦରା ଥାନା ଅଞ୍ଚଳରୁ ଶିବାଲିକଙ୍କୁ ଗିରଫ କରାଯାଇଥିଲା।ତାଙ୍କୁ ଯୋଧପୁର କୋର୍ଟରେ ହାଜର କରାଯାଇଥିଲା, ପରେ ତାଙ୍କୁ ନ୍ୟାୟିକ ହେପାଜତକୁ ପଠାଇ ଦିଆଯାଇଥିଲା। ଗତ ବର୍ଷ (୨୦୨୪) ଆଇପିଏଲରେ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ନେତୃତ୍ୱାଧୀନ ମୁମ୍ବାଇ ଇଣ୍ଡିଆନ୍ସ ଦଳରେ ଶିବାଲିକ ଶର୍ମାଙ୍କୁ ସାମିଲ କରାଯାଇଥିଲା। ତାଙ୍କୁ ୨୦ ଲକ୍ଷ ଟଙ୍କାରେ କିଣାଯାଇଥିଲା, ଯଦିଓ ସେ ଗୋଟିଏ ବି ମ୍ୟାଚ ଖେଳିପାରି ନ ଥିଲେ। ଚଳିତ ବର୍ଷ ୨୦୨୫ରେ ସେ କୌଣସି ଦଳର ଅଂଶ ନାହାନ୍ତି। ଘରୋଇ ଟର୍ନାମେଣ୍ଟରେ ବରୋଦା କ୍ରିକେଟ ଦଳ ପାଇଁ ଖେଳିଥିବା ଶିବାଲିକ ୧୮ଟି ପ୍ରଥମ ଶ୍ରେଣୀ ମ୍ୟାଚ ଖେଳି ୧୦୮୭ ରନ କରିଥିଲେ। ଏଠାରେ ସେ ୩ ଶତକ ଏବଂ ୫ ଅର୍ଦ୍ଧଶତକୀୟ ଇନିଂସ ଖେଳିଥିଲେ ସେ ଲିଷ୍ଟ ଏରେ ଖେଳାଯାଇଥିବା ୧୩ଟି ମ୍ୟାଚ୍ରେ ୩୨୨ ରନ କରିଥିଲେ। ସେ ୧୯ଟି ଟି-୨୦ ମ୍ୟାଚ ମଧ ଖେଳି ୩୪୯ ରନ କରିଥିଲେ। ସେ ଚଳିତ ବର୍ଷ ଜାନୁଆରୀରେ ରଣଜୀ ଟ୍ରଫିରେ ତାଙ୍କର ଶେଷ ମ୍ୟାଚ ଖେଳିଥିଲେ। ଜମ୍ମୁ ଏବଂ କଶ୍ମୀର ବିପକ୍ଷ ଏହି ମ୍ୟାଚ୍ରେ ସେ ୬୪ ଏବଂ ୧୮ ରନ କରିଥିଲେ।

# ଫ୍ରେଞ୍ଚ ଓପନ : ଇଭା ଜୋଭିକ, ଏମିଲିଓ ନାଭାଙ୍କୁ ୱାଇଲ୍ଡ କାର୍ଡ





ଫ୍ଲୋରିଡା,୬।୫: ୧୭ ବର୍ଷୀୟା ଇଭା ଜୋଭିକ ଓ ୨୩ ବର୍ଷୀୟ ଏମିଲିଓ ନାଭା ଫ୍ରେଞ୍ଚ ଓପନ ୱାଇଲ୍ଡ କାର୍ଡ ହାସଲ କରିଛନ୍ତି। ଗତ ୫ ସପ୍ତାହ ଧରି ହୋଇଥିବା ଟୁର୍ନାମେଣ୍ଟରେ ସର୍ବାଧିକ ପଏଣ୍ଟ ହାସଲ କରିଥିବାରୁ ଦୁହିଁଙ୍କୁ ୟୁଏସ୍ ଟେନିସ ଆସୋସିଏଶନ ପକ୍ଷରୁ ସୋମବାର ଫ୍ରେଞ୍ଚ ଓପନ ଲାଗି ୱାଇଲ୍ଡ କାର୍ଡ ଦିଆଯାଇଛି।

ଜୋଭିକ ଲଗାତର ତୃତୀୟ ଥର ପାଇଁ ଗ୍ରାଣ୍ଡସ୍ଲାମ ଇଭେଣ୍ଟରେ ଭାଗ ନେବାକୁ ଯାଉଛନ୍ତି। ସେ ଗତ ସେପ୍ଟେମ୍ବରରେ ୟୁଏସ୍ ଓପନ ଓ ଜାନୁଆରୀରେ ଅଷ୍ଟ୍ରେଲିଆନ ଓପନର ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଥିଲେ। ବର୍ତ୍ତମାନ ସେ ୧୨୦ତମ ର୍‍ୟାଙ୍କରେ ଅଛନ୍ତି। ଅନ୍ୟପକ୍ଷରେ ୧୩୭ତମ ସ୍ଥାନରେ ନାଭା ଫ୍ରେଞ୍ଚ ଓପନରେ ଦ୍ୱିତୀୟ ଥର ପାଇଁ ଖେଳିବାକୁ ଯାଉଛନ୍ତି।

# ଇଂଲଣ୍ଡ ଟୁରରେ ଯିବ ଭାରତ ଏ ଦଳ



ନୂଆଦିଲ୍ଲୀ,୬।୫: ଆସନ୍ତା ୨୫ ତାରିଖରେ ଭାରତ ଏ ଦଳ ଇଂଲଣ୍ଡ ଟୁର କରିବାର ବିଶେଷ ସମ୍ଭାବନା ରହିଛି ଏପର୍ଯ୍ୟନ୍ତ ଦଳ ଘୋଷଣା ହୋଇ ନ ଥିବା ବେଳେ ଅଜିତ ଅଗରକରଙ୍କ ନେତୃାଧୀନ ଚୟନ କମିଟି ଚିହ୍ନଟ କରିଥିବା ଖେଳାଳିଙ୍କ ଲାଗି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ବ୍ୟବସ୍ଥା ଆରମ୍ଭ କରିଛି।

ପ୍ରାରମ୍ଭିକ ଯୋଜନା ଅନୁଯାୟୀ, ଆଇପିଏଲ୍ର ପ୍ଲେଅଫ୍ରେ ସ୍ଥାନ ପାଇ ନ ଥିବା ଭାରତ ଏ ଖେଳାଳିମାନେ ଏକାଠି ଇଂଲଣ୍ଡ ଅଭିମୁଖେ ଯାତ୍ରା କରିବେ ଅନ୍ୟମାନେ ଆଇପିଏଲ୍ ଶେଷ ହେବା ପରେ ଇଂଲଣ୍ଡରେ ପହଞ୍ଚିବେ ବିସିସିଆଇ ପକ୍ଷରୁ ଅନେକ ଖେଳାଳିଙ୍କୁ ଯୋଗାଯୋଗ କରାଯାଇଛି। ସେମାନଙ୍କ ପାସପୋର୍ଟ ବ୍ୟବସ୍ଥା କରାଯିବା ସହ ଜର୍ସି ଆକାର ନିଆଯାଇଛି ଭାରତ ଏ ଆସନ୍ତା ୩୦ ତାରିଖରୁ ଇଂଲଣ୍ଡ ଲାୟନ୍ସ ବିପକ୍ଷରେ ୩ଟି ୪ ଦିନିଆ। ମ୍ୟାଚ୍ ଖେଳିବ ପ୍ରଥମ ମ୍ୟାଚ୍ ୩୦ ତାରିଖରୁ କାଣ୍ଟରବୁରୀରେ ଖେଳାଯିବ। ଏହି ସିରିଜ୍ରେ ଭଲ ପ୍ରଦର୍ଶନ କରିଥିବା ଖେଳାଳିଙ୍କୁ ଜୁନ ୨୦ ତାରିଖରୁ ଇଂଲଣ୍ଡ ବିପକ୍ଷରେ ଆରମ୍ଭ ହେବାକୁ ଥିବା ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ ଲାଗି ଭାରତୀୟ ଦଳରେ ଚୟନ କରାଯିବ ଏହି ସିରିଜ୍ ପାଇଁ ମୁଖ୍ୟ ଭାରତୀୟ ଦଳ ଜୁନ ପ୍ରଥମ ସପ୍ତାହରେ ଇଂଲଣ୍ଡ ଯାତ୍ରା କରିବ।

# କ୍ଲାସିକ କ୍ରିକେଟ ଲିଗ୍ରେ ସାଇ ୧୧ ଚାମ୍ପିଅନ




ଖୋର୍ଦ୍ଧା,୬।୫: ସ୍ଥାନୀୟ ବି ଜେ ବି ହାଇସ୍କୁଲ ମିନି ଷ୍ଟାଡିୟମରେ ଆୟୋଜିତ କ୍ଲାସିକ୍ କ୍ରିକେଟ ଲିଗ୍ ର ଫାଇନାଲ ଖେଳରେ ବର୍ମନ୍ ଏମ୍ପୁରଂସ୍ କୁ ହରାଇ ସାଇ ଇଲେଭେନ୍ ଚମ୍ପିୟାନ ହୋଇଛି। ପ୍ରଥମେ ଟସ୍ ରେ ବିଜୟ ହୋଇ ସାଇ ୧୧ ଦଳ ୭ ୱିକେଟ ବିନିମୟରେ ୨୩୩ ରନ କରିଥିଲେ। ଦଳ ତରଫରୁ ଜିତେନ୍ ଜେନା ୨୫ ବଲ୍ ରୁ ୮୦ ରନ କରିଥିଲେ। ବଦଳରେ ବର୍ମନ ଦଳ ୬ ୱିକେଟ ହରାଇ ୧୯୯ ରନ ରେ ସୀମିତ ରହିଥିଲା। ଦଳ ତରଫରୁ ସରୋଜ ପଟ୍ଟନାୟକ ୨୮ ବଲରୁ ୫୧ ରନ କରିଥିଲେ। ଏହି ମ୍ୟାଚ୍ କୁ ସାଇ ଦଳ ୩୪ ରନରେ ବିଜୟୀ ହୋଇଛି। ରାତ୍ରି କାଳୀନ ଏହି ଲିଗ୍କୁ ମୁଖ୍ୟ ଅତିଥି ଭାବେ କ୍ୟାପଟେନ ମନ୍ମଥ ରାଉତରାୟ,ସମ୍ମାନିତ ଅତିଥି ଭାବେ ସୌମେନ୍ଦ୍ର ସାମନ୍ତରାୟ, ଚଣ୍ଡୀ ପ୍ରସାଦ ଆଚାର୍ଯ୍ୟ,ଶୁଭ୍ରାଂଶୁ ସାମନ୍ତରାୟ ,ବିରଞ୍ଚି ନାରାୟଣ ଜେନା ପ୍ରମୁଖ ଯୋଗ ଦେଇଥିବା ବେଳେ ବହୁ କ୍ରୀଡା ପ୍ରେମୀ ଉପସ୍ଥିତ ଥିଲେ। ଏହି ଲିଗ୍ ରେ ୬ ଟି ଦଳ ଭାଗ ନେଇଥିବାବେଳେ ୧୦୦ ରୁ ଅଧିକ ଖେଳାଳିଙ୍କୁ ସୁଯୋଗ ଦିଆଯାଇଥିଲା। ଜିତେନ୍ ଜେନା ଲିଗ୍ ର ସର୍ବଶ୍ରେଷ୍ଠ ଖେଳାଳି ଘୋଷିତ ହୋଇଥିଲେ। ଶ୍ରେଷ୍ଠ ବୋଲର ଭାବେ ଶୁଭମ୍ ନାୟକ,ସର୍ବାଧିକ ଚଉକା ଅସଲମ୍ ଖାଁ ଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ବିଜୟୀ ସାଇ ୧୧ ଦଳକୁ ଟ୍ରଫି ସହ ଆର୍ଥିକ ପୁରସ୍କାର ଓ ରନର୍ସ ଅପ ଦଳ ଭାବେ ବର୍ମନ୍ ଏମ୍ପରଂସ୍ ଦଳକୁ ଟ୍ରଫି ସହ ଆର୍ଥିକ ପୁରସ୍କାର ଅତିଥି ମାନଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା। ଜିତୁ ପାତ୍ର ଏବଂ ଆୟୁଷ୍ମାନ ସିଂ ଓ ବିଶ୍ୱାସ ସାହୁ ଖେଳକୁ ପରିଚାଳନା କରିଥିଲେ।

# ଅଧିନାୟକ ପଦ ଛାଡ଼ିବା ଉପରେ ମୁହଁ ଖୋଲିଲେ ବିରାଟ




ବେଙ୍ଗାଲୁରୁ,୬।୫: ଆଥଲେଟ୍ଙ୍କ ଜୀବନରେ ଏମିତି ସମୟ ଆସେ, ଯେତେବେଳେ ସମର୍ଥକଙ୍କ ଆଶା ଆହୁରି ଭଲ ପ୍ରଦର୍ଶନ କରିବାକୁ ମୋଟିଭେଶନ ଯୋଗାଇବା ବଦଳରେ ଏକ ବୋଝ ପାଲଟିଯାଏ। ଭାରତୀୟ ଦଳର ଷ୍ଟାର ବ୍ୟାଟର ବିରାଟ କୋହଲିଙ୍କ କ୍ୟାରିୟରରେ ୨୦୧୬ରୁ ୨୦୧୯ ମଧ୍ୟରେ ସେଭଳି ସମୟ ଆସିଥିଲା। ଏହି ବୋଝ ଅତ୍ୟଧିକ ହେବାରୁ କୋହଲି ଭାରତୀୟ ଦଳ ଓ ଆଇପିଏଲରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍ସିବି)ର ଅଧିନାୟକ ପଦ ଛାଡ଼ିଥିଲେ। ଏ ନେଇ କୋହଲି ମଙ୍ଗଳବାର ଆର୍ସିବି ପଡକାଷ୍ଟରେ ପ୍ରକାଶ କରିଛନ୍ତି।

୮ରୁ ୯ ବର୍ଷ ହେଲା ଭାରତୀୟ ଦଳ ଓ ୯ ବର୍ଷ ଧରି ଆର୍ସିବି ଦଳର ନେତୃତ୍ୱ ନେଉଥିଲି। ଏଥିସହିତ ପ୍ରତ୍ୟେକ ମ୍ୟାଚ୍ରେ ମୁଁ ବ୍ୟାଟରେ ପ୍ରଦର୍ଶନ କରିବି ବୋଲି ସମର୍ଥକଙ୍କ ଆଶା ମଧ ରହିଥିଲା। ଏହା ଅତ୍ୟଧିକ ହୋଇଯାଇଥିଲା। ଏହାକୁ ନେଇ ଅତ୍ୟଧିକ ଚର୍ଚ୍ଚା ଓ ତୀବ୍ରତା ଯୋଗୁ ମୋ ପାଖରେ ନିଶ୍ୱାସ ନେବାକୁ ସ୍ଥାନ ମିଳୁ ନ ଥିଲା।ମୁଁ କଦାପି ଚର୍ଚ୍ଚାରେ ନ ଥିବା ଭଳି ଅନୁଭବ କରିନାହିଁ।ଲଗାତର ମୋ ନେତୃତ୍ୱ ଓ ପ୍ରଦର୍ଶନକୁ ସମୀକ୍ଷା କରାଯାଉଥିଲା।

ଶେଷରେ ମୋତେ ନିଜକୁ ପଚାରିବାକୁ ପଡ଼ିଥିଲା ଯେ, ମୁଁ ଏବେ ବି ଖୁସି ଅଛି କି ମୁଁ ଏହାକୁ ଜାରି ରଖିବାକୁ ଚାହୁଁଛି କି ବୋଲି କୋହଲି କହିଛନ୍ତି।୨୦୨୧ ଆଇପିଏଲ୍ ଶେଷ ହେବା ପରେ କୋହଲି ଆର୍ସିବି ନେତୃତ୍ୱରୁ ଓହରି ଯାଇଥିଲେ। ଏହାପରେ ସେ ଭାରତୀୟ ଟି୨୦ ଦଳର ନେତୃତ୍ୱ ମଧ ଛାଡ଼ିବା ପରେ ତାଙ୍କୁ ଦିନିକିଆ ଦଳର ନେତୃତ୍ୱରୁ ବିସିସିଆଇ ହଟାଇଥିଲା। ୨୦୨୨ ଆରମ୍ଭରେ କୋହଲି ଟେଷ୍ଟ ଦଳର ନେତୃତ୍ୱ ମଧ ଛାଡ଼ିଥିଲେ।

## ଆପିଏଲରେ ଇତିହାସ ରଚିଲେ ପ୍ୟାଟ୍ କମିନ୍ସ

ନୂଆଦିଲ୍ଲୀ,୬।୫: ସନରାଇଜର୍ସ ହାଇଦ୍ରାବାଦର ଅଧିନାୟକ ପ୍ୟାଟ କମିନ୍ସ ଆଇପିଏଲ ଟୁର୍ନାମେଣ୍ଟରେ ଚମତ୍କାର ରେକର୍ଡ କରିଛନ୍ତି ଏମିତି ରେକର୍ଡ ୧୮ ବର୍ଷ ମଧ୍ୟରେ କୌଣସି ଅଧିନାୟକ କରିପାରି ନାହାଁନ୍ତି କମିନ୍ସଙ୍କ ଅଧିନାୟକତ୍ୱରେ, ସନରାଇଜର୍ସ ହାଇଦ୍ରାବାଦ ଦଳ ଦିଲ୍ଲୀ କ୍ୟାପିଟାଲ୍ସ ବିପକ୍ଷରେ ଦୃଢ଼ ବୋଲିଂ କରିଥିଲେ। ଏହି ମ୍ୟାଚ୍ରେ ପାଉର ପ୍ଲେରେ ହିଁ ଦିଲ୍ଲୀ କ୍ୟାପିଟାଲ୍ସର ୩ଟି ଉଇକେଟ ନେଇଥିଲେ। କମିନ୍ସ ଏପରି କରିବାରେ ପ୍ରଥମ ବୋଲିଂ ଅଧିନାୟକ ହୋଇଛନ୍ତି। ଆଇପିଏଲ ଇତିହାସରେ ଏପର୍ଯ୍ୟନ୍ତ କୌଣସି ଅଧିନାୟକ ଏହି କୃତିତ୍ୱ ହାସଲ କରିନାହାଁନ୍ତି।

# ସନ୍‌ରାଇଜର୍ସଙ୍କୁ ବିଦା କଲା ବର୍ଷା

ହାଇଦ୍ରାବାଦ,୬।୫: ସନ୍‌ରାଇଜର୍ସ ହାଇଦ୍ରାବାଦର ପ୍ଲେ ଅଫ୍ ଆଶାକୁ ଶେଷରେ ବର୍ଷା ଧୋଇ ନେଇଛି କର ବା ମର ସ୍ଥିତିରେ ଥିବାରୁ ପ୍ରଭାବୀ ବୋଲିଂ କରିଥିଲେ ମଧ ବର୍ଷା କାରଣରୁ ଦଳ ଏକ ବିଜୟରୁ ବଞ୍ଚିତ ହୋଇଛି ଏବଂ ପ୍ଲେ ଅଫ୍ ଦୌଡ଼ରୁ ବାଦ୍ ପଡ଼ିଛି। ବାତିଲ ମ୍ୟାଚ୍ରୁ ଦିଲ୍ଲୀ କ୍ୟାପିଟାଲ୍ସ ମଧ ଗୋଟିଏ ପଏଣ୍ଟ୍ ନେଇ ଖୁସି ହୋଇଯାଇଛି।

ପୂର୍ବରୁ ଟସ୍ ହାରି ପ୍ରଥମେ ବ୍ୟାଟିଂ ପାଇଁ ଆମନ୍ତ୍ରିତ ଦିଲ୍ଲୀ କ୍ୟାପିଟାଲ୍ସ ପ୍ରଥମ ପାୱାର ପ୍ଲେ ଭିତରେ ୪ ୱିକେଟ୍ ହରାଇ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଏହି ୪ଟିରୁ ତିନିଟି ୱିକେଟ୍ ଅକ୍ତିଆର କରିଥିଲେ ସନ୍‌ରାଇଜର୍ସ ହାଇଦ୍ରାବାଦ ଅଧିନାୟକ ପ୍ୟାଟ୍ କମିନ୍ସ। ତାପୁଣି ଅପୂର୍ବ ସଂଯୋଗର ସହ ନିଜର ସ୍ପେଲ୍ର ୩ଟି ଯାକ ଓଭରରେ ଏହି ଅଷ୍ଟ୍ରେଲୀୟ ଦ୍ରୁତ ବୋଲର ପ୍ରତି ଥର ପ୍ରଥମ ବଲ୍ରେ ୱିକେଟ୍ ନେଇଥିଲେ। ମ୍ୟାଚ୍ର ପ୍ରଥମ ବଲ୍ରେ କରୁଣ ନାୟାର (୦)ଙ୍କୁ ପ୍ୟାଭିଲିଅନ୍ ପଠାଇବା ପରେ ନିଜ ଦ୍ୱିତୀୟ ଓଭର ପ୍ରଥମ ବଲ୍ରେ ଫାପ୍ ଡୁ ପ୍ଲେସିସ୍ (୩) ଏବଂ ତୃତୀୟ ଓଭର ପ୍ରଥମ ବଲ୍ରେ ଅଭିଷେକ ପୋରେଲ (୮)ଙ୍କୁ ସମାନ ରାସ୍ତା ଦେଖାଇଥିଲେ। ପ୍ରତିପକ୍ଷ ଅଧିନାୟକ ଅକ୍ଷର ପଟେଲ୍ (୬) ରନ୍ କରିଥିଲେ। ସେହିପରି କେଏଲ୍ ରାହୁଲ (୧୦)ଙ୍କୁ ଜୟଦେବ ଉନାଦକଟ୍ ମଧ ଈଶାନ କିଶନଙ୍କୁ ଚତୁର୍ଥ କ୍ୟାଚ୍ ଦେଇଥିଲା। ବିପ୍ରଜ ନିଗମ (୧୮) ବି ପ୍ରଥମ ବଲ୍ରେ ରନ୍ ଆଉଟ୍ ହୋଇଥିଲେ। ତ୍ରୟୋଦଶ ଓଭର ଆରମ୍ଭ ବେଳକୁ ୬୨/୬ରେ ସଂଘର୍ଷ କରିଥିବା ଦିଲ୍ଲୀ ପାଇଁ ଟ୍ରିଷ୍ଟନ୍ ଷ୍ଟବ୍ସ (୩୬ ବଲ୍ରୁ ୪୧ଅପରାଜିତ ରନ୍) ଏବଂ ଇମ୍ପାକ୍ଟ ଖେଳାଳି ଆଶୁତୋଷ ଶର୍ମା (୨୬ ବଲ୍ରୁ ୪୧ ରନ୍) ୬୬ ରନ୍ ଭାଗୀଦାରି କରି କିଛିଟା ସମ୍ମାନ ରକ୍ଷା କରିଥିଲେ ।

Printed & Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 & Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ